**୨୦ ଲିଟର ମଦ ଜବତ: ଜଣେ ଗିରଫ**

ଲୋଇସିଂହା,(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଆଗଲପୁର ପୋଲିସ ହଳଦୀପଦର ଗ୍ରାମରେ ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କ ଠାରୁ ୨୦ ଲିଟର ରନ୍ଧାମଦ ମଙ୍ଗଳବାର ଜବତ କରିଛି। ଗିରଫ ବ୍ୟକ୍ତି ଜଣକ ହେଲେ ଉଦ୍ଧବ ଗହାର । ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ଭାରପ୍ରାପ୍ତ ଥାନାଧିକାରୀ ବାସୁଦେବ ଭୋଇ କହିଛନ୍ତି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# କୈବର୍ତ୍ତ ସମାଜ ପକ୍ଷରୁ ବାର୍ଷିକ ଚୈତ୍ର ପୂର୍ଣ୍ଣିମା ପୂଜା

**ସମ୍ବଲପୁର,୨୩।୪(ପ୍ରମୋଦ ବହିଦାର)**

ସମ୍ବଲପୁର ଦଳେଇପଡ଼ାସ୍ଥିତ ଶ୍ରୀପାଟବୁଢ଼ୀ ସମଲେଇ ମନ୍ଦିର ପ୍ରାଙ୍ଗଣରେ କୈବର୍ତ୍ତ ସମାଜ ପକ୍ଷରୁ ବାର୍ଷିକ ଚୈତ୍ର ପୂର୍ଣ୍ଣିମା ପୂଜା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସକାଳେ ସମାଜର ମହିଳାମାନେ ଏକ କଳସ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ସ୍ଥାନୀୟ ମାରୱାଡ଼ି ପଡ଼ା ଘାଟରୁ ମହାନଦୀର ପବିତ୍ର ଜଳ ଧାରଣ କରି ସମଲେଇ ମନ୍ଦିରରେ ବିଧି ପୂର୍ବକ ପୂଜାର୍ଚ୍ଚନା ସହକାରେ କଳସ ସ୍ଥାପନା କରିଥିଲେ। ଏହି ଅବସରରେ ନିକଟସ୍ଥ କଲ୍ୟାଣ ମଣ୍ଡପରେ ସମାଜର ଏକ ସାଧାରଣ ସଭା ହୋଇଥିଲା। ଏଥିରେ ଆଖପାଖ ଗ୍ରାମରୁ କୈବର୍ତ୍ତ ସମାଜର ବହୁ ସଂଖ୍ୟାରେ ସଦସ୍ୟ ଯୋଗ ଦେଇଥିଲେ। କୈବର୍ତ୍ତ ସମାଜର ଉପସଭାପତି ଶିଶିର ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିଭାବେ ଦୁଃଖ ନାସନ ବେହେରା, ଶ୍ୟାମସୁନ୍ଦର ସେଠ୍, ସୁରେନ୍ଦ୍ର ନାଏକ, ବିଶ୍ୱଜିତ ଦେହୁରୀ, କରନ ସେଠ, ନାରାୟଣ ନାଏକ, ବବଲୁ ବାଗ, ରମେଶ ବାରିକ, ଚୈତନ୍ୟ ନାୟକ, ପ୍ରଭାକର ସେଠ୍, କୈବର୍ତ୍ତ ସମାଜର ସମ୍ପାଦକ ସଞ୍ଜୀବ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ପର୍ବତାରୋହୀ ଲିପିକା ସେଠ୍‌ଙ୍କୁ କୈବର୍ତ୍ତ ସମାଜ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ପ୍ରଦନା ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଜେଡି ପକ୍ଷରୁ ମହିଳା ଶୋଭାଯାତ୍ରା

- ସମଲେଶ୍ୱରୀ ଓ ପାଟଣେଶ୍ୱରୀ ମନ୍ଦିରକୁ ଯାଇ ଦୀପ ଜଳାଇଲେ
- ଶୋଭାଯାତ୍ରାରେ ସାମିଲ ହେଲେ ବିଜେଡି ବିଧାୟକ ପ୍ରାର୍ଥୀ କଲିକେଶ

**ବଲାଙ୍ଗୀର,୨୩।୪(ବୀରେନ୍ଦ୍ର କୁମାର ଝାଙ୍କର)**



ବିଜେଡି ବିଧାୟକ ପ୍ରାର୍ଥୀ କଲିକେଶଙ୍କ ସହ ମହିଳାମାନେ ସମଲେଶ୍ୱରୀ ମନ୍ଦିରରୁ ପାଟଣେଶ୍ୱରୀ ମନ୍ଦିରକୁ ଯାଉଛନ୍ତି।

ବଲାଙ୍ଗୀର ବିଜେଡି ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଏକ ବିଶାଳ ମହିଳା ଶୋଭାଯାତ୍ରା ସହର ପରିକ୍ରମା କରିଛି। ରାଜେନ୍ଦ୍ର ପାର୍କ ସମ୍ମୁଖରୁ ବାହାରିଥିବା ଏହି ଶୋଭାଯାତ୍ରା କଚେରୀ ଛକ, ମେନ୍‌ମାର୍କେଟ, ପାଟଣା ହୋଟେଲ ଛକ ଦେଇ ସମଲେଶ୍ୱରୀ ମନ୍ଦିରରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ବଲାଙ୍ଗୀର ବିଜେଡି ବିଧାୟକ ପ୍ରାର୍ଥୀ କଲିକେଶ ନାରାୟଣ ସିଂଦେଓ, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ଏବଂ ମନ୍ମଥ ନାରାୟଣ ସିଂଦେଓ, ଜିଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ପୂର୍ବତନ ପୌରାଧ୍ୟକ୍ଷା ସନ୍ତୋଷିନୀ ବେହେରା, ବିଭିନ୍ନ ୱାର୍ଡର ବିଜେଡି ମହିଳା ସମର୍ଥକ ସାମିଲ ହୋଇଥିଲେ। ମହିଳାମାନେ ହାତରେ ଜୁଗାର ଓ ଦୀପ ଧରି ସମଲେଶ୍ୱରୀ ମନ୍ଦିରକୁ ଯାଇ ଦୀପଜାଳି ବିଜେଡି ପ୍ରାର୍ଥୀ କଲିକେଶଙ୍କୁ ବିଜୟୀ କରାଇବାକୁ ନିବେଦନ କରିଥିଲେ। ଏହାପରେ ସେଠାରୁ ପାଟଣେଶ୍ୱରୀ ମନ୍ଦିରକୁ ଯାଇ ସେଠାରେ ମଧ୍ୟ ଦୀପ ଜଳାଇବା ସହ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ କଲିକେଶ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ, ବଲାଙ୍ଗୀରବାସୀ ବିଜେଡି ସହ ରହିଛନ୍ତି। ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ ଲୋକେ ଦେଖିଛନ୍ତି। ବଲାଙ୍ଗୀରରେ ଯେଉଁ ବିକାଶ ହୋଇଛି ସେଥିପ୍ରତି ଦୃଷ୍ଟି ଦେଇ ସେମାନେ ପୁଣି ଥରେ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରାଇବାକୁ କହିଥିଲେ। ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ବଲାଙ୍ଗୀରବାସୀ ଏଥର କଲିକେଶଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରାଇବାକୁ କହିଥିଲେ।

# ପ୍ରବୀଣ ବର୍ମା ଟିପିଡବ୍ଲ୍ୟୁଓଡିଏଲର ନୂତନ ସିଇଓ

**ସମ୍ବଲପୁର,୨୩।୪(ବି.ଶଙ୍କର)**



ନୂତନ ସିଇଓ ପ୍ରବୀଣ କୁମାର ବର୍ମା।

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ଼(ଟିପିଡବ୍ଲ୍ୟୁଓଡିଏଲ)ର ନୂତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଭାବେ ପ୍ରବୀଣ କୁମାର ବର୍ମା ଦାୟିତ୍ୱ ଗହଣ କରିଛନ୍ତି। ସୋମବାର ବୁର୍ଲା ସ୍ଥିତ ଟିପିଡବ୍ଲ୍ୟୁଓଡିଏଲ କର୍ପୋରେଟ କାର୍ଯ୍ୟାଳୟଠାରେ ତାଙ୍କୁ ଅଧିକାରୀ ଓ କର୍ମଚାରୀମାନେ ସ୍ୱାଗତ ଓ ଅଭିନନ୍ଦନ ଜଣାଇଛନ୍ତି । ସିଇଓ ପ୍ରବୀଣଙ୍କ ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ପ୍ରାୟ ଅଢେଇ ଦଶନ୍ଧିରୁ ଅଧିକ ଅଭିଜ୍ଞତା ରହିଛି। ଏଠାରେ ଯୋଗ ଦେବା ପୂର୍ବରୁ, ସେ ୨୦୨୦ ରୁ ୨୦୨୩ ମସିହା ପର୍ଯ୍ୟନ୍ତ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିସିଓଡିଏଲ)ର ବ୍ୟବସାୟ ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ରହିଥିଲେ। ସେହିପରି ସେ ମଧ୍ୟ ସ୍ୱଳ୍ପ ସମୟ ପାଇଁ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏନଓଡିଏଲ)ରେ କାର୍ଯ୍ୟ କରିଥିଲେ। ଗତ ୨୦୦୪ ମସିହାଠାରୁ ଟାଟା ପାୱାର ଗ୍ରୁପ ସହିତ ଜଡ଼ିତ ଅଛନ୍ତି। ନୂତନ ସିଇଓଙ୍କ ନିଯୁକ୍ତିକୁ ଅଭିନନ୍ଦନ ଜଣାଇ ଟାଟା ପାୱାର ସଭାପତି (ଟି.ଆଣ୍ଡ.ଡି) ସଞ୍ଜୟ ବାଙ୍ଗା କହିଛନ୍ତି ଯେ, ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ପ୍ରବୀଣ ଜଣେ ଦକ୍ଷ ବ୍ୟକ୍ତି । ଯାହା ତାଙ୍କ ପୂର୍ବ ଟ୍ରାକ ରେକର୍ଡରୁ ପ୍ରମାଣିତ ହେଉଛି । ତେଣୁ ମୁଁ ନିଶ୍ଚିତ ଯେ, ତାଙ୍କ ନେତୃତ୍ୱରେ ଟିପିଡବ୍ଲ୍ୟୁଓଡିଏଲ ସଫଳତାର ଏକ ନୂତନ ପାହାଚ ଚଢ଼ିବ । ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ତାଙ୍କର ନୂତନ ଭୂମିକା ବିଷୟରେ ପ୍ରବୀଣ କୁମାର ବର୍ମା କହିଛନ୍ତି ଯେ, ଟିପିଡବ୍ଲ୍ୟୁଓଡିଏଲରେ ଯୋଗଦାନ କରି ମୁଁ ଗୌରବାନ୍ୱିତ। ସଂସ୍ଥାର ସଫଳତାର ଯାତ୍ରାରେ ପ୍ରତ୍ୟେକ କର୍ମଚାରୀଙ୍କ ସହଯୋଗରେ ମୁଁ ଆହୁରି କିଛି ନୂଆ ଫର୍ଦ୍ଦ ଯୋଡି ପାରିବି ବୋଲି ଆଶା କରୁଛି। ସୂଚନାଯୋଗ୍ୟ ଯେ, ଗତ ୧୯ ତାରିଖରେ ପ୍ରବୀଣ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ନାମାଙ୍କନପତ୍ର ଯାଞ୍ଚ, ପ୍ରତ୍ୟାହାର ଓରିଏଣ୍ଟେଶନ କାର୍ଯ୍ୟକ୍ରମ



ଜିଲାପାଳ ସମ୍ମିଳନୀ କକ୍ଷରେ ନାମାଙ୍କନ ପତ୍ର ଯାଞ୍ଚ ଓ ପ୍ରତ୍ୟାହାର ଓରିଏଣ୍ଟେଶନ କାର୍ଯ୍ୟକ୍ରମରେ ଅଧିକାରୀମାନେ ।

**ସମ୍ବଲପୁର,୨୩।୪(ବି.ଶଙ୍କର)**

ଜିଲା ପ୍ରଶାସନ ପକ୍ଷରୁ ନାମାଙ୍କନ ପତ୍ର ଯାଞ୍ଚ ଓ ପ୍ରତ୍ୟାହାର ସମ୍ପର୍କିତ ଏକ ଓରିଏଣ୍ଟେସନ କାର୍ଯ୍ୟକ୍ରମ ମଙ୍ଗଳବାର ଜିଲାପାଳ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ନାମାଙ୍କନ ଦଳରେ ରିଟର୍ନିଂ ଅଫିସର, ଆସିଷ୍ଟାଣ୍ଟ ରିଟର୍ନି ଅଫିସର ଓ ଅଧିକାରୀଙ୍କୁ ଓରିଏଣ୍ଟେସନ ଦିଆଯାଇଥିଲା । ଜିଲାପାଳ ସମ୍ବଲପୁର ଏସଜିଇ-୨୦୨୪ ପାଇଁ ବିଜ୍ଞପ୍ତି, ନାମାଙ୍କନ ପତ୍ର ଦାଖଲ, ନିର୍ବାଚନ କମିସନଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଗାଡ଼ି ଓ ଲୋକଙ୍କ ସଂଖ୍ୟା ଉପରେ କଟକଣା, ନାମାଙ୍କନ ପତ୍ର ଦାଖଲ ପାଇଁ କୋଠରି ଭିତରେ ବ୍ୟବସ୍ଥା, ଲୋକ ସଭା ଓ ବିଧାନସଭା ନିର୍ବାଚନ ପାଇଁ ସୁରକ୍ଷା ଜମା ରାଶି, ବୈଧ ନାମାଙ୍କନ ପାଇଁ ଆବଶ୍ୟକତା, ଅନଲାଇନ ନାମାଙ୍କନ ଦାଖଲ, ନାମାଙ୍କନ ସହ ଜଡ଼ିତ ଦସ୍ତାବିଜ, ପ୍ରାର୍ଥୀଙ୍କ ସତ୍ୟପାଠ ପ୍ରଭୃତି ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରାର୍ଥୀଙ୍କ ଆପରାଧିକ ପୃଷ୍ଠଭୂମି, ଶପଥ ଓ ପ୍ରତିଶ୍ରୁତି, କେଉଁ କର୍ତ୍ତୃପକ୍ଷଙ୍କ ନିକଟରେ ଶପଥ କିମ୍ବା ପ୍ରତିଶୃତି ଦିଆଯିବ ତାହାର ତାଲିକା, ନାମାଙ୍କନ ପତ୍ର ପାଇବା ପରେ ଅଧିକାରୀଙ୍କୁ ପୁନଃ ଗଠନ କରି କାର୍ଯ୍ୟାନୁଷ୍ଠାନ, ନାମାଙ୍କନ ପ୍ରକ୍ରିୟା ସହ ଜଡ଼ିତ ବିପଦ, ନାମାଙ୍କନ ପ୍ରକ୍ରିୟା ସହିତ ଜଡ଼ିତ ବିପଦ, ନାମାଙ୍କନ ପ୍ରକ୍ରିୟା ସମୟରେ କଣ କରିବେ ଏବଂ କଣ କରିବେ ନାହିଁ ଏବଂ ନାମାଙ୍କନ ପ୍ରକ୍ରିୟା ପାଇଁ ଆଇଟି ଆବେଦନ କରିବେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୁଚାରୁ କୁମାର ବଳ, ଅତିରିକ୍ତ ଜିଲାପାଳ ରାଜସ୍ୱ ଅଜାମ୍ବର ମହାନ୍ତି, ଉପଜିଲାପାଳ ସଦର ଡ.ପୁଷ୍ପାଞ୍ଜଳି ପଣ୍ଡା, ଉପଜିଲାପାଳ କୁଚିଣ୍ଡା ହେମସାଗର ଭୋଇ, ରେଢାଖୋଲ ଉପଜିଲାପାଳ ରଶ୍ମି ରଞ୍ଜନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୋଟର ସଚେତନତା ରଥର ଶୁଭାରମ୍ଭ

**ଝାରସୁଗୁଡ଼ା, ୨୩।୪ (ସଞ୍ଜୟ ମାଲି)**

ନିର୍ବାଚନ ପର୍ବ ଦେଶର ଗର୍ବ। ଜିଲାରେ ଶତ ପ୍ରତିଶତ ଭୋଟର ଯେପରି ଆସନ୍ତା ମେ' ୨୦ରେ ସେମାନଙ୍କ ମୂଲ୍ୟବାନ ଭୋଟ ପ୍ରଦାନ କରିବେ ସେଥିପାଇଁ ଭୋଟରମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଭୋଟର ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଆବୋଲି ସୁନିଲ ନରୱଣେ ପତାକା ଦେଖାଇ ସୱିପ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ସଚେତନତା ରଥ ଜିଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ବୁଲିବା ସହ ଇଭିଏମ୍, ଭିଭିପିଏଟି ଦ୍ୱାରା କିପରି ଭୋଟଦାନ କରାଯିବ, ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ମତଦାନ କେନ୍ଦ୍ରରେ କରାଯାଇଥିବା ବିଭିନ୍ନ ସୁବିଧା ଓ ମତଦାନ ପାଇଁ ପରିଚୟ ପତ୍ର ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଚାର କରିବ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପ ଜିଲାପାଳ ସବ୍ୟସାଚୀ ପଣ୍ଡା, ଡେପୁଟି କଲେକ୍ଟର(ନିର୍ବାଚନ) ପ୍ରସନ୍ନ ପଟେଲ, ପୌରପାଳିକା ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବିଜେଡିର ସାଙ୍ଗଠନିକ ସଭା, ମିଶ୍ରଣ ପର୍ବ



ଦଳରେ ଯୋଗଦେଇଥିବା ନେତୃବୃନ୍ଦଙ୍କ ସହ ନିରଞ୍ଜନ ପୂଜାରୀ।

**ତରଭା,୨୩।୪(ମାନଭଞ୍ଜନ ମିଶ୍ର)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନ ହେଉଛି ଶ୍ରେଷ୍ଠ ଓଡ଼ିଶା। ସେହିଭଳି ମୋର ସ୍ୱପ୍ନ ହେଉଛି ଶ୍ରେଷ୍ଠ ସୋନପୁର ନିର୍ବାଚନ ମଣ୍ଡଳୀ। ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଝାରତରଭା ପଞ୍ଚାୟତ ଅନ୍ତର୍ଗତ ଠକୋପାଲିଠାରେ ବିଜେଡି ତରଫରୁ ଆୟୋଜିତ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦସ୍ତରୀୟ ନେତୃତ୍ୱ ସମାବେଶରେ ଯୋଗଦେଇ ଏହା କହିଛନ୍ତି ସୋନପୁର ବିଧାନ ସଭା ପାଇଁ ବିଜେଡି ପ୍ରାର୍ଥୀ ତଥା ମନ୍ତ୍ରୀ ନିରଞ୍ଜନ ପୂଜାରୀ। ସେ କହିଥିଲେ ଯେ ଷଷ୍ଠଥର ପାଇଁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବା ସୁନିଶ୍ଚିତ। ବିଜୟୀ ହେବା ପରେ ଆସନ୍ତା ଅଗଷ୍ଟରେ ସେ ମୁଖ୍ୟମନ୍ତ୍ରୀ ହେବାରେ ଦେଶରେ ରେକର୍ଡ କରିବେ। ଏଥିପାଇଁ ଆମ ସମସ୍ତଙ୍କୁ ଏକଜୁଟ ହୋଇ ଲଢେଇ କରିବାକୁ ହେବ। ମୋର ଆଉ ଏକ ସ୍ୱପ୍ନ ହେଲା ତରଭାକୁ ଏକ ମ୍ୟୁନସିପାଲଟିରେ ପରିଣତ କରିବା। ତରଭା ବ୍ଲକର ଜନସାଧାରଣ ମୋତେ ଅକୁଣ୍ଠିତ ସମର୍ଥନ ଜଣାଇ ଆସୁଛନ୍ତି, ଏଥିପାଇଁ ମୁଁ ସେମାନଙ୍କ ନିକଟରେ ଚିରଋଣୀ। ତରଭା ସହରର ବିକାଶ ପାଇଁ ଗ୍ରାମାଞ୍ଚଳର ବିକାଶ ନିହାତି ଜରୁରୀ। ଗ୍ରାମାଞ୍ଚଳର ଚାଷୀର ଉନ୍ନତି ହେଲେ ତରଭାରେ ବ୍ୟବସାୟ ବଢିବ ଏଥିପାଇଁ ଚାଷୀକୁ ପାଣି ଦରକାର। ଚାଷକୁ ଜଳସେଚିତ କରିବା ପାଇଁ ଲୋୟର ସୁକଟେଲରୁ ତିନୋଟି ପଞ୍ଚାୟତ ଜଳସେଚିତ ହେବ। ୬ଟି ମେଗା ପଏଣ୍ଟରୁ ଜଳସେଚନ ହେଉଛି ଆହୁରି ୩ଟି ମେଗା ପଏଣ୍ଟ ହେବାକୁ ଅଛି। ଚାଷୀ ଭଲ ଧାନ ଅମଳ କଲେ ତରଭାର ବ୍ୟବସାୟରେ ବୃଦ୍ଧି ଘଟିବ। ତରଭାରେ ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ଶିବତୁଲା ନିକଟରେ ୧୩୨/୩୩ କେଭି ସବଷ୍ଟେଶନ ସମ୍ପୂର୍ଣ୍ଣ ହେବାକୁ ଯାଉଛି ବୋଲି କହିଥିଲେ। ତରଭା ବ୍ଲକ ଅଧ୍ୟକ୍ଷ ତଥା ବିଜେଡି ସୁବର୍ଣ୍ଣପୁର ଜିଲା ସଭାପତି ସରୋଜ କମ୍ପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଏନଏସି ଅଧ୍ୟକ୍ଷା ବନ୍ଦିତା ନାଏକ, ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ, ପୂର୍ବତନ ଏନଏସି ଅଧ୍ୟକ୍ଷ ଶୈଳେନ୍ଦ୍ର କୁମାର ସାହୁ, କାଉନସିଲର ସୁଜାତା ରଥ, ଆକବର ଅଲ୍ଲୀ, ବିଦ୍ୟାଧର ଦେହୁରୀ, ତରଭା ନଗର ଯୁବ ବିଜେଡି ସଭାପତି ଜନାର୍ଦ୍ଦନ ଥନାପତି, ନଗର ମହିଳା ସଭାନେତ୍ରୀ ସୁମିତ୍ରା ଦଳବେହେରା ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କଂଗ୍ରେସ ଏସସି ସେଲ ତରଭା ନଗର ସଭାପତି ସହଦେ ନାଏକ, ପୂର୍ବତନ ଭାଜପା କାଉନସିଲର ସନ୍ତୋସିନୀ ମେହେର, ସରୋଜ ସାମନ୍ତରା, ଶାନ୍ତନୁ ପଣ୍ଡା, ସୁଶାନ୍ତ ମେହେର, ଦୁର୍ଯ୍ୟୋଧନ ରାଉତ, ଲୋଚନ ମହଲା, ବିକାଶ ମାହାଣା, ଦୀନବନ୍ଧୁ ସାହୁ, ଶିବ ନାରାୟଣ ସାହୁ ପ୍ରମୁଖ ବିଜେଡିରେ ଯୋଗଦେଇଥିଲେ। ଜିଲା ବିଜେଡି ଉପ ସଭାପତି ମାନଭଞ୍ଜନ ମିଶ୍ର ସଭା ପରିଚାଳନା, ଜନାର୍ଦ୍ଦନ ଥନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# କଂଗ୍ରେସ ଛାଡ଼ିଲେ ସାଧାରଣ ସମ୍ପାଦକ ଆକାଶ ମିଶ୍ର

**ବଲାଙ୍ଗୀର,୨୩।୪(ବୀରେନ୍ଦ୍ର କୁମାର ଝାଙ୍କର)**



ଆକାଶ ମିଶ୍ର।

ବଲାଙ୍ଗୀର ସାମ୍ବାଦିକ ଭବନ ଠାରେ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଆକାଶ ମିଶ୍ର କଂଗ୍ରେସ ଦଳରୁ ଇସ୍ତଫା ଦେଇଥିବା ଘୋଷଣା କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଆକାଶ ଦଳର ପ୍ରାଥମିକ ସଦସ୍ୟ ପଦ ଏବଂ ରାଜ୍ୟ ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇ ଇସ୍ତଫା ପତ୍ରକୁ ଜାତୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡ୍‌ଗେ ଓ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କୁ ପଠାଇ ଦେଇଥିବା ସୂଚନା ଦେଇଥିଲେ। ସେ କହିଥିଲେ ଯେ, ରାଜ୍ୟ ସାଧାରଣ ସମ୍ପାଦକ ଭାବେ ତାଙ୍କୁ ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ଦଳର କୌଣସି କାର୍ଯ୍ୟକ୍ରମରେ ତାଙ୍କୁ ସ୍ଥାନୀୟ ନେତାମାନେ ସାମିଲ କରୁନାହାନ୍ତି। ଦୀର୍ଘ ୯ ବର୍ଷ ହେଲା ଦଳ ତାଙ୍କ ପ୍ରତି ଅଣଦେଖା ଓ ଅବହେଳା କରିଆସୁଥିବା ସେ ଅଭିଯୋଗ କରିଥିଲେ। ଖବରଦାତା ସମ୍ମିଳନୀରେ ଲୋଇସିଂହା ନିର୍ବାଚନ ମଣ୍ଡଳୀର ଶତାଧିକ ସମର୍ଥକ ଉପସ୍ଥିତ ଥିଲେ।

# 'କଂଗ୍ରେସ ଜିତିଲେ ସବୁବର୍ଗର ଲୋକେ ଉପକୃତ ହେବେ'

**ବଲାଙ୍ଗୀର,୨୩।୪(ବୀରେନ୍ଦ୍ର କୁମାର ଝାଙ୍କର)**




ଜନ ଆଶୀର୍ବାଦ ସଭାରେ ମଞ୍ଚାସୀନ କଂଗ୍ରେସ ନେତା ଓ କାର୍ଯ୍ୟକର୍ତ୍ତା।

**ଜନ ଆଶୀର୍ବାଦ ସଭାରେ ସମରେନ୍ଦ୍ରଙ୍କ ପ୍ରତିଶ୍ରୁତି**

ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀର ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଡୁଙ୍ଗୁରାବାହାଲ, ଭୁଣ୍ଡିମୁହାଣ ଓ ମାହାବର୍ହା ପଞ୍ଚାୟତରେ ସୋମବାର କଂଗ୍ରେସର ଜନ ଆଶୀର୍ବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କଂଗ୍ରେସ ଦଳର ବଲାଙ୍ଗୀର ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଓ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସମରେନ୍ଦ୍ର କହିଥିଲେ ଯେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଥ୍ୟା ନିର୍ବାଚନ ପ୍ରତିଶ୍ରୁତି ଯୋଗୁ ପ୍ରତ୍ୟେକ ବର୍ଗର ଲୋକେ ହଇରାଣ ହେଉଛନ୍ତି । ଉଭୟ ସରକାରଙ୍କ କାର୍ଯ୍ୟକାଳରେ ଶିକ୍ଷାନୁଷ୍ଠାନରେ ଶିକ୍ଷକ ନାହିଁ, ଯୁବକଙ୍କ ପାଇଁ ରୋଜଗାର ନାହିଁ , କୃଷକଙ୍କ ପାଇଁ ତାର ଉତ୍ପାଦନ ସାମଗ୍ରୀର ଦାମ ବି ନାହିଁ କି ହସ୍ପିଟାଲରେ ଡାକ୍ତର ନାହାନ୍ତି । ଏପରି ଅରାଜକତାରୁ ମୁକ୍ତି ପାଇବାକୁ ହେଲେ ଆଗାମୀ ନିର୍ବାଚନରେ କଂଗ୍ରେସ ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ହାତ ଚିହ୍ନରେ ଭୋଟ ଦେଇ ବିଜୟ କରାଇବାକୁ ସେ କହିଥିଲେ। ସେ ଆହୁରି କହିଛନ୍ତି ଯେ, ସୂଚନା ଅଧିକାର ଆଇନ ହେଉ କି ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଖାଦ୍ୟ ସୁରକ୍ଷା ଆଇନ ହେଉ କି ଶିକ୍ଷା ଅଧିକାର ଆଇନ ଏ ସମସ୍ତ ଆଇନ ଲୋକଙ୍କ ହିତ ପାଇଁ କଂଗ୍ରେସ ସରକାର ହିଁ ଲାଗୁ କରିଛି । ଏପରିକି ଅତୀତରେ କଂଗ୍ରେସ ସରକାର କୃଷକମାନଙ୍କ ହିତ ପାଇଁ ୭୨ ହଜାର କୋଟି ଟଙ୍କା ଋଣ ଛାଡ କରିଛନ୍ତି । ଏଣୁ କଂଗ୍ରେସ ସରକାର ଗଠନ କଲେ ସବୁବର୍ଗର ଲୋକେ ଉପକୃତ ହେବେ ଏବଂ ଏନେଇ ସେ କଂଗ୍ରେସର ଗ୍ୟାରେଣ୍ଟି ସମ୍ପର୍କରେ ସେ କହିଥିଲେ। ଆୟୋଜିତ ସଭାରେ ସଦର ବ୍ଲକ ସଭାପତି ରାମ ପ୍ରସାଦ ମିଶ୍ର, ବିଡିସିସି ବ୍ୟାଙ୍କ ସଭାପତି ସ୍ମାରକ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଘାସିରାମ ବେହେରା, ଲୋକନାଥ କୁମୁରା, ପୂର୍ବତନ ଅଧ୍ୟକ୍ଷ ସୁଶାନ୍ତ ପାଣିଗ୍ରାହୀ, ମୁରଲି ମଲ୍ଲିକ, ସରପଞ୍ଚ ଶ୍ରୀୟା ସାହୁ, ପଞ୍ଚାନନ ଘିବେଲା ମଞ୍ଚାସୀନ ଥିଲେ ।

# ରକ୍ତରଞ୍ଜିତ ହେଲା ଚୈତ୍ରାଦେବୀଙ୍କ ବଳିଯାତ୍ରା



ଚୈତ୍ର ପୂର୍ଣ୍ଣିମା ଅବସରରେ ମା' ଚୈତ୍ରାଦେବୀଙ୍କ ପୂଜାର୍ଚ୍ଚନା କରାଯାଉଛି।

**କୁଚିଣ୍ଡା,୨୩।୪(ବିରଞ୍ଚି ଦର୍ଶା)**

ସମ୍ବଲପୁର ଜିଲା କୁଚିଣ୍ଡା ଏନଏସି ଅନ୍ତର୍ଗତ ସଇଡାଠାରେ ମଙ୍ଗଳବାର ଚୈତ୍ର ପୂର୍ଣ୍ଣିମା ଅବସରରେ ମା' ଚୈତ୍ରାଦେବୀଙ୍କ ବଳିଯାତ୍ରା ପାଳିତ ହୋଇଯାଇଛି। ମା'ଙ୍କ ନାମରେ ମାନସିକ କଲେ ମନବାଞ୍ଛା ପୂରଣ ହୋଇଥାଏ ବୋଲି ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି। ତେଣୁ ଚୈତ୍ର ପୂର୍ଣ୍ଣିମା ଦିନ ମାନସିକ ଧାରୀମାନେ ମାଙ୍କୁ ବୋଦା ଓ କୁକୁଡା ବଳି ଅର୍ପଣ କରିଥିଲେ। ପୂଜା କମିଟିର ହରେକୃଷ୍ଣ ବଲୁଆ, ରମିଆଁ ମାଝି, ଅଶୋକ ମାଝି, ବୀରବର ମାଝିଙ୍କ ତତ୍ତ୍ୱାବଧାନରେ ଏହି ଚୈତ୍ର ବଳିପୂଜା ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ଏହାକୁ କୁଳମଣି ରାଉତ ପୂଜକ (କାଲୋ)ଭାବେ ନିର୍ବାହ କରିଥିଲେ। ଏହି ବଳିଯାତ୍ରା ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ନିଜର ମନସ୍କାମନା ପାଇଁ ମା'ଙ୍କ ପୀଠରେ ବହୁ ସଂଖ୍ୟକ ଭକ୍ତ ଅଧିଆ ପଡିଥିଲେ। ମନସ୍କାମନା ପୂରଣ ପାଇଁ ଭକ୍ତମାନେ ବୋଦା ଓ କୁକୁଡା ବଳିସହ ହଜାର ହଜାର ନାରିକେଳ ମା'ଙ୍କଠାରେ ସମର୍ପଣ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ଗାଡ଼ି ଚାଳକଙ୍କୁ ଆକ୍ରମଣ କରି ଲୁଟ୍

**ରାଉରକେଲା, ୨୩।୪(ସଙ୍ଗୀତା ଜେନା):** ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ସେକ୍ଟର-୨୧ ଅଞ୍ଚଳରେ ସୋମବାର ରାତିରେ ଜଣେ ଟାଟାଏସି ଗାଡ଼ି ଚାଳକଙ୍କୁ କେତେଜଣ ଦୁର୍ବୃତ୍ତ ଛୁରୀରେ ଆକ୍ରମଣ କରି ୨୦ ହଜାର ଟଙ୍କା, ମୋବାଇଲ, ଗାଡି ଚାବି, ମନିପର୍ସ ଛଡେଇ ନେଇ ଫେରାର୍ ହୋଇଯାଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ପୋଲିସ ଏକ ମାମଲା (ନଂ. ୩୯୦/୨୪) ରୁଜୁ କରିଛି। ସୂଚନାନୁଯାୟୀ, ଶ୍ୟାମପ୍ରକାଶ ଶର୍ମା(୫୦) ଟାଟାଏସି ଗାଡ଼ି ଚାଳକ। ସେ ସପରିବାର ଛେଣ୍ଡ ଅଞ୍ଚଳରେ ରୁହନ୍ତି। ସୋମବାର ଶ୍ୟାମପ୍ରକାଶ ଗାଡ଼ି ଧରି ସେକ୍ଟର-୨୧ ଅଞ୍ଚଳରେ ଛିଡା ହୋଇଥିବା ବେଳେ ୩ଜଣ ଦୁର୍ବୃତ୍ତ ଆସି ଛୁରୀରେ ତାଙ୍କୁ ଆକ୍ରମଣ କରିଥିଲେ। ପରେ ଦୁର୍ବୃତ୍ତମାନେ ନଗଦ ଟଙ୍କା ସମେତ ସାମଗ୍ରୀ ଲୁଟ୍ କରି ଫେରାର୍ ହୋଇଯାଇଥିଲେ। ଶ୍ୟାମପ୍ରକାଶ ଥାନାର ଅଭିଯୋଗ କରିଥିଲେ। ତାଙ୍କୁ ପୋଲିସ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ କରାଇଥିଲେ।

### ଫାଶ ଲଗାଇ ଯୁବକ ମୃତ

**ରାଉରକେଲା, ୨୩।୪(ଦିନେଶ ମିଶ୍ର):** ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଡି' କେବିନ ଅଞ୍ଚଳରେ ଜଣେ ଯୁବକ ବେକରେ ଫାଶ ଲଗାଇ ଆତ୍ମହତ୍ୟା କରିଛି। ମୃତ ଯୁବକ ହେଲେ ବିଶାଲ ବାଡା(୨୭) । ସୂଚନାଯୋଗ୍ୟ ବନ୍ଧମୁଣ୍ଡା ଡି' କେବିନ ସ୍ଥିତ ଲେଙ୍ଗଡି ବସ୍ତିରେ ବିଶାଲ ପରିବାର ସହ ବାସ କରନ୍ତି। ଗତ ଦୁଇଦିନ ତଳେ ବିଶାଲ କୌଣସି କଥାକୁ ନେଇ ତାଙ୍କ ସ୍ତ୍ରୀଙ୍କ ସହ ଖୁବ୍ ଜୋରରେ ପାଟିତୁଣ୍ଡ କରିଥିଲେ। ପରେ ମହିଳା ଜଣଙ୍କ ବିଶାଳଙ୍କ ଉପରେ ରାଗିଯାଇ ତାଙ୍କ ବାପ ଘର ବିଶ୍ରା ଅଞ୍ଚଳକୁ ଚାଲି ଯାଇଥିଲେ । ବିଶାଳ ଉକ୍ତ କଥାକୁ ନେଇ ଘରେ କେହି ନ ଥିବାବେଳେ ସୋମବାର ବିଳମ୍ବିତ ରାତିରେ ଘର ଆଜବେଷ୍ଟସ ଲୁହାପାଇପ୍‌ରେ କପଡା ବେଲ୍ଟ ବେକରେ ବାନ୍ଧି ଝୁଲି ପଡିଥିଲେ। ସକାଳ ହେବାରୁ ପରିବାର ଲୋକେ ଏହି ଦୃଶ୍ୟ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ଆରଜିଏଚ୍ ମର୍ଗ ହାଉସ୍‌ରେ ରଖିଥିଲା। ଏନେଇ ପୋଲିସ(୧୨।୨୪)ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ: ଜଣେ ଅଟକ

**ରାଉରକେଲା, ୨୩।୪(ଦିନେଶ ମିଶ୍ର):** ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ନାବାଳକଙ୍କୁ ଥାନାରେ ଅଟକ ରଖିଛି। ପୋଲିସ କହିବା ଅନୁଯାୟୀ, ବାସନ୍ତୀ କଲୋନୀ ଅଞ୍ଚଳରେ ଜଣେ ୫ ବର୍ଷୀୟ ନାବାଳିକାଙ୍କୁ ଉକ୍ତ ଅଞ୍ଚଳର ଜଣେ ୧୫ ବର୍ଷର ନାବାଳକ ଚକ୍‌ଲେଟ ଦେଇ ସୋମବାର ସନ୍ଧ୍ୟାରେ ବଳାତ୍କାର କରିଥିଲେ। ଏହି ଦୃଶ୍ୟ ସ୍ଥାନୀୟ ଲୋକେ ଦେଖିବା ପରେ ନାବାଳିକାଙ୍କ ମା'ଙ୍କୁ ଅବଗତ କରିବା ପରେ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା (ନଂ.୧୯୧।୨୪)ରୁଜୁ କରି ଘଟଣାର ତଦନ୍ତ ଚଳାଇବା ପରେ ଅଭିଯୁକ୍ତଙ୍କୁ ବୁଧବାର ବାଳସୁଧାର ଗୃହକୁ ପଠାଇବ ବୋଲି ଜଣାପଡିଛି।

# ପ୍ରସିଦ୍ଧ ଚଇତ ପୁନି ବଏଲ ଯାତ୍ରା ସମ୍ପନ୍ନ

**କୋଲାବିରା, ୨୩।୪(ଚିନ୍ମୟ କୁମାର ବହିଦାର)**

ଝାରସୁଗୁଡା ଜିଲା କୋଲାବିରା ଅଞ୍ଚଳର ଇଷ୍ଟଦେବୀ ଭାବେ ପୂଜିତ ମା'ଦକ୍ଷିଣକାଳୀଙ୍କ ଚଇତ ପୁନି ବଏଲ ଯାତ୍ରା ସମ୍ପନ୍ନ ହୋଇଛି। ମହାବିଷୁବ (ପଣା) ସଂକ୍ରାନ୍ତି ମା'ଙ୍କ ପୀଠରେ ଆଦ୍ୟପୂଜା ଆରମ୍ଭ ହୁଏ। ଏହି ପରିପ୍ରେକ୍ଷୀରେ ସଂକ୍ରାନ୍ତି ମଧ୍ୟରାତ୍ରୀରେ ପୂଜା ପରେ ହୋମଯଜ୍ଞ, ପୂର୍ଣ୍ଣାହୁତୀ ପରେ ଗୁପ୍ତବଳି ତଥା ପୂଜା ହୋଇଥିଲା। ପରେ ମଧ୍ୟରାତ୍ରୀରେ ଦେବୀବାହନ ବରୁଆ ଦେହରେ ଦୈବଶକ୍ତି ସଂଚାରିତ ହେବାପରେ ମା'ଙ୍କ ପ୍ରତ୍ୟକ୍ଷ ଦର୍ଶନ ଲଭିଥିଲେ ସ୍ରଦ୍ଧାଳୁ। ଶ୍ରଦ୍ଧାଳୁ ମା'ଙ୍କ ପ୍ରତି ଥିବା ଅହେତୁକ ଭକ୍ତି ଓ ଶ୍ରଦ୍ଧାର ନୈବେଦ୍ୟ ଶୃଙ୍ଖଳାର ସହ ଅର୍ପଣ କରିବାରେ ଲାଗିଥିଲେ। ଅବିଭକ୍ତ ସମ୍ବଲପୁର ଜିଲାରେ ଶାକ୍ତ ପରମ୍ପରା ବହୁ ପୁରାତନ। ଶାକ୍ତ ପରମ୍ପରାରେ ଜୟପୁର ଇଷ୍ଟେଟ (କୋଲାବିରା) ଅଧିଷ୍ଠାତ୍ରୀ ଦେବୀ ଦକ୍ଷିଣକାଳୀଙ୍କ ପ୍ରତି ଜନସାଧାରଣଙ୍କ ରହିଛି ଅଗାଧ ବିଶ୍ୱାସ, ଭକ୍ତି ଓ ଭୟ। କଳା ଓ ସଂସ୍କୃତିର ପରିଚୟ ତଥା ନିଷ୍ଠା ଓ ଭକ୍ତିର ଅନନ୍ୟ ପରମ୍ପରା ଏଠାକାର ବଏଲ ଯାତ୍ରା। ଦୈବୀଶକ୍ତି ବା ତନ୍ତ୍ରମନ୍ତ୍ର ଶକ୍ତିର ଆଧାର କରିହେଉ କିମ୍ବା ପ୍ରାଚୀନ ସଂସ୍କୃତିର ପ୍ରଚଳିତ ପରମ୍ପରା ଦୃଷ୍ଟି କୋଣରୁ ହେଉ ଦୈବୀଶକ୍ତି ବା ମାତୃଶକ୍ତିର ମହତ୍ୱକୁ ସାର୍ବଜନୀନ କରିବା ପାଇଁ କୋଲାବିରାରେ ବହୁ ଆବହନ କାଳରୁ ଶକ୍ତିପୂଜାର ସୂତ୍ରପାତ ଘଟାଇ ମା' ଦକ୍ଷୀଣକାଳୀଙ୍କ ପାରମ୍ପରିକ ବଏଲଯାତ୍ରା। ଚଳିତବର୍ଷ ଚୈତ୍ର ପୂର୍ଣ୍ଣିମା ଅବସରରେ ଆରମ୍ଭ ହୋଇଛି ଚଇତ ପୁନି ବଏଲଯାତ୍ରା। ଝାରସୁଗୁଡା ଜିଲା ଅନ୍ତର୍ଗତ କୋଲାବିରା ଠାରେ ଅନୁଷ୍ଠିତ ବଏଲଯାତ୍ରାର ଐତିହାସିକ ମହତ୍ୱ ରହିଛି।



# ଭାଜପା ବିଧାୟକ ପ୍ରାର୍ଥୀଙ୍କ ବିଭିନ୍ନ ଗ୍ରାମରେ ପ୍ରଚାର

**ପାଇକମାଳ, ୨୩।୪(ବଢ ଶତପଥୀ)**

ପଦ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇସାରିଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଗୋବର୍ଦ୍ଧନ ଭୋଏ ପ୍ରତ୍ୟେକ ଦିନ ୧୫ରୁ ଊର୍ଦ୍ଧ୍ୱ ଗ୍ରାମକୁ ଯାଇ ଗ୍ରାମର ଲୋକଙ୍କ ସହ ଗ୍ରାମର ସମସ୍ୟା ଏଂ ତାର ସମାଧାନ ଦିଗରେ ଆଲୋଚନା କରୁଛନ୍ତି। ଏହି ପରିପେକ୍ଷିରେ ମଙ୍ଗଳବାର ବିଭିନ୍ନ ଗାଁକୁ ଯାଇ ଲୋକଙ୍କୁ ଭେଟିବା ଭୋଏ ଭୋଟ ଭିକ୍ଷା କରୁଛନ୍ତି। ସରେଇକେଲା ଗ୍ରାମର ନାମଯଜ୍ଞ, ବାଦୀକଟାଠାରେ କୈବର୍ତ୍ତ ସମାଜର ମା' ସମଲେଶରୀ ପୂଜା, ବିୟାଡିହି ମା' ସମଲେଶରୀ ମନ୍ଦିର ବାର୍ଷିକ ଉତ୍ସବରେ ଯୋଗଦାନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ତାଙ୍କ ସହ ସରୋଜ ସାମଲ, ସୁରେନ୍ଦ୍ର ପ୍ରତାପ ସିଂ ବରିହା, ଗୋବର୍ଦ୍ଧନ ଅଗ୍ରୱାଲ, ସୁନିଲ ଅଗ୍ରୱାଲ, ଭିଷ୍ମଦେବ ସାହୁ ସହ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପିର ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ ପକ୍ଷରୁ ଅଗ୍ନିସେବା ସପ୍ତାହ



ଅଗ୍ନିସେବା ସପ୍ତାହ ପାଇଁ ମକଡ୍ରିଲ ପ୍ରଦର୍ଶନ।

**ରାଉରକେଲା, ୨୩।୪(ବିପ୍ଲବ ରଞ୍ଜନ ଦାଶ)**

ପ୍ରଥମ ଥର ପାଇଁ ଆର୍‌ଏସ୍‌ପି ଅଧିନସ୍ଥ ଓଡିଶା ଗ୍ରୁପ ଅଫ ମାଇନ୍ସ ଦ୍ୱାରା ଟେନସା ବ୍ଲକରେ ଅଗ୍ନିସେବା ସପ୍ତାହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଉଦଘାଟନୀ ସମାରୋହରେ (ବିଆଇଏମ-ଟିଆଇଏମ ଓ କେଆଇଏମ)ର ଜିଏମ ଇନଚାର୍ଜ ତିଳକ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କ ପ୍ରେରିତ ବାର୍ତ୍ତାକୁ ବରସୁଆ ଲୌହ ଖଣି ଜିଏମ ପି.ସି ବରୁଆ ପାଠ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସମସ୍ତେ ଅଗ୍ନିସୁରକ୍ଷା ଶପଥ ପାଠ କରିଥିଲେ। ଏଥିରେ ବହୁ ସଂଖ୍ୟକ କର୍ମଚାରୀ, ଅଧିକାରୀ ଓ ଶ୍ରମିକ ୟୁନିୟନ ପ୍ରତିନିଧି ସାମିଲ ଥିଲେ। ତେବେ କାର୍ଯ୍ୟକ୍ରମ ସପ୍ତାହ ବ୍ୟାପୀ ଚାଲିଥିଲା। ଏନେଇ ଅଗ୍ନି ନିରାପତ୍ତା ଉପରେ ପ୍ରଦର୍ଶନ ଏବଂ ଅଗ୍ନି ନିର୍ବାପକ ଯନ୍ତ୍ରର ପ୍ରୟୋଗ, ଅଗ୍ନି ନିରାପତା ନିମନ୍ତେ ମକ ଡ୍ରିଲ ଓ ଅଗ୍ନି ନିର୍ବାପକ ଯନ୍ତ୍ରାଦି ଯାଞ୍ଚ ବିଭିନ୍ନ ଅଗ୍ନି ନିରାପତ୍ତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିସହ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହୋଇଥିଲା । ବରସୁଆ ଲୌହ ଖଣି ସୁରକ୍ଷା ବିଭାଗର ଏଜିଏମ ତଥା ସୁରକ୍ଷା ଅଧିକାରୀ ଏସ.କେ ପରିଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଗର୍ଭଣା ଗ୍ରାମରେ ମା' ହିଙ୍ଗୁଳାଇ ପୂଜା ସମ୍ପନ୍ନ

**ସୋହେଲା, ୨୩।୪( ଅଶ୍ୱିନୀ କୁମାର ପାତ୍ର)** ବରଗଡ଼ ଜିଲା ସୋହେଲା ଥାନା ଗର୍ଭଣା ଗାଁରେ ପଶ୍ଚିମ ଓଡିଶା କାପୁଡି ସମାଜ, ଗର୍ଭଣା ପକ୍ଷରୁ ଚୈତ୍ର ପୂର୍ଣ୍ଣିମା ଅବସରରେ କାପୁଡି ସମାଜର କୂଳଦେବୀ ଶ୍ରୀଶ୍ରୀ ହିଙ୍ଗୁଳାଇ ଦେବୀଙ୍କ ପୁଜନୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସାମାଜିକ କର୍ମୀ ସୁବ୍ରତ ସିଂହ, ଜିଲା ଆଦିବାସୀ ପରିଷଦ ଉପାଧକ୍ଷା ଜିବର୍ଦ୍ଧନ ବରିହା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁବ୍ରତ ବେହେରା ଅତିଥି ଭାବେ ଯୋଗ ଦେଇ ଗର୍ଭଣାର ହିଙ୍ଗୁଳାଇ ମନ୍ଦିରକୁ ଯାଇ ମା'ଙ୍କ ଦର୍ଶନ ପୂର୍ବକ ଜଗତ କଲ୍ୟାଣ ନିମିତ୍ତ ମା'ଙ୍କଠାରେ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ କାପୁଡି ସମାଜର ସଭାପତି କବିରାଜ ଶ୍ରୀମୁଖ ନାଏକଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହେଇଥିଲା। ପଶ୍ଚିମ ଓଡିଶା କାପୁଡି ସମାଜ ପକ୍ଷରୁ ଏବର୍ଷ ସମାଜସେବା ପାଇଁ କବିରାଜ ବାବୁଲୁ ରାଓଙ୍କୁ ମୁଖ୍ୟ ଅତିଥି ସୁବ୍ରତ ସିଂହ, ସମ୍ମାନିତ ଅତିଥି ଜିବର୍ଦ୍ଧନ ବରିହା ଏବଂ ସୁବ୍ରତ ବେହେରା ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିପ୍ଳବୀ କବି ନୀତିଶ ଚନ୍ଦ୍ର ଆଚାର୍ଯ୍ୟ ସଭା ପରିଚାଳନା କରିଥିଲେ। ଶେଷରେ କାପୁଡି ସମାଜର ସମ୍ପାଦକ ଲଳିତ ନାଏକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଗର୍ଭଣା, ଟୁଙ୍ଗିବନ୍ଧଲି, ଛୁରିଆପାଲି, ପିପିଲଖୁଣ୍ଟା, ଭଟଲି, ତାଲପାଲି, ନଅଗାଁ, ସର୍କଣ୍ଡା ଆଦି ଗ୍ରାମର ତଥା ପଡୋଶୀ ଛତିଶଗଡର ଅବସ୍ଥାନ କରୁଥିବା କାପୁଡି ସମାଜର ଅନେକ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ ।

# ମନ୍ଥରାଙ୍କ କୁମନ୍ତ୍ରଣା, ରାମଙ୍କ ବନବାସ ଗମନ

**ବଡ଼ଗାଁ ୨୩।୪ (ଅଶୋକ ଷଡ଼ଙ୍ଗୀ)**

## ବଡ଼ଗାଁ ରାମଲୀଳା ଯାତ୍ରା

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ଚାଲିଥିବା ରାମଲୀଳା ଯାତ୍ରାର ଷଷ୍ଠ ରଜନୀରେ ମନ୍ଥରାଙ୍କ କୁମନ୍ତ୍ରଣା ଓ ପିତୃସତ୍ୟ ପାଳନ କରି ଶ୍ରୀରାମଙ୍କ ବନ ଗମନର କରୁଣ ଦୃଶ୍ୟ ମଞ୍ଚସ୍ଥ ହେଉଥିଲା। ମିଥିଳା ନଗରୀରୁ ରାମଚନ୍ଦ୍ର ସୀତାଙ୍କୁ ନେଇ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ। ଏଥିପାଇଁ ଅଯୋଧ୍ୟା ନଗରୀ ଉତ୍ସବମୁଖର ହୋଇଉଠିଥିଲା। ରାଜପରିଷଦ ରାମଚନ୍ଦ୍ରଙ୍କୁ ରାଜ୍ୟଭାର ଦେବାପାଇଁ ରାଜ୍ୟାଭିଷେକ କରିବାକୁ ପ୍ରସ୍ତୁତି ଚଳାଇଥିଲେ। ଏହି ସମୟରେ କୈକେୟୀଙ୍କୁ ରାଜା ଦଶରଥ ଦେଇଥିବା ବରଦାନ ଓ ପ୍ରତିଶ୍ରୁତି ବିଷୟରେ ମନ୍ଥରା କୁମନ୍ତ୍ରଣା ଦେଇଥିଲେ। ପ୍ରଥମ ବରରେ କୈକେୟୀ ପୁତ୍ର ଭରତ ଅଯୋଧ୍ୟାର ରାଜା ହେବେ ଓ ଦ୍ୱିତୀୟ ବରରେ ରାମଚନ୍ଦ୍ର ୧୪ ବର୍ଷ ବନବାସ କରିବେ ବୋଲି କୈକେୟୀଙ୍କ ଠାରୁ ଶୁଣି ରାଜା ଦଶରଥ ମୂର୍ଚ୍ଛିତ ହେଲେ। ଏହି ଶୁଣି ଶ୍ରୀରାମ କୈକେୟୀଙ୍କୁ ବିନା ଦ୍ୱିଧାରେ ବନବାସ କରିବେ ବୋଲି ଜଣାଇଥିଲେ। ଏହାପରେ ରାମଙ୍କ ସହିତ ସୀତା ଓ ଲକ୍ଷ୍ମଣ ବନ ଗମନ କରିବାକୁ ପ୍ରସ୍ତୁତ ହେଲେ। ରାଜକୀୟ ଅଭୂଷଣ ଖୋଲି ଯୋଗୀ ବେଶରେ ଅଯୋଧ୍ୟା ଛାଡିଥିଲେ। ଏହାଦେଖି ଅଯୋଧ୍ୟାବାସୀ ବ୍ୟାକୁଳ ହୋଇ ରାମଙ୍କୁ ବନବାସ ନ ଯିବାକୁ କାକୁତିମିନତି କରିଥିଲେ। ମାତ୍ର ପିତା ଦଶରଥଙ୍କ ସମ୍ମାନ ରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ରାମ, ସୀତା ଓ ଲକ୍ଷ୍ମଣଙ୍କ ସହିତ ବନ ଅଭିମୁଖେ ପ୍ରସ୍ଥାନ କଲେ। ଅଯୋଧ୍ୟାବାସୀ ବନ ପର୍ଯ୍ୟନ୍ତ ରାମଚନ୍ଦ୍ରଙ୍କୁ ଅନୁଧାବନ କରିଥିଲେ। ଏହି ବିଷୟବସ୍ତୁକୁ କଳାକାରମାନେ ନିଖୁଣ ଭାବେ ଅଭିନୟ ପ୍ରଦର୍ଶନ କରିଥିଲେ। ରାମ, ଲକ୍ଷ୍ମଣ, ସୀତା, ଋଷି ବଶିଷ୍ଟ, ରାଜା ଦଶରଥ, କୌଶଲ୍ୟା, କୈକେୟୀ ଓ ମନ୍ଥରା ଚରିତ୍ରରେ ଯଥାକ୍ରମେ, ଲୁଲୁ ପାଣିଗ୍ରାହୀ, ଦୀପକ ପୃଷେଟ, କମଳେନ୍ଦୁ ପାଣିଗ୍ରାହୀ, ସୋନୁ ପାଣିଗ୍ରାହୀ, ଭିକାରୀ ଚରଣ ସା, ଦିବ୍ୟ ଲୋଚନ ମିଶ୍ର ଓ ମହାଦେବ ସା ଅଭିନୟ କରିଥିଲେ।

# କଂଗ୍ରେସର କର୍ମୀ ସମାବେଶ, ମିଶ୍ରଣ ପର୍ବ



ସମାବେଶରେ ଯୋଗଦେଇଥିବା ଦଳୀୟ ନେତୃବୃନ୍ଦ।

**କୋକସରା, ୨୩।୪ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

ଧର୍ମଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ସୁନାମାଳ ଆମ୍ବବଗିଚାରେ ସୋମବାର କଂଗ୍ରେସର କର୍ମୀ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଲିଙ୍ଗରାଜ ବେହେରା ସଭାପତିତ୍ୱ କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ ନିର୍ବାଚନ ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସ, ଜିଲା ସଭାପତି ଭାରତ ଭୂଷଣ ବେମାଲ, କଳାହାଣ୍ଡି ସାଂସଦ ପ୍ରାର୍ଥିନୀ ଦ୍ରୌପଦୀ ମାଝି, ଧର୍ମଗଡ଼ ନିର୍ବାଚନମଣ୍ଡଳୀ ବିଧାୟିକା ପ୍ରାର୍ଥିନୀ ରଶ୍ମିରେଖା ରାଉତ, ବରିଷ୍ଠ ନେତା ତୁଷାର ପାଟଯୋଷୀ, ପୁରୁଷୋତ୍ତମ ଗୁପ୍ତା, ଯାଦବ ସମାଜର ପୂର୍ବତନ ସଭାପତି ଡମ୍ବରୁଧର ଲହଜଳ, ବରିଷ୍ଠ କଂଗ୍ରେସ ନେତା ସରୋଜ ପଣ୍ଡା, ମାଣିକ୍ୟ ନାଏକ, ଜିଲା ସମ୍ପାଦକ ତ୍ରିଭୁବନ ନାଏକ ପ୍ରମୁଖ ଉପସ୍ଥିତ ରହି ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ସପକ୍ଷରେ ଲୋକଙ୍କ ପାଖକୁ ଯିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୋକସରା ବ୍ଲକର ଲଡୁଗାଁ, ଜୟପାଟଣା ବ୍ଲକର ଭେଜିଗୁଡା, ବାଣ୍ଡିଗାଁ ପଞ୍ଚାୟତର ଶତାଧିକ କର୍ମୀ ଦଳରେ ସାମିଲ ହୋଇଥିଲେ। ଦଳୀୟ ନେତୃବୃନ୍ଦ ନୂତନ କର୍ମୀଙ୍କୁ ଦଳକୁ ସ୍ୱାଗତ କରିଥିଲେ। ବ୍ଲକ ସଭାପତି ଲିଙ୍ଗରାଜ ବେହେରା ମଞ୍ଚ ସଂଯୋଜନା କରିଥିବା ବେଳେ ବରିଷ୍ଠ କଂଗ୍ରେସ ନେତା ନିମାଇଁ ଚରଣ ମାଝି, ମଣିଭଦ୍ର ପଣ୍ଡା, ମାର୍କଣ୍ଡ ବେମାଲ, କେଶବ ଚନ୍ଦ୍ର ନାଏକ, ଆମପାଣି ଜୋନ୍ ସଭାପତି ହରିଶ୍ଚନ୍ଦ୍ର ନାଏକ ସହଯୋଗ କରିଥିଲେ।

# ଆମକୋ-ସିମକୋ ଘଟଣା ଉପରେ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ

**ରାଉରକେଲା, ୨୩।୪(ବିପ୍ଲବ ରଞ୍ଜନ ଦାଶ)**

ବେଦବ୍ୟାସ ସଂସ୍କୃତ କଲେଜ ଆନୁକୂଲ୍ୟରେ ଆମ୍‌କୋ-ସିମ୍‌କୋରେ ବ୍ରିଟିସ ଗୁଳିରେ ପ୍ରାଣବଳୀ ଦେଇଥିବା ୪୯ଜଣ ଶହୀଦଙ୍କର ସ୍ମୃତିରେ ବେଦବ୍ୟାସ ତଥା ବୀରମିତ୍ରପୁର ଅଞ୍ଚଳର ବିଭିନ୍ନ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୮୫ବର୍ଷ ତଳେ ଅର୍ଥାତ ୧୯୩୯ ଏପ୍ରିଲ ୨୫ତାରିଖ ଅପରାହ୍ନ ୫ରେ ଘଟିଥିଲା ଭୟାବହ ଜନଜାତି ନରସଂହାର ଆମକୋ-ସିମକୋ ଘଟଣା। ଏହା ଉପରେ କୁଇଜ ପ୍ରତିଯୋଗିତା ହୋଇଥିଲା। ବ୍ରିଟିଶ ଗୁଳିରେ ପ୍ରାଣବଳି ଦେଇଥିବା ୪୯ଜଣ ନୀରିହ ଆଦିବାସୀଙ୍କ ନାଁ ସହିତ ବିଶ୍ରା ନିର୍ବାଚନ ମଣ୍ଡଳୀରୁ ପ୍ରଥମ ବିଧାୟକ ନିର୍ମଳ ମୁଣ୍ଡାଙ୍କ ଏଥିରେ ଥିବା ଭୂମିକା ଉପରେ ପ୍ରଶ୍ନ ରହିଥିଲା। ଆମକୋ-ସିମକୋ ଶହୀଦଙ୍କ ବୀରଗାଥା ପ୍ରଚାର ପ୍ରସାର ପାଇଁ ଓ ଛାତ୍ରୀଛାତ୍ରଙ୍କ ଏନେଇ ଅଧିକ ଜ୍ଞାନ ଆହରଣ ନିମନ୍ତେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ କୃତୀତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ଆସନ୍ତା ୨୫ତାରିଖ ଆମକୋ-ସିମକୋ ଶହୀଦ ଦିବସ ଅବସରରେ ଆୟୋଜିତ ସମାରୋହରେ ପୁରସ୍କୃତ କରାଯିବ। କୁଇଜ ପ୍ରତିଯୋଗିତା ନ୍ୟୁ ଲାଇଟ ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର, ସେଣ୍ଟ ମେରୀ ସ୍କୁଲ, ଶ୍ରମଶକ୍ତି ମହାବିଦ୍ୟାଳୟ, ନିର୍ମାଣ ମହାବିଦ୍ୟାଳୟ ଭାଲୁଲତା, ରାଇବଗା ହାଇସ୍କୁଲ ଓ ଝୁରମୁର ହାଇସ୍କୁଲରେ ସ୍ଥାନୀୟ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ହୋଇଥିଲା। ଆୟୋଜିତ କୁଇଜ ପ୍ରତିଯୋଗିତାକୁ ସଞ୍ଚାଳନ କରିଥିଲେ ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଉମାକାନ୍ତ ପଣ୍ଡା, ଚନ୍ଦ୍ରଧ୍ୱଜ ମାଝି, ଏନ.ସି ଜେନା, ବି.କେ ଶୁକ୍ଳା।



କୁଇଜ ପ୍ରତିଯୋଗିତାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

# ଟ୍ୟାଙ୍କର ପଛରେ ଧକ୍କା ହୋଇ ସ୍କୁଟି ଚାଳକଙ୍କ ମୃତ୍ୟୁ

**କୁଆଁରମୁଣ୍ଡା, ୨୩।୪(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଗୋବିରା ଛକ ନିକଟରେ ୧୪୩ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ଘଟିଛି। ବ୍ରେକ ଡାଉନ ହୋଇଥିବା ଏକ ପାଣି ଟ୍ୟାଙ୍କର ପଛକୁ ଏକ ସ୍କୁଟି ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। କୁଆଁରମୁଣ୍ଡା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ଶବକୁ ଜବତ କରିଛି। ଏହା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିଦ୍ୱୟକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

# ବାଇକ୍ ଶୋଭାଯାତ୍ରା ସହ ମିଶ୍ରଣ ପର୍ବ

**ରାଉରକେଲା, ୨୩।୪(ବିପ୍ଲବରଞ୍ଜନ ଦାଶ)**

ସାଧାରଣ ନିର୍ବାଚନ ମତଦାନ ତାରିଖ ପାଖେଇ ପାଖେଇ ଆସୁଥିବାବେଳେ ସହରରେ ବୃଦ୍ଧି ପାଇବାରେ ଲାଗିଛି ରାଜନୈତିକ ଦଳଗୁଡିକର ନିର୍ବାଚନ ପ୍ରଚାର ଉଷ୍ମତା। ମଙ୍ଗଳବାର ୧୦ଟାରେ ରାଉରକେଲା ମାଇନିଂ ଅଞ୍ଚଳ ଅନ୍ତର୍ଗତ ଟ୍ରକ୍ ଓ ଟିପର୍ସ ଓନର୍ସ, ବେଦବ୍ୟାସ ଟ୍ରକ, ରାଉରକେଲା ଟ୍ରେଲର ଏବଂ ଟ୍ରକ ଆସୋସିଏଶନ ପକ୍ଷରୁ ବିଧାୟକ ପ୍ରାର୍ଥି ଦିଲ୍ଲୀପ ରାୟଙ୍କର ସମର୍ଥନରେ ସହରରେ ଏକ ବିଶାଳ ବାଇକ ଶୋଭାଯାତ୍ରା ହୋଇଥିଲା। ଏହି ଶୋଭାଯାତ୍ରାରେ ଉପରୋକ୍ତ ସମସ୍ତ ଆସୋସିଏଶନର କର୍ମକର୍ତ୍ତା ଓ ୧ହଜାରରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ୭ଶହ ବାଇକରେ ଭାଜପା ଓ ଦିଲ୍ଲୀପଙ୍କୁ ନିଜ ସମର୍ଥନ ଜଣାଇ ପ୍ରଚାର କରିଥିଲେ। ଶେଷରେ ଶୋଭାଯାତ୍ରା ଦିଲ୍ଲୀପ ରାୟଙ୍କ କଲ୍ୟାଣି କାର୍ଯ୍ୟାଳୟରେ ଶେଷ ହୋଇଥିଲା। ଏହା ପରେ ମିଶ୍ରଣ ପର୍ବରେ ସମସ୍ତ ବାଇକ ଶୋଭାଯାତ୍ରୀ ଦିଲ୍ଲୀପଙ୍କ ସହ ସାମଲ ହୋଇ ଆନ୍ତରିକ ସମର୍ଥନ ପ୍ରକାଶ କରିଥିଲେ। ଏହି ଅବସରରେ ଦିଲ୍ଲୀପ ରାୟ ମିଶ୍ରଣ ପର୍ବରେ ସାମିଲ ହୋଇଥିବା ତାଙ୍କ ସମର୍ଥକ ମାନଙ୍କ ଉଦ୍ଦେଶ୍ୟରେ କହିଥିଲେ, ରାଉରକେଲା ବିନା ମୁଁ ଅଧୁରା, ଏଣୁ ରାଉରକେଲାବାସୀଙ୍କ ସର୍ବାଙ୍ଗୀନ ବିକାଶ ବିନା ମୋ ଜୀବନ ଅଧୁରା। ସହରବାସୀଙ୍କ ସାମାନ୍ୟରୁ ସାମନ୍ୟ ମୌଳିକ ସୁବିଧା କିଭଳି ତାଙ୍କ ହାତ ପାହାଁନ୍ତାରେ ପହଞ୍ଚିବ ତାହା ଏକମାତ୍ର ମୋର ଲକ୍ଷ୍ୟ ବୋଲି କହିଥିଲେ। ଆୟୋଜିତ ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ ଦିଲ୍ଲୀପ ମହାନ୍ତ, ବିଶ୍ୱ ରଞ୍ଜନ ବେଉରା, ଶିବ ବିଶୋଇ, ଗୌତମ ବାଡା, ସୁମନ କୁମାର, ବିଶ୍ୱମ୍ଭର ସାମଲ, ବିଶ୍ୱନାଥ ସାହୁ, ଶତ୍ରୁଘ୍ନ ମିଶ୍ର, ଶ୍ରୀନିବାସ ରାଓ, ଅନୁପ କୁମାର, ଶୁଭଙ୍କର ମାଇତି, ଏମଡି ଜାବେଦ, ବିଜୟ ଚୌଧୁରୀ, ସନ୍ତୋଷ ଯାଦବ, ଜୟ ବାହାଦୁର ସିଂହ। ଏଥିସହ ମିଶ୍ରଣ ପର୍ବରେ ଦିଲ୍ଲୀପ ରାୟଙ୍କ ସହଧର୍ମିଣୀ ପୂଜା ରାୟଙ୍କ ସହିତ ସହରର ଜଣାଶୁଣା ନାରୀନେତ୍ରୀ ମୀନତୀ ଦେବତା ମଧ୍ୟ ସମ୍ମିଳିତ ଥିଲେ।



## ରାଉରକେଲାବାସୀଙ୍କ ବିକାଶ ବିନା ମୋ ଜୀବନ ଅଧୁରା: ଦିଲ୍ଲୀପ ରାୟ

# ଶ୍ରମିକଙ୍କ ପାଇଁ ଅନେକ ଯୋଜନା କରିଛନ୍ତି ରାଜ୍ୟ ସରକାର

**ରାଉରକେଲା, ୨୩।୪(ସଙ୍ଗୀତା ଜେନା)**

ଶ୍ରମିକମାନଙ୍କ ପାଇଁ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି। ରାଜ୍ୟ ତମାମ ରୂପାନ୍ତରିକରଣ, ଶିଳ୍ପ ବିକାଶରେ ଶ୍ରମିକମାନଙ୍କ ଭୂମିକା ପ୍ରଶଂସନୀୟ। ସେମାନଙ୍କର ମଜୁରି ଓ ସାମାଜିକ ସୁରକ୍ଷା ଯୋଗାଇବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳା ଓ ପରିବାର ପାଇଁ ୫ ଲକ୍ଷ ଟଙ୍କା, ଶ୍ରମିକ ଶ୍ରେଣୀ କ୍ଷେତ୍ରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସମଗ୍ର ରାଜ୍ୟରେ ଆଜି ସୁଦ୍ଧା ୪୨ଲକ୍ଷ ୪୮ ହଜାର ଶ୍ରମିକ ପଞ୍ଜିକୃତ ହୋଇଛନ୍ତି। ସେମାନଙ୍କୁ ବିଭିନ୍ନ ଯୋଜନାରେ ୩ ହଜାର ୫୨୪ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି ବୋଲି ବିଜୁ ଶ୍ରମିକ ସାମ୍ମୁଖ୍ୟର ମହାସଚିବ ସୁବାସ ସିଂ କହିଛନ୍ତି। ସେକ୍ଟର-୫ ଭଞ୍ଜଭବନଠାରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ବିଶାଳ ଶ୍ରମିକ ସମାବେଶ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ମହାସଚିବ ସିଂ କହିଲେ, ଶ୍ରମିକ କଲ୍ୟାଣ ବୋର୍ଡରେ କେନ୍ଦୁପତ୍ର ତୋଳାଳି ଓ ବୁଣାକାର, ପଶ୍ଚିମ ଓଡ଼ିଶା ଅନ୍ତର୍ଗତ ସମ୍ବଲପୁର ସହରରେ କାର୍ଯ୍ୟରତ ମ୍ୟୁନିସିପାଲଟି କର୍ମଚାରୀ, ହୋଟେଲ ବ୍ୟବସାୟୀ, ଦୋକାନବଜାରରେ କାର୍ଯ୍ୟରତ କର୍ମଚାରୀ, ଅଟୋ ଚାଳକ, ଫଟୋଗ୍ରାଫର ଓ ଅନ୍ୟମାନେ ସାମିଲ ହୋଇ ସୁବିଧା ପାଇ ପାରିବେ। ସୁତରାଂ ଶ୍ରମିକ ସମୂହମାନଙ୍କ ପାଇଁ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ଐତିହାସିକ ପଦକ୍ଷେପ ନେଇଛନ୍ତି ବୋଲି ସିଂ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶ୍ରମମନ୍ତ୍ରୀ ସାରଦା ନାୟକ ଉଦ୍‌ଘାଟକ ଭାବେ ଯୋଗଦେଇ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ମହିଳା ସଶକ୍ତିକରଣ ଓ ମିଶନ ଶକ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ସାମ୍ମୁଖ୍ୟର ଉପାଧକ୍ଷ ବୈଦ୍ୟନାଥ ଦାସ, ବରିଷ୍ଠ ଶ୍ରମିକ ନେତା ଆନନ୍ଦ ମହାନ୍ତି, ରାଉରକେଲା ମଜଦୁର ସଭାର ସମ୍ପାଦକ ଅକ୍ଷୟ ନାୟକ, ରାଜ୍ୟ ହିନ୍ଦ ମଜଦୁର ସଭାର ସମ୍ପାଦକ ପ୍ରମୋଦ ଦାସ, ହେମନ୍ତ ବେହୁରିଆ, କେଦାରନାଥ ଦସେ, ଭୁବନ ବେହେରା, ଈଶ୍ୱର ଚନ୍ଦ୍ର ଭଞ୍ଜ, ବାବୁଲା ଦାସ, ଲିଜା ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିର୍ସା ମୁଣ୍ଡା ଶ୍ରମ ଶକ୍ତି ଓ ବିର୍ସା ମୁଣ୍ଡା ଯୁବା ଶ୍ରମ ଶକ୍ତି ସଙ୍ଗଠନ, ନାରାୟଣୀ ଶ୍ରମିକ ସଂଘ, ଆମ ଶ୍ରମିକ ସଂଘର କର୍ମକର୍ତ୍ତାମାନେ ସାମ୍ମୁଖ୍ୟରେ ସାମିଲ ହୋଇଥିଲେ। ସେମାନଙ୍କୁ ସ୍ୱାଗତ କରାଯାଇଥିଲା। କଳାକାର ସାହୁ, ସିଦ୍ଧେଶ୍ୱର ବଳ, ସନ୍ତୋଷ ନାୟକ, ରବିନାରାୟଣ ମଲ୍ଲିକ, ମୋନାଲିସା ଲେଙ୍କା, ଛୋଟୁ ଖାଡିଆ, ଗୀତା ମଲିକ, ବାବୁଲି ମହାରଣା ଓ ଅନ୍ୟମାନେ ସହଯୋଗ କରିଥିଲେ।




ଭଞ୍ଜଭବନରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ଆୟୋଜିତ ସମାବେଶରେ ଅତିଥି।

## ବିଜୁ ଶ୍ରମିକ ସାମ୍ମୁଖ୍ୟର ସମାବେଶ, ଆଲୋଚନାଚକ୍ର

## ବିଧାନସଭା: ବିଜେଡିର ମହିଳା କାର୍ଡ

# ୩୪ରୁ ୧୨ ବିଧାୟକଙ୍କ ସ୍ତ୍ରୀ

**ଭୁବନେଶ୍ୱର,୨୩।୪(ଅନିଲ ଦାସ)**

ବିଜୁ ଜନତା ଦଳ ସପ୍ତମ ପର୍ଯ୍ୟାୟ ସୁଦ୍ଧା ୧୪୧ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ସେମାନଙ୍କ ମଧ୍ୟରେ ୩୪ ଜଣ ମହିଳାଙ୍କୁ ଦଳ ଟିକେଟ ଦେଇଛି। ବିଧାନସଭା ଓ ପାର୍ଲାମେଣ୍ଟରେ ମହିଳାଙ୍କୁ ସଂରକ୍ଷଣ ଦେବାକୁ ବିଜେଡି ଜାତୀୟ ସ୍ତରରେ ଦାବିକରି ଆସୁଛି। ଚଳିତ ବିଧାନସଭା ନିର୍ବାଚନରେ ଅଧିକ ସଂଖ୍ୟକ ମହିଳାଙ୍କୁ ପ୍ରାର୍ଥୀ କରି ଦଳ ଅନ୍ୟ ରାଜନୈତିକ ଦଳ ପାଇଁ ଉଦାହରଣ ସୃଷ୍ଟି କରିଛି। ତେବେ ମହିଳା ପ୍ରାର୍ଥୀଙ୍କ ମଧ୍ୟରେ ୧୨ ଜଣ ବିଧାୟକ ଓ ପୂର୍ବତନ ବିଧାୟକଙ୍କ ସ୍ତ୍ରୀଙ୍କୁ ଟିକେଟ ମିଳିଛି।

ବାଲେଶ୍ୱର ଜିଲା ବସ୍ତା ବିଧାନସଭା ଆସନ ପାଇଁ ପୂର୍ବତନ ଏମ୍‌ପି ରବି ଜେନାଙ୍କ ସ୍ତ୍ରୀ ସୁବାସିନୀ ଜେନାଙ୍କୁ ବିଜେଡି ଟିକେଟ ଦେଇଥିବା ବେଳେ ଜଗତ୍‌ସିଂହପୁର ଜିଲା ପାରାଦୀପରୁ ବର୍ତ୍ତମାନର ବିଧାୟକ ସମ୍ବିତ ରାଉତରାୟଙ୍କ ସ୍ତ୍ରୀ ଗୀତାଞ୍ଜଳି ରାଉତରାୟ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂଙ୍କ ସ୍ତ୍ରୀ ସଂଯୁକ୍ତା ସିଂ, ମୟୂରଭଞ୍ଜ ଜିଲା ମୋରଡ଼ା ବିଧାୟକ ରାଜକିଶୋର ଦାସଙ୍କ ସ୍ତ୍ରୀ ପ୍ରୀତିଲତା କାନୁନ୍‌ଗୋ, ବଡ଼ସାହିରୁ ବିଧାୟକ ଗଣେଶ୍ୱର ପାତ୍ରଙ୍କ ସ୍ତ୍ରୀ ଅନସୂୟା ପାତ୍ର, କୋରାପୁଟ ଜିଲା ଜୟପୁରରୁ ପୂର୍ବତନ ମନ୍ତ୍ରୀ ରବି ନନ୍ଦଙ୍କ ସ୍ତ୍ରୀ ଇନ୍ଦିରା ନନ୍ଦଙ୍କୁ ବିଜେଡି ଟିକେଟ ପ୍ରଦାନ କରିଛି। ସେହିପରି ଗଞ୍ଜାମ ଜିଲା ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସ୍ତ୍ରୀ ସଂଘମିତ୍ରା ସ୍ୱାଇଁ, କଳାହାଣ୍ଡି ଜିଲା ଭବାନୀପାଟଣାରୁ ଦୁଷ୍ମନ୍ତ ନାୟକଙ୍କ ସ୍ତ୍ରୀ ଲତିକା ନାୟକ, ନବରଙ୍ଗପୁର ବିଧାୟକ ସଦାଶିବ ପଧାନୀଙ୍କ ସ୍ତ୍ରୀ କୌଶଲ୍ୟା ପଧାନୀ, ନବରଙ୍ଗପୁର ଜିଲା ଉମରକୋଟରୁ ସୁବାସ ଗଣ୍ଡଙ୍କ ସ୍ତ୍ରୀ ନବୀନା ନାୟକ ଟିକେଟ ପାଇଛନ୍ତି। ସେହିପରି ପୂର୍ବତନ ମନ୍ତ୍ରୀ ତଥା ମୟୂରଭଞ୍ଜ ଏମ୍‌ପି ପ୍ରାର୍ଥୀ ସୁଦାମ ମାର୍ଣ୍ଡିଙ୍କ ସ୍ତ୍ରୀ ରଞ୍ଜିତା ମାର୍ଣ୍ଡି ଏବଂ ରଘୁନାଥପାଲୀ ବିଧାୟକ ସୁବ୍ରତ ତରାଇଙ୍କ ସ୍ତ୍ରୀ ଅର୍ଚ୍ଚନା ରେଖା ବେହେରାଙ୍କୁ ବିଜେଡି ପ୍ରାର୍ଥୀ କରିଛି।

ସେହିପରି ରାୟଗଡ଼ାରୁ ଅନସୂୟା ମାଝିଙ୍କୁ ବିଜେଡି ପ୍ରାର୍ଥୀ କରିଥିବା ବେଳେ ବିଜେପୁରରୁ ରୀତା ସାହୁ, ଅତାବିରା ସ୍ନେହାଙ୍ଗିନୀ ଛୁରିଆ, ଝିଙ୍କାରପୁର ପ୍ରମିଳା ମଲ୍ଲିକ, ଯାଜପୁର ସୁଜାତା ସାହୁ, ଟିଟିଲାଗଡ଼ ଟୁକୁନି ସାହୁ, କବିସୂର୍ଯ୍ୟନଗର ଲତିକା ପ୍ରଧାନ, ଝାରସୁଗୁଡ଼ା ଦୀପାଳି ଦାସ, ବ୍ରଜରାଜନଗର ଅଳକା ମହାନ୍ତ, ଫୁଲବାଣୀ ଜୟଶ୍ରୀ କହଁର, ଆସ୍କା ମଞ୍ଜୁଳା ସ୍ୱାଇଁ, କେନ୍ଦୁଝର ମୀନା ମାଝି, ରାଇରଙ୍ଗପୁର ରାଇସେନ ମୁର୍ମୁ, ଲକ୍ଷ୍ମୀପୁର ପ୍ରଭୁ ଜାନୀ, ନର୍ଲା ମନୋରମା ମହାନ୍ତି, ଚିତ୍ରକୋଣ୍ଡା ଲକ୍ଷ୍ମୀପ୍ରିୟା ନାୟକ, ପଦ୍ମପୁର ବର୍ଷା ସିଂ ବରିହା, ଦେବଗଡ଼ ଅରୁନ୍ଧତୀ କୁମାରୀ ଦେବୀ, କରଞ୍ଜିଆ ବାସନ୍ତୀ ହେମ୍ବ୍ରମ, ସିମୁଳିଆ ସୁଭାଷିନୀ ସାହୁ, ରେମୁଣା ବିଦ୍ୟାସ୍ମିତା ମହାଳିକ, ବଡ଼ଚଣା ପାଇଁ ବର୍ଷା ପ୍ରିୟଦର୍ଶିନୀଙ୍କୁ ପ୍ରାର୍ଥୀ କରାଯାଇଛି।

ଟିକେଟ ପାଇଥିବା ଅଳ୍ପ କେତେଜଣଙ୍କୁ ବାଦ୍ ଦେଲେ ଅନେକ ପ୍ରଥମ ଥର ପାଇଁ ରାଜନୈତିକ ମଇଦାନକୁ ଓହ୍ଲାଇଛନ୍ତି। କୁହାଯାଉଛି ସ୍ଥାନୀୟ ଅଞ୍ଚଳରେ ବିଧାୟକ ଭାବରେ ତୃଣମୂଳସ୍ତରରେ ଥିବା ଅସନ୍ତୋଷକୁ ଏଡ଼ାଇବା ସହ ବିରୋଧୀ ଗୋଷ୍ଠୀଙ୍କୁ ମଧ୍ୟ ଦଳ ମ୍ୟାନେଜ କରି ମହିଳା ଭୋଟ ବ୍ୟାଙ୍କ ହାତେଇବା ପାଇଁ ଦଳ ଏଭଳି ରଣନୀତି ଆପଣାଇଛି।

## ଭାଜପାରେ ମିଶିଲେ ହିନ୍ଦୋଳ ବିଧାୟିକା



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସମର୍ଥକଙ୍କ ସହ ସାମିଲ୍ ହୋଇଥିବା ସୀମାରାଣୀ ନାୟକ।

**ଭୁବନେଶ୍ୱର, ୨୩।୪(ସୁନିତ୍ ମିଶ୍ର)**

ମୋ ପାଖରେ ଟଙ୍କା ନାହିଁ କି ଖଣି, ଖାଦାନ ଓ ଇଣ୍ଡଷ୍ଟ୍ରି ନାହିଁ। ଏଥିଲାଗି ମୁଁ ନିର୍ବାଚନ ଟିକେଟ୍‌ରୁ ବାଦ୍ ପଡିଲି। ବିଜେଡି ପାଇଁ ୧୦ ବର୍ଷ କାମ କଲି, କିନ୍ତୁ ମୋର ପରିଶ୍ରମକୁ ସେମାନେ ଟଙ୍କାରେ ତଉଲିଲେ। ଦଳମତ ନିର୍ବିଶେଷରେ ଲୋକଙ୍କ ପାଇଁ କାର୍ଯ୍ୟ କରେ। କିନ୍ତୁ ହିନ୍ଦୋଳ ମାଟିର ସ୍ୱାଭିମାନ, ଅସ୍ମିତାକୁ ବିଜେଡି ଟଙ୍କାରେ ତଉଲିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ବିଧାୟିକା ସୀମାରାଣୀ ନାୟକ କହିଛନ୍ତି। ମଙ୍ଗଳବାର ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ନିଜ ଶତାଧିକ ସମର୍ଥକଙ୍କ ସହ ବିଧିବଦ୍ଧ ଭାବେ ଭାଜପାରେ ଯୋଗ ଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବରେ ସୀମାରାଣୀଙ୍କ ସହ ହିନ୍ଦୋଳ ଏନଏସି ସଭାପତି ଗୋବିନ୍ଦ ଚନ୍ଦ୍ର ବେହେରା, ହିନ୍ଦୋଳ ବ୍ଲକ ସଭାପତି ତଥା ଉପାଧ୍ୟକ୍ଷ ବରୁଣ କୁମାର ସାରା, ଏନଏସି ଛାତ୍ର ସଭାପତି ଶ୍ୟାମଳ ଚନ୍ଦ୍ର ଜେନା, ଯୁବ ସଭାପତି ଦୁଃଖବନ୍ଧୁ ପ୍ରଧାନ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ବିଜେଡି ଛାଡି ଭାଜପାରେ ମିଶିଛନ୍ତି। ସୀମାରାଣୀଙ୍କ ଯୋଗଦାନ ଦଳକୁ ଶକ୍ତିଶାଳୀ କରିବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ମନମୋହନ ସାମଲ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି ପ୍ରମୁଖ ନୂତନ ସଦସ୍ୟଙ୍କୁ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି।

## ୨୫ରେ ପାଣ୍ଡିଆନ୍‌ଙ୍କ ବିଷମକଟକ, ଗୁଣପୁର ଗସ୍ତ

### ୨ ସମାବେଶରେ ଜନସାଧାରଣଙ୍କୁ ସମ୍ବୋଧିତ କରିବେ

**ରାୟଗଡ଼ା/ବିଷମକଟକ,୨୩।୪ (ଆଶିଷ ରଞ୍ଜନ ପଣ୍ଡା/ ବିଭୂତି ଭୂଷଣ ନାୟକ)**

ଆଗାମୀ ସାଧାରଣ ନିର୍ବାଚନରେ ୩ ପ୍ରମୁଖ ଦଳ ନିଜ ନିଜର ହେଭିୱେଟ୍ ନେତାଙ୍କୁ ନେଇ ଅଞ୍ଚଳରେ ପ୍ରଚାର ପାଇଁ ଯୋଜନା ଚଳାଇଛନ୍ତି। ଏହି କ୍ରମରେ ବିଜେଡି ନିର୍ବାଚନ ପ୍ରଚାର ଲାଗି ଆସନ୍ତା ୨୫ରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ରାୟଗଡ଼ା ଜିଲାର ଗୁଣପୁର ଓ ବିଷମକଟକ ଗସ୍ତରେ ଆସୁଛନ୍ତି। ସେଠାରେ ଦୁଇଟି ସଭାକୁ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ରହିଛି। ଏ ନେଇ ୫-ଟି ଅଧ୍ୟକ୍ଷଙ୍କ ବ୍ୟକ୍ତିଗତ ସଚିବଙ୍କ ନିକଟରୁ ରାୟଗଡ଼ା ଜିଲାପାଳ ମନୋଜ ସତ୍ୟୱାନ ମହାଜନଙ୍କୁ ଏକ ଚିଠି ଆସିଥିବା ଜଣାପଡ଼ିଛି। ପାଣ୍ଡିଆନ୍ ଗୁରୁବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରୁ ସକାଳ ୮ଟା ୨୦ରେ ହେଲିକପ୍ଟରରେ ବାହାରି କୋରାପୁଟ ଜିଲାର ଜୟପୁର, ସେମିଳିଗୁଡ଼ା, ଦଶମନ୍ତପୁର ଆଦି ଗସ୍ତକରି ୧୨ଟା ୧୫ରେ ରାୟଗଡ଼ା ଜିଲାର ବିଷମକଟକ ମିନି ଷ୍ଟାଡିୟମରେ ପହଞ୍ଚିବେ। ସେଠାରେ ପହଞ୍ଚିବା ପରେ ଗୁରୁବାର ଅପରାହ୍ଣ ୩ଟା ୩୦ମିନିଟ୍‌ରେ ଏକ ଜନସମାବେଶ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡ଼ିଛି। ଏହାପରେ ଅପରାହ୍ଣ ୪ଟା ୩୦ରେ ଗୁଣପୁର ଗସ୍ତକରି ସେଠାରେ ଏକ ଜନସମାବେଶରେ ଯୋଗଦେବେ ବୋଲି ଉକ୍ତ ଚିଠିରୁ ଜଣାପଡ଼ିଛି।

## ସୁବାସିନୀଙ୍କ ପ୍ରାର୍ଥିତ୍ୱକୁ ବିରୋଧ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡି ସମର୍ଥକ।

**ଖଇରା, ୨୩।୪(ଉତ୍କଳବନ୍ଧୁ ପଣ୍ଡା)**

### ସିମୁଳିଆ ବିଧାନସଭା ଆସନ

ବାଲେଶ୍ୱର ଜିଲା ସିମୁଳିଆ ବିଧାନସଭା ଆସନ ପାଇଁ ବିଜେଡି ପକ୍ଷରୁ ସୁବାସିନୀ ସାହୁଙ୍କୁ ଟିକେଟ ମିଳିବା ପରେ ବିବାଦ ବଢ଼ିବାରେ ଲାଗିଛି। ଏହି ନିର୍ବାଚନମଣ୍ଡଳୀର ୫ ଜୋନର ଜିଲା ପରିଷଦ ସଭ୍ୟାସଭ୍ୟ, ଜିଲା ପରିଷଦ ପ୍ରାର୍ଥୀ, ଛାମୁଆ ସଙ୍ଗଠନର କର୍ମକର୍ତ୍ତା ତଥା ୫୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ବିଜେଡି ସମର୍ଥକମାନେ ଏନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଖଇରା ବ୍ଲକର ଗଣ୍ଡିବେଡଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ସମର୍ଥକମାନେ ନିଷ୍ପତ୍ତିର ପୁନର୍ବିଚାର ସହ ପ୍ରାର୍ଥୀ ପରିବର୍ତ୍ତନ କରିବାକୁ ଦାବି କରିଛନ୍ତି। ଯଦି ବିଜେଡି ସୁପ୍ରିମୋ ପୁନର୍ବିଚାର ନ କରନ୍ତି ତେବେ ବିଜେଡିର ସିମୁଳିଆ ଦଖଲ ଆଶାରେ ରହିଯିବ ବୋଲି ଏମାନେ ମତ ଦେଇଛନ୍ତି।

ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ, ରଶ୍ମିତା ମହାପାତ୍ର, ସୁଷମା ମହାପାତ୍ର, ସାବିତ୍ରୀ ପାଢ଼ୀ, ଉମାକାନ୍ତ ମହାରଣା, ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ, ୪୦ନମ୍ବର ଜୋନର ପ୍ରାର୍ଥୀ କ୍ଷିତିଶ ମହାନ୍ତି, ସରପଞ୍ଚ ପ୍ରତିନିଧି ସମ୍ପଦ ଘଡେଇ, ଡୁଙ୍ଗୁରା ସରପଞ୍ଚ ପ୍ରକାଶ କୁମାର ଲେଙ୍କା ଓ ଗରସଙ୍ଗ ସରପଞ୍ଚ ରାଜେନ୍ଦ୍ର କୁମାର ଦାସ ପ୍ରମୁଖ ଖବରଦାତାଙ୍କ ସମ୍ମୁଖରେ ପ୍ରତିକ୍ରିୟା ରଖି ୧୫ବର୍ଷ ଧରି ଖଇରା-ସିମୁଳିଆରେ ବିକାଶ ପାଇଁ ବର୍ତ୍ତମାନର ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କାର୍ଯ୍ୟ କରିବା ସହ ସବୁ ପ୍ରତିକୂଳ ପରିସ୍ଥିତିରେ ବି ସଙ୍ଗଠନକୁ ସମ୍ଭାଳି ଆସୁଥିଲେ। ହେଲେ ୨୦୨୨ ପଞ୍ଚାୟତ ନିର୍ବାଚନରେ ଭାଜପା ସହ ମିଶି ବିଜେଡି ପ୍ରାର୍ଥୀଙ୍କୁ ହରାଇ ଅସ୍ଥିରତା ସୃଷ୍ଟି କରିଥିବା ବ୍ୟକ୍ତିଙ୍କ ସ୍ତ୍ରୀଙ୍କୁ ବିଜେଡି ବିଶ୍ୱାସକୁ ନେଇଥିବାରୁ ତାଙ୍କୁ କୌଣସି ପରିସ୍ଥିତିରେ ଗ୍ରହଣ କରାଯିବ ନାହିଁ ବୋଲି ଖୋଲାଖୋଲି ପ୍ରତିକ୍ରିୟା ଦେବାକୁ ପଛାଇ ନ ଥିଲେ। ଏଭଳି କିଛି ପଞ୍ଚାୟତର ଲୋକପ୍ରତିନିଧି ନିଜର ମତ ରଖିବା ବେଳେ ଭାବବିହ୍ୱଳ ହୋଇପଡୁଥିବା ଦେଖିବାକୁ ମିଳିଥିଲା।

## ଲୋକ ସଭା ପାଇଁ ୨୫, ବିଧାନସଭା ପାଇଁ ୧୦୮ ପ୍ରାର୍ଥିପତ୍ର ଦାଖଲ

**ଭୁବନେଶ୍ୱର,୨୩।୪(ଅନିଲ ଦାସ)**

### ପ୍ରଥମ ପର୍ଯ୍ୟାୟ ନିର୍ବାଚନ

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପ୍ରକ୍ରିୟା ଜାରି ରହିଛି। ଏପ୍ରିଲ ୧୮ରୁ ୨୩ ତାରିଖ ମଧ୍ୟରେ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର, କୋରାପୁଟ ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ୨୫ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ଏହି ସଂସଦୀୟ କ୍ଷେତ୍ର ଅଧୀନରେ ଥିବା ୨୮ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଏ ପର୍ଯ୍ୟନ୍ତ ୧୦୮ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କଳାହାଣ୍ଡି ଲୋକ ସଭା ଆସନ ପାଇଁ ସର୍ବାଧିକ ୧୧ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ନବରଙ୍ଗପୁର ୩, ବ୍ରହ୍ମପୁର ୫ ଏବଂ କୋରାପୁଟ ଆସନ ପାଇଁ ୬ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ବ୍ରହ୍ମପୁର ବିଧାନସଭା ଆସନରେ ସର୍ବାଧିକ ୧୨ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ଦିଗପହଣ୍ଡି ୧୨, ପାରଳାଖେମୁଣ୍ଡି ୮, ନୂଆପଡ଼ା ୬, ଖରିଆର ୩, ଉମରକୋଟ ୧, ଝରିଗାଁ ୨, ଡାବୁଗାଁ ୨, ଲାଞ୍ଜିଗଡ଼ ଆସନ ପାଇଁ ୫ ଜଣ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ଅନ୍ୟାନ୍ୟ ବିଧାନସଭା ଆସନରେ ମଧ୍ୟ ପ୍ରାର୍ଥିପତ୍ର ଦାଖଲ ଜାରି ରହିଛି। ତେବେ ନବରଙ୍ଗପୁର ଏବଂ ବିଷମକଟକରେ ଏ ପର୍ଯ୍ୟନ୍ତ ଜଣେ ହେଲେ ପ୍ରାର୍ଥୀ ନାମାଙ୍କନ ଦାଖଲ କରିନାହାନ୍ତି।

## ବିଜେଡି ଛାଡ଼ିଲେ ବରିଷ୍ଠ ନେତା ଭକ୍ତିପ୍ରସାଦ


ଭକ୍ତି ପ୍ରସାଦ ଦାସ


ମହେଶ ଚନ୍ଦ୍ର ଧଳ


ମୀରା ଗଡ଼ନାୟକ


ପ୍ରକାଶ ଚନ୍ଦ୍ର ଭୋଇ

**ଅନୁଗୋଳ,୨୩।୪ (ଅମିତ କୁମାର ସାମଲ)**

### ମହେଶ, ମୀରା, ପ୍ରକାଶ ମଧ୍ୟ ଦେଲେ ଇସ୍ତଫା

ଅନୁଗୋଳ ଜିଲାର ବରିଷ୍ଠ ନେତା ଭକ୍ତି ପ୍ରସାଦ ଦାସ ମଙ୍ଗଳବାର ବିଜୁ ଜନତା ଦଳରୁ ଇସ୍ତଫା ଦେଇଛନ୍ତି। ଦଳରେ ତାଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ କରି ସେ ତାଙ୍କର ଇସ୍ତଫା ପତ୍ର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। କେବଳ ଭକ୍ତିପ୍ରସାଦ ନୁହନ୍ତି, ଅନୁଗୋଳ ଜିଲା ବିଜେଡିର ବରିଷ୍ଠ ନେତ୍ରୀ ମୀରା ଗଡ଼ନାୟକ, ଯୁବ ବିଜେଡି ରାଜ୍ୟ ଉପସଭାପତି ପ୍ରକାଶ ଚନ୍ଦ୍ର ଭୋଇ, ମାତ୍ର ସପ୍ତାହେ ତଳେ ବିଜେଡିରେ ଯୋଗ ଦେଇଥିବା ଆଦର୍ଶ ଗ୍ରୁପ୍ ପ୍ରତିଷ୍ଠାତା ମହେଶ ଚନ୍ଦ୍ର ଧଳ, ବିଜେଡି ଡିଜିଟାଲ ସମ୍ପାଦକ ପ୍ରଶାନ୍ତ କୁମାର ଦେହୁରୀ, ବିଜୁ ଛାତ୍ର ଜନତା ଦଳ ଜିଲା ସାଧାରଣ ସମ୍ପାଦକ ରାହୁଲ ମହାପାତ୍ର ଓ ବାଉଳିଗଡ଼ ସରପଞ୍ଚ ଅମରେନ୍ଦ୍ର ଗଡ଼ନାୟକ ମଧ୍ୟ ଦଳ ଛାଡ଼ିଛନ୍ତି। ଏକାବେଳେ ଏତେ ସଂଖ୍ୟକ ନେତା ଦଳ ଛାଡ଼ିବା ଜିଲା ବିଜେଡି କ୍ୟାମ୍ପରେ କମ୍ପନ ସୃଷ୍ଟି କରିଛି। ଏହି ନେତାମାନେ ବୁଧବାର ଭାଜପାରେ ସାମିଲ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟ ଓ ଅନୁଗୋଳ ଜିଲା ଉପଦେଷ୍ଟା କମିଟିରୁ ଇସ୍ତଫା ଦେଇଥିବା ଭକ୍ତି ପ୍ରସାଦ ରାଜ୍ୟ ସଭାପତିଙ୍କ ନିକଟକୁ ପଠାଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି, ଦୀର୍ଘବର୍ଷ ଧରି ବିଜୁ ଜନତା ଦଳରେ ତାଙ୍କୁ ଅଣଦେଖା କରାଯାଇଛି। ଦଳ ତାଙ୍କୁ କେବେ ବି ଗୁରୁତ୍ୱ ପ୍ରଦାନ କରିନାହିଁ। ବିଶେଷକରି ୨୦୧୯ ପରଠାରୁ ଅଦ୍ୟାବଧି ଏହି ଧାରା ଜାରି ରହିଥିଲା। ତେଣୁ ଦଳରେ ତାଙ୍କର ଆଉ ଆବଶ୍ୟକତା ନ ଥିବାରୁ ସେ ବିଜେଡି ଛାଡ଼ିଥିବା ଜଣାଇ ଦେଇଛନ୍ତି। ଇସ୍ତଫା ଦେଇଥିବା ବରିଷ୍ଠ ନେତ୍ରୀ ମୀରା ଦର୍ଶାଇଛନ୍ତି,ତାଙ୍କର ଗୁରୁତ୍ୱ ଓ ଦାୟିତ୍ୱକୁ ବୁଝିବାରେ ହେଳା କରାଯାଇଛି। ଅନ୍ୟପକ୍ଷରେ ଗତ ୧୭ ତାରିଖରେ ବିଜେଡିରେ ଯୋଗଦାନ କରିଥିବା ଆଦର୍ଶ ଗ୍ରୁପ୍‌ର ପ୍ରତିଷ୍ଠାତା ମହେଶ ଦଳରୁ ଇସ୍ତଫା ଦେବା ବେଶ୍ ଆଲୋଚନାର ବିଷୟ ହୋଇଛି।

## ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲା ଭାଜପା ପ୍ରତିନିଧି ଦଳ

**ଭୁବନେଶ୍ୱର,୨୩।୪(ସୁନିତ୍ ମିଶ୍ର)**

ଶାସକ ବିଜେଡି ନିର୍ବାଚନ ସମୟରେ ସମସ୍ତ ପ୍ରକାର ନୀତିନିୟମକୁ ଜଳାଞ୍ଜଳି ଦେଇ ଭୋଟ ହାତେଇବାକୁ ସବୁ ପ୍ରକାର ପନ୍ଥା ଆପଣାଇଛି। ରାଜ୍ୟ ସରକାରଙ୍କ କଲ୍ ସେଣ୍ଟରରୁ ଫୋନ୍ କରି ଧମକଚମକ ଦିଆଯାଇ ଭୋଟରଙ୍କୁ ଭୟଭୀତ କରାଯାଉଥିବା ଭାଜପା ଅଭିଯୋଗ କରିଛି। ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛି ଯେ, ରାଶନ କାର୍ଡ, ବିଏସ୍‌କେୱାଇ କାର୍ଡ, ଭତ୍ତା କାର୍ଡ ସମେତ ଅନ୍ୟାନ୍ୟ ସରକାରୀ ସୁବିଧା ସୁଯୋଗ ତାଲିକାରୁ ନାମ କାଟି ଦିଆଯିବାର ଧମକ ଦିଆଯାଉଛି। ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଛନ୍ତି।

## ରଣେନ୍ଦ୍ରଙ୍କ ଭାଇରାଲ ଭିଡିଓକୁ ନେଇ ହଇଚଇ

**ନିମାପଡ଼ା,୨୩।୪(ରଞ୍ଜନ ପଟ୍ଟନାୟକ)**

ପୁରୀ ଜିଲା ବିଜେଡି ପର୍ଯ୍ୟବେକ୍ଷକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଭାଇରାଲ ଭିଡିଓକୁ ନେଇ ଏବେ ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ହଟଚମଟ ସୃଷ୍ଟି ହୋଇଛି। ସମ୍ପ୍ରତି ଏହି ଭିଡିଓଟି ମୋବାଇଲରୁ ମୋବାଇଲକୁ ଘୁରିବୁଲୁଛି। ଭିଡିଓରେ ସ୍ୱାଇଁ କହିଛନ୍ତି ଯେ, 'ବିଧାୟକ ସମୀର ରଞ୍ଜନ ଦାଶଙ୍କ ବିରୋଧରେ ଅନେକ ପ୍ରମାଣ ରହିଛି। ଦଳୀୟ ଟିକେଟ ପ୍ରଦାନ କରାଯାଇଥିଲେ ବିଜେଡିର କ୍ଷତି ହୋଇଥାନ୍ତା। ସେଥିପାଇଁ ଦଳ ଜଣେ ନୂଆମୁହଁ ଦିଲ୍ଲୀପ ନାୟକଙ୍କୁ ସୁଯୋଗ ଦେଇଛି। ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଉଦ୍ଦେଶ୍ୟରେ ସେ କହିଛନ୍ତି, ତମେ ସମସ୍ତେ ଶଙ୍ଖ ଚିହ୍ନରୁ ଜିତିଛ।' ନିର୍ବାଚନରେ ଶଙ୍ଖ ଚିହ୍ନ ପାଇଁ କର। ଅନ୍ୟପକ୍ଷରେ ସମୀରଙ୍କ ବିରୋଧରେ କ'ଣ ପ୍ରମାଣ ରହିଛି, ଯେଉଁଥିପାଇଁ ସମୀରଙ୍କ ଟିକେଟ କାଟିବାକୁ ଦଳର ସଭାପତି ବାଧ ହେଲେ ବୋଲି ପ୍ରଶ୍ନ ହେବାରୁ ସେ ନେଇ ସ୍ୱାଇଁ କିଛି ପ୍ରକାଶ କରିନାହାନ୍ତି। ଏହି ଭାଇରାଲ ଭିଡିଓକୁ ନେଇ ମଙ୍ଗଳବାର ପୂର୍ବାହ୍ଣ ୧୦ଟାରେ ବିଧାୟକ ଦାଶଙ୍କ ସମର୍ଥକମାନେ ଏକତ୍ରିତ ହୋଇ ମାନସ ମନ୍ଥନ ଆରମ୍ଭ କରିଛନ୍ତି। ଜିଲାପରିଷଦ ସଦସ୍ୟ ପ୍ରଦୀପ୍ତ ଖଟୋଇଙ୍କ ସଭାପତିତ୍ୱରେ ଆୟୋଜିତ ନିର୍ବାଚନମଣ୍ଡଳୀସ୍ତରୀୟ ବୈଠକରେ ବିଧାୟକ ଦାଶଙ୍କ ସମେତ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସତ୍ୟବ୍ରତ ପାତ୍ର, ନିମାପଡ଼ା ବ୍ଲକ ସଭାପତି ଅଶୋକ ସାହୁ, ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ବ୍ଲକ ଉପାଧ୍ୟକ୍ଷା ଅନୁସୂୟା ମହାନ୍ତି, ଉପନଗରପାଳ ସନ୍ତୋଷ ଦାଶ, ଗୋପ ବ୍ଲକ ସଭାପତି ମଧୁସୂଦନ ପାଇକରାୟ, ବ୍ଲକ ଅଧ୍ୟକ୍ଷ ଝୁନୁ ମଲ୍ଲିକ, ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ନିମାପଡ଼ା ଏବଂ ଗୋପ ବ୍ଲକର ୨ ଜିଲାପରିଷଦ ସଦସ୍ୟଙ୍କ ସମେତ ନିର୍ବାଚିତ ସମିତି ସଭ୍ୟାସଭ୍ୟ, ସରପଞ୍ଚମାନେ ଯୋଗଦେଇଥିଲେ। ବୈଠକ ପ୍ରାୟ ୩ଘଣ୍ଟା ଧରି ଚାଲିଥିଲା। ଶେଷ ପର୍ଯ୍ୟନ୍ତ ବିଧାୟକଙ୍କ ସହିତ ରହିବା ପାଇଁ କେତେଜଣ କର୍ମୀ ବୈଠକରେ ମତବ୍ୟକ୍ତ କରିଥିଲେ। ତେବେ ଆଉ କେତେଜଣ କର୍ମୀ ଶଙ୍ଖ ଚିହ୍ନ ସହିତ ରହିବେ ବୋଲି ବୈଠକ ପରେ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କହିଛନ୍ତି।

### ସମୀର ଦାଶ ସମର୍ଥକଙ୍କ ମାନସ ମନ୍ଥନ



ବୈଠକରେ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ।



ବିଷମକଟକ ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ମନ୍ତ୍ରୀ ଜଗନ୍ନାଥ ସାରକା ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କ ନିକଟରେ ନାମାଙ୍କନ ଦାଖଲ କରୁଛନ୍ତି।




ରାୟଗଡ଼ା ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥିନୀ ଅନସୂୟା ମାଝି ଜିଲା ସଭାପତି ଏନ୍.ଭାସ୍କର ରାଓଙ୍କ ସହ ମଙ୍ଗଳବାର ରିଟର୍ନିଂ ଅଫିସର ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀଙ୍କ ନିକଟରେ ନାମାଙ୍କନ ଦାଖଲ କରୁଛନ୍ତି।

# ବିଜେଡି, ଭାଜପାରେ ଗୋଷ୍ଠୀ କନ୍ଦଳ

**ପଟ୍ଟାମୁଣ୍ଡାଇ,୨୩।୪ (କଳ୍ପତରୁ ନାୟକ)**

- ରାଜନଗର ନିର୍ବାଚନମଣ୍ଡଳୀରେ ହେବ ତ୍ରିମୁଖୀ ଲଢ଼େଇ
- ଫାଇଦା ଉଠାଇବେ କି ଅଶୋକ

କେନ୍ଦ୍ରାପଡ଼ା ଜିଲା ରାଜନଗର ବିଧାନସଭା ଆସନ ସବୁବେଳେ ରାଜ୍ୟ ରାଜନୀତିରେ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ହୋଇଆସିଛି। ସବୁଥର ଏହି ଆସନରେ ବିଜେଡି ଓ କଂଗ୍ରେସ ମଧ୍ୟରେ ଲଢ଼େଇ ଜୋରଦାର ହେଉଥିବାବେଳେ ଏଥର ଏହି ଆସନରେ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ପର୍ଯ୍ୟବେକ୍ଷକମାନେ ଅନୁମାନ କରୁଛନ୍ତି। ୩ ପ୍ରମୁଖ ରାଜନୈତିକ ଦଳ ସେମାନଙ୍କ ପ୍ରାର୍ଥୀ ଘୋଷଣା କରି ସାରିଛନ୍ତି। ବିଜେଡି ବର୍ତ୍ତମାନର ବିଧାୟକ ଧ୍ରୁବ ସାହୁଙ୍କ ଉପରେ ଆସ୍ଥା ପ୍ରକଟ କରି ପ୍ରାର୍ଥୀ କରିଥିବାବେଳେ କଂଗ୍ରେସ କେନ୍ଦ୍ରାପଡ଼ା ଜିଲାପରିଷଦ ଉପସଭାପତି ଅଶୋକ କୁମାର ପ୍ରତିହାରୀଙ୍କୁ ଟିକେଟ ଦେଇଛି। ସେହିପରି ଭାଜପା ନବାଗତ ନେତା ଲଳିତ କୁମାର ବେହେରାଙ୍କୁ ପ୍ରାର୍ଥୀ ଘୋଷଣା କରିଥିବାରୁ ଭାଜପା ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ବିରୋଧ ପ୍ରଦର୍ଶନ କରାଯାଉଛି। ଏ ନେଇ ଭାଜପାର ବରିଷ୍ଠ ନେତାମାନେ ଏମାନଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସମାଧାନର ବାଟ ବାହାରି ପାରିନାହିଁ। ଏଭଳିସ୍ଥିତିରେ ଦଳ ଏମାନଙ୍କୁ ବାଦ୍ ଦେଇ ଅନ୍ୟ ବିକଳ୍ପ ସନ୍ଧାନରେ ଥିବା ଚର୍ଚ୍ଚା ହେଉଛି। ଏ ନେଇ ବିଜେଡିର ଦୁଇ ନେତାଙ୍କ ନାମ ମଧ୍ୟ ଚର୍ଚ୍ଚାର ପରିସରକୁ ଆସିଲାଣି। ସେମାନେ ଭାଜପାରେ ମିଶିପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଲେଣି।

୨୦୧୪ ଓ ୨୦୧୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହୋଇ ଲଢ଼ିଥିବା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ବର୍ତ୍ତମାନ ବିଜେଡିର କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ହୋଇଛନ୍ତି। ଅଂଶୁମାନଙ୍କ ସହ ରାଜନଗର ଓ ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସରୁ ଅନେକ ପଦାଧିକାରୀ ବି ବିଜେଡିରେ ସାମିଲ ହୋଇଛନ୍ତି। ଅଂଶୁମାନଙ୍କ ସମର୍ଥକମାନେ ଯୋଡି ଶଙ୍ଖରେ ଭୋଟ ଦେବେ ବୋଲି କୁହାଯାଉଥିବା ବେଳେ ଗତ ୨୧ ତାରିଖରେ ସ୍ୱର୍ଗତ ନଳିନୀ ମହାନ୍ତିଙ୍କ ଶ୍ରାଦ୍ଧ ଭୋଜିରେ ସାମିଲ ହୋଇଥିବା ଧ୍ରୁବଙ୍କ ସମର୍ଥକଙ୍କ ସହ ଅଂଶୁମାନଙ୍କ କର୍ମୀ ମଧ୍ୟରେ ରାଜନୈତିକ ଗଣ୍ଡଗୋଳ ହେବା ନେଇ ସୋସିଆଲ ମିଡିଆରେ ପ୍ରଚାର ହେବାରୁ ରାଜନୈତକ ମହଲରେ ଯୋଡି ଶଙ୍ଖକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷେ ୨୦୨୪ ବିଧାନସଭା ନିର୍ବାଚନ ଜିତିବା ପାଇଁ ରାଜନଗର ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ଦିନରାତି ଏକ କରିଦେଇଛନ୍ତି। ଜନସାଧାରଣଙ୍କ ନିକଟତର ହେବା ପାଇଁ ବିଭିନ୍ନ ସମାରୋହରେ ଯୋଗଦେବା ସହ ପଞ୍ଚାୟତ ସ୍ତରୀୟ କର୍ମୀ ସମ୍ମିଳନୀ କରି ଆସୁଛନ୍ତି। ହେଲେ ଚଳିତ ନିର୍ବାଚନ ଜିତିବା ପାଇଁ ଧ୍ରୁବଙ୍କୁ ବଡ଼ ଆହ୍ୱାନ ହେଇଛନ୍ତି ତାଙ୍କର ଏକାନ୍ତ ଅନୁଗତ କଂଗ୍ରେସ ପ୍ରାର୍ଥୀ ଅଶୋକ ବୋଲି ଆଲୋଚନା ହେଉଛି। ଅଶୋକଙ୍କୁ କଂଗ୍ରେସ ଦଳ ବିଧାୟକ ଟିକେଟ ଦେଇଛି। ପୂର୍ବରୁ ଅଶୋକ ଏକଦା ରାଜନଗର ବିଧାୟକ ଧ୍ରୁବଙ୍କ ଡାହାଣ ହାତ ଥିବା ବେଳେ ୩ ଥର ରାଜନଗର ବ୍ଲକ ବିଜେଡି ସଭାପତି ଥିଲେ। କିନ୍ତୁ ରାଜନୈତିକ ବାଦବିବାଦକୁ ନେଇ ବିଧାୟକଙ୍କ ସହ ତାଙ୍କର ନ ପଡିବାରୁ ୨୦୨୩ ଅଗଷ୍ଟ ୨୮ରେ ତାଙ୍କୁ ବ୍ଲକ ବିଜେଡି ସଭାପତି ପଦବୀରୁ ହଟାଇ ଦିଆଯାଇଥଲା। ସେ ଦଳରୁ ଇସ୍ତଫା ଦେଇ କଂଗ୍ରେସରୁ ପ୍ରାର୍ଥୀ ହୋଇ ସଭାସମିତି କରି ଧ୍ରୁବଙ୍କ ଅତୀତ ବଖାଣିଲେଣି। ସାଧାରଣ ଲୋକେ ନିର୍ବାଚନ ସମୟରେ ଏହାର ଜବାବ ଦେବେ ବୋଲି ଗାଁ ଗଣ୍ଡାରେ ଆଲୋଚନା ହେଉଥିବାରୁ ନିର୍ବାଚନରେ ଏହା ଧ୍ରୁବଙ୍କ ପାଇଁ ମହଙ୍ଗା ହୋଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି। ଅନ୍ୟପକ୍ଷରେ ବିରୋଧୀ ଭାଜପା ପ୍ରାର୍ଥୀ ପରିବର୍ତ୍ତନ କରିବା ନେଇ ବିଚାର ବିମର୍ଷ ଚାଲିଛି। ଖୁବ୍‌ଶୀଘ୍ର ବିଜେଡି ଛାମୁଆ କର୍ମୀ ସହ ଆଗଧାଡିର ନେତା ଭାଜପାରେ ଯୋଗଦେଇ ବିଧାୟକ ପ୍ରାର୍ଥୀ ରୂପେ ଘୋଷଣା ହେବେ ବୋଲି ଆଲୋଚନା ହେଉଛି। ସେ ପଟ୍ଟାମୁଣ୍ଡାଇ ମାଟିର ପୁଅ ହୋଇଥିବାରୁ ପଟ୍ଟାମୁଣ୍ଡାଇ ବ୍ଲକ ଓ ମ୍ୟୁନିସିପାଲିଟି ଭୋଟର ତାଙ୍କ ସପକ୍ଷରେ ଯିବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ସଂକ୍ଷେପରେ

### ଯୌନ ଉତ୍ପୀଡ଼ନ ସମ୍ପର୍କିତ ଆଇନ ସଚେତନତା ଶିବିର

ସମ୍ବଲପୁର,୨୩।୪(ବି.ଶଙ୍କର)

ସମ୍ବଲପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଯୌନ ଉତ୍ପିଡନ ସମ୍ପର୍କିତ ଆଇନ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସଚେତନତା ସମ୍ମିଳନୀ କକ୍ଷରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଦୌରା ଜର୍ଜ ପ୍ରଦ୍ୟୁମ୍ନ କୁମାର ନାୟକ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ବିଚାର ବିଭାଗୀୟ ଅଧିକାରୀ ସମେତ କୋର୍ଟ କର୍ମଚାରୀ, ପରା ଲିଗାଲ ସେଛାସେବୀମାନେ ଉପସ୍ଥିତ ଥିଲେ । ଉପସ୍ଥିତ ବକ୍ତାମାନେ ଯୌନ ଉପୀଡ଼ନ ସମ୍ପର୍କରେ ଆଇନ, ସହାୟତା, ସୁବିଧା ପ୍ରଭୃତି ବିଷୟରେ ଆଲୋକପାତ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୌମ୍ୟା ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ସମ୍ପୃକ୍ତି ତାଲିମ ଶିବିର ଆରମ୍ଭ

କଣ୍ଟାବାଞ୍ଜି,୨୩।୪(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଅନ୍ତର୍ଗତ ଚଟୁଅନକା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକଙ୍କୁ ନେଇ ୪ ଦିନିଆ ସଂପୃକ୍ତି ତାଲିମ ଶିବିର ମଙ୍ଗଳବାର ଆରମ୍ଭ ହୋଇଛି। ତୁରେକେଲା ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଢିହାରୀ ଉକ୍ତ ଶିବିର ଉଦ୍‌ଘାଟନ କରିଥିଲେ । ଡାଏଟ ବଲାଙ୍ଗୀର ତୁରେକେଲା ବ୍ଲକ ସଂଯୋଜକ ଜ୍ଞାନେନ୍ଦ୍ର ମଲ୍ଲିକ, ସିଆରସିସି ଅମର ବାଗ, ଅନିତା ତ୍ରିପାଠୀ, ଗୋର ମେହେର, ରବୀନ୍ଦ୍ର ରଥ,ମିନିକେତନ ବେହେରା, ପ୍ରେମାନନ୍ଦ ବାରିହା ଓ ଅନ୍ୟ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଅମରକାନ୍ତ ବେହେରା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସିଆରସିସି ଅମର ବାଗ ଧନ୍ୟବାଦ ଦେଇଥିଲେ।

### ବିଜେଡିରେ ସାମିଲ ହେଲେ ୯୯ କର୍ମୀ

ପାଟଣାଗଡ,୨୩।୪(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପା ଓ କଂଗ୍ରେସ ଦଳ ଛାଡି ଉକ୍ତ ନିର୍ବାଚନମଣ୍ଡଳୀର ପାଟଣାଗଡ ବ୍ଲକ ସାଲେପାଲି ,ନିଲଜିବାହାଲ ଓ ଛକମାଲ ସହ ଖପ୍ରାଖୋଲ ବ୍ଲକର ଗୁରଜିଭଟା ଓ ବିଭିନ୍ନ ଗ୍ରାମରୁ ୯୯ ଜଣ ଭାଜପା ଓ କଂଗ୍ରେସ କର୍ମୀ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ଏହାଫଳରେ ପାଟଣାଗଡ ବିଜେଡିର ଶକ୍ତି ବୃଦ୍ଧି ପାଇବା ସହ ଦଳ ପାଇଁ ଏକ ଶୁଭ ସଙ୍କେତ ଓ ଆଗକୁ ଆହୁରି କର୍ମକର୍ତ୍ତା ବିଜେଡିରେ ସାମିଲ ହେବାର ସୂଚନା ରହିଛି ବୋଲି ପାଟଣାଗଡ ବିଧାୟକ ସରୋଜ ମେହେର କହିଛନ୍ତି।

# ସଙ୍କୀର୍ଣ୍ଣ ରାସ୍ତା ମୋ ବସ୍ ଚଳାଚଳରେ ବାଧକ

ସମ୍ବଲପୁର,୨୩।୪(ପ୍ରମୋଦ ବହିଦାର)

**ନିର୍ବାଚନ ପରେ ଭିତ୍ତିଭୂମି ସୁଦୃଢ଼ କରାଯିବ: ମହାନଗର ନିଗମ କମିଶନର**

ସମ୍ବଲପୁର ସହରରେ ଗତ ମାର୍ଚ୍ଚ ୯ ତାରିଖରେ ବହୁ ପ୍ରତୀକ୍ଷିତ ମୋ-ବସ୍ ସେବା ଆରମ୍ଭ ହୋଇଥିଲା। ଏହାକୁ ନେଇ ସମ୍ବଲପୁରବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଥିଲା। ସ୍ୱଳ୍ପ ମୂଲ୍ୟରେ ଯାତାୟତର ସୁବିଧା ମିଳିବ ବୋଲି ଲୋକେ ଆଶା କରିଥିଲେ। ମାତ୍ର ସହର ମଧ୍ୟରେ ପ୍ରଶସ୍ତ ରାସ୍ତା ନ ଥିବାରୁ ମୋ ବସ୍ ଚଳାଚଳରେ ସମସ୍ୟା ସୃଷ୍ଟି ହୋଇଛି। ବିଶେଷ କରି ସମ୍ବଲପୁର-ସାହାଜବାହାଲ ଓ ସମ୍ବଲପୁର-ବୁର୍ଲା ମଧ୍ୟରେ ଚଳାଚଳ କରୁଥିବା ମୋ ବସ୍ ସହର ମଧ୍ୟସ୍ଥଳରେ ଥିବା ଫ୍ଲାଏ ଓଭର ଉଭୟ ପାର୍ଶ୍ୱସ୍ଥ ସର୍ଭିସ ରୋଡ଼ ସମସ୍ୟାଭାବେ ଉଭା ହୋଇଛି। ଧୁତୁରାପଡ଼ାରୁ ନେଲସନ ମଣ୍ଡେଲା ଛକ(କଚେରି ଛକ) ପର୍ଯ୍ୟନ୍ତ ପ୍ରାୟ ୧.୯କିଲୋମିଟର ଦୀର୍ଘ ବିଶିଷ୍ଟ ଫ୍ଲାଇ ଓଭର ତଳେ ଉଭୟପାର୍ଶ୍ୱରେ ଥିବା ସର୍ଭିସ ରୋଡ଼ର ଅଧିକାଂଶ ଅଞ୍ଚଳ ଜବର ଦଖଲକାରୀଙ୍କ କବ୍ଜାରେ ରହିଛି। ଗୁଜୁରାଟି କଲୋନୀରୁ ମହିଳା ଥାନା, ଲକ୍ଷ୍ମୀ ଟକିଜ ଛକରୁ ପୀରବାବା ଛକ ପର୍ଯ୍ୟନ୍ତ ସର୍ଭିସ ରୋଡ଼ରେ ସମାନ ଅବସ୍ଥା। ଏଠାରେ ଗୁରୁତର ଟ୍ରାଫିକ ସମସ୍ୟା। ୨ଟି ଯାକ ମୋ ବସ୍ ଅଇଁଠାପାଲିରୁ ବାହାରି ବୁଢ଼ାରଜା, ଫାଟକ, ଜିଏମ୍ କଲେଜ ଛକ, ଧୁତୁରାପଡ଼ା, ଗୁଜୁରାଟି କଲୋନୀ, ମହିଳା ଥାନା, ଲକ୍ଷ୍ମୀ ଟକିଜ ଛକ, ଗୋଲବଜାର, ପୀରବାବା ଛକ, ଜିଲାପାଳ କାର୍ଯ୍ୟାଳୟ, କଚେରି ଛକ ଦେଇ ରିଂରୋଡ଼ରେ ଯାତାୟତ କରିଥାଏ। ମାତ୍ର ସହର ମଧ୍ୟରେ ଧୁତୁରାପଡ଼ା ଛକରୁ ଫ୍ଲାଏଓଭର ତଳ ବାମପାର୍ଶ୍ୱ ସର୍ଭିସ ରୋଡ଼ ସଙ୍କୀର୍ଣ୍ଣ ହୋଇଥିବାରୁ ମୋ-ବସ ପ୍ରବେଶ ସମ୍ଭବ ନ ହେବାରୁ ବର୍ତ୍ତମାନ ଗୋଟିଏ ମାତ୍ର ବସ୍ ଡାହାଣ ପାର୍ଶ୍ୱ ସର୍ଭିସ ରୋଡ଼ରେ ଯାତାୟାତ କରୁଛି। ତେବେ ଏହି ରାସ୍ତାରେ ମୋ ବସ୍ ସହିତ ଅନ୍ୟ କୌଣସି ଚରିଚକିଆ ଯାନ ଏକସଙ୍ଗେ ଅତିକ୍ରମ କରିବା ସମ୍ଭବ ହେଉନାହିଁ। ଫଳରେ ଏହି ରାସ୍ତାରେ ମୋ-ବସ ପ୍ରବେଶ କଲେ ବ୍ୟାପକ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣା ଘଟିବା ଆଶଙ୍କା ସୃଷ୍ଟି କରୁଛି।

୨୦୨୨ ଅକ୍ଟୋବର ୨୧ରେ ଫ୍ଲାଏ ଓଭର ଉଦ୍‌ଘାଟିତ ହୋଇଥିଲା। ଫ୍ଲାଏ ଓଭର ତଳେ ଉଭୟ ପାର୍ଶ୍ୱରେ ସର୍ଭିସ ରୋଡ଼ ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରିବା କାର୍ଯ୍ୟକ୍ରମ ରହିଥିଲା। ରାସ୍ତା ନିର୍ମାଣ ପାଇଁ ଟାଉନ ୟୁନିଟ୍-୪ ଓ ୫ରେ ଜମି ଅଧିଗ୍ରହଣ ପାଇଁ ନୋଟିସ୍ ଜାରି କରାଯାଇଥିଲା। ଇତିମଧ୍ୟରେ ଅଧିଗ୍ରହଣ ପାଇଁ ଚିହ୍ନଟ ଜମିକୁ ନେଇ ରହିଥିବା ଅଦାଲତି ମାମଲା ମଧ୍ୟ ସରିଛି। ମାତ୍ର ସରକାରୀ ଉଦାସୀନତା ଯୋଗୁ ଅଧିଗ୍ରହଣ କାର୍ଯ୍ୟ ଆଗେଇ ପାରୁନାହିଁ। ଅନ୍ୟ ଏକ ଘଟଣାକ୍ରମରେ ଉକ୍ତ ରାସ୍ତାରେ ଦୁଇଟି ମସ୍‌ଜିଦ, ଏକ ରାଜନୈତିକ ଦଳର କାର୍ଯ୍ୟାଳୟ, ଆରଡ଼ିସି, ଜିଲାପାଳ, ଜିଲା ପରିଷଦ ଅଫିସ ରହିଛି। ଏଣୁ ଏହିସବୁ ଅଞ୍ଚଳରେ ଗାଡିମୋଟର ପାର୍କିଂଠାରୁ ଆରମ୍ଭ କରି ଟ୍ରାଫିକ ସମସ୍ୟା ଦେଖାଦେଉଛି। ଏହି ବ୍ୟସ୍ତବହୁଳ ରାସ୍ତାରେ ମୋ-ବସ୍ ଚଳାଚଳ ସହଜ ହେଉନାହିଁ। ଏହା ବ୍ୟତୀତ ମୋ-ବସ ଯାତାୟତ କରୁଥିବା ରାସ୍ତାର କୌଣସି ସ୍ଥାନରେ ପ୍ରତୀକ୍ଷାଳୟ ନାହିଁ। ତେଣୁ ବସ୍ ଗୁଡ଼ିକ ମନଇଚ୍ଛା ଯାତ୍ରୀଙ୍କୁ ଛାଡୁଛନ୍ତି ଓ ଉଠଉଛନ୍ତି। ଏହା ସହରବାସୀଙ୍କ ପାଇଁ ଏକ ଭିନ୍ନ ସମସ୍ୟା ସୃଷ୍ଟି କରୁଛି।

ଏସମ୍ପର୍କରେ ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣଙ୍କୁ ପଚାରିବାରୁ ସହରର ଯାତ୍ରୀ ପ୍ରତୀକ୍ଷାଗାର ନିର୍ମାଣ ଦାୟିତ୍ୱ ସିଟିବସ ସେବା ଯୋଗାଣକାରୀ ସଂସ୍ଥା ପଶ୍ଚିମ ଓଡ଼ିଶା ପରିବହନ ସେବା ଲିମିଟେଡ୍(ଡବ୍ଲ୍ୟୁଓଡିଏସ୍ଏଲ୍) ହାତରେ ଥିଲା। ବର୍ତ୍ତମାନ ମୋ-ବସ ସେବା ପ୍ରଦାନକାରୀ ସଂସ୍ଥା କ୍ୟାପିଟାଲ ରିଜିଓନ ଅର୍ବାନ ଟ୍ରାନ୍ସପୋର୍ଟ(କ୍ରୁଟ୍) ଏଠାରେ ପ୍ରତୀକ୍ଷାଗାର ନିର୍ମାଣ କରିବ। ତେବେ ଡବ୍ଲ୍ୟୁଓଡିଏସ୍ଏଲ୍ ପକ୍ଷରୁ କ୍ରୁଟ୍‌କୁ ଦାୟିତ୍ୱ ହସ୍ତାନ୍ତର ପରେ ନିର୍ମାଣ ଆରମ୍ଭ ହେବ। ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଠିବା ପରେ ମୋ-ବସ୍ ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏହାସହ ଅଇଁଠାପାଲି, ମୁଦିପଡ଼ା, ପୁରୁଣା ବସ୍‌ଷ୍ଟାଣ୍ଡ ଓ କାଇଁଶିରରେ ନୂତନ ଭାବେ ବସ୍‌ଗୁଡ଼ିକର ରହଣୀ ପାଇଁ ଡିପୋ ନିର୍ମାଣ କରାଯିବ ବୋଲି ବୋଲି ବେଦଭୂଷଣ କହିଥିଲେ।

# ଶ୍ରୀରାମଲୀଳା ପାଇଁ ଉତ୍ସବମୁଖର ଖଇରମାଳ



ଖଇରମାଳ ଶ୍ରୀରାମଲୀଳା ନାଟକର ଏକ ଦୃଶ୍ୟ।

ଅମରପାଲି,୨୩।୪(ପୀତାମ୍ବର ସାହୁ)

**■ ୫୪ ବର୍ଷ ହେଲା ହେଉଛି ଲୀଳା ନାଟକ**

**■ ନିଷ୍ଠା ଓ କାଷ୍ଠରେ ବ୍ରତଧାରୀ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଇରମାଲ ଗ୍ରାମରେ ପାଳନ ହେଉଛି ଶ୍ରୀ ରାମଲୀଳା ମହୋତ୍ସବ। ଦୀର୍ଘ ୫୪ବର୍ଷ ଧରି ଏଠି ପାଳନ ହେଉଛି ଶ୍ରୀରାମ ଲୀଳା ମହୋତ୍ସବ। ଚଳିତ ବର୍ଷ ଉକ୍ତ ମହୋତ୍ସବ ପାଳନ ପାଇଁ ସର୍ବସମ୍ମତିକ୍ରମେ ଗଠିତ ହୋଇଛି ଏକ ପରିଚାଳନା କମିଟି। ଏଥିରେ ସର୍ବସମ୍ମତି କ୍ରମେ ପ୍ରଭଞ୍ଜନ ପାତ୍ର ସଭାପତି, ଦାମୋଦର ବିଶିଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଛି। ଏହାସହିତ ଚନ୍ଦ୍ରମଣି ବଗର୍ତ୍ତି, ଗିରିଧାରୀ ବଡମାଳୀ, କିଶୋର ଶଙ୍ଖୁଆଙ୍କୁ ପରିଚାଳନା କମିଟି ଉପଦେଷ୍ଟାଭାବେ ମନୋନୀତ କରାଯାଇଛି। ଶ୍ରୀରାମ ନବମୀଠାରୁ ଗ୍ରାମରେ ଏକ ପ୍ରକାର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଗ୍ରାମବାସୀଙ୍କ ନିଷ୍ପତ୍ତିକ୍ରମେ ଗ୍ରାମରେ ଆମିଷ ଓ ନିଶା ଦ୍ରବ୍ୟ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଗ୍ରାମର ଶ୍ରୀରାମ ମନ୍ଦିରରେ ପ୍ରତ୍ୟହ ପୂଜାର୍ଚ୍ଚନା କରାଯାଉଛି। ପ୍ରାୟ ୫୦ରୁ ଅଧିକ ବ୍ରତାଧାରୀ ନିଷ୍ଠା ଓ କାଷ୍ଠାର ସହିତ ବ୍ରତ ଧାରଣା କରି ପୂଜାର୍ଚ୍ଚନା କରୁଛନ୍ତି। ମନ୍ଦିରରେ ଭୋଗ ଲାଗିଲା ପରେ ସମୂହ ପ୍ରସାଦ ସେବନ କରୁଛନ୍ତି। ସନ୍ଧ୍ୟାରେ ଆଳତୀ କରାଯାଉଛି। ଗ୍ରାମର ରଘୁନାଥ ନାଟ୍ୟ ସଂସଦ ଆନୁକୂଲ୍ୟରେ ପ୍ରତ୍ୟହ ରାତ୍ରୀ ରେ ପରିବେଷଣ ହେଉଛି ଶ୍ରୀରାମ ଲୀଳା ନାଟକ। ସୋମବାର ଥିଲା ଏହାର ପଞ୍ଚମ ରଜନୀ। ଦୀର୍ଘ ୧୪ ଦିନ ଧରି ରାତ୍ରୀରେ ଲୀଳା ନାଟକ ପରିବେଷଣ ହେବ। ରାମ ଜନ୍ମ, ସୀତା ବିବାହ, ରାମ ବନବାସ, ସୀତା ଚୋରି, ସୀତା ଠାବ, ବାଲି ବଧ, ଇନ୍ଦ୍ରଜିତ ବଧ, ମହିରାଣବ ବଧ ଆଦି ଲୀଳା ନାଟକ ପରିବେଷଣ ହେଉଛି। ଶ୍ରୀରାମ ଭୂମିକାରେ ଚନ୍ଦ୍ରମଣି ବଗର୍ତ୍ତି, ଲକ୍ଷ୍ମଣ ଭୂମିକାରେ ଧରଣୀଧର ବିଶି, ସୀତା ଗଣ୍ଡାରାମ ବିଶି, ରାବଣ ସନ୍ତୋଷ ବିଶି, ଦଶରଥ ପଞ୍ଚାନନ ଖେତି, ବିଶାମିତ୍ର ଓ ପର୍ଶୁରାମ ଭୂମିକାରେ ହରିହର ବିଶ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଏହି ମହୋତ୍ସବ ପାଳନ ଦ୍ୱାରା ଗ୍ରାମରେ ଆଧ୍ୟାତ୍ମିକ ପ୍ରତି ଲୋକେ ଆକର୍ଷିତ ହେବା ସହିତ ଗ୍ରାମବାସୀ ଏକତା ସୂତ୍ରରେ ବାନ୍ଧି ହେଉଛନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହା ସହିତ ଆଧୁନିକ ପିଲାଙ୍କୁ ପୌରାଣିକ କଥା ବସ୍ତୁ ଉପରେ ଆଧାରିତ ଶ୍ରୀରାମ ଲୀଳା ନାଟକ ମାଧ୍ୟମରେ ଶ୍ରୀରାମ ଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ସଚେତନ କରାଯାଉଥିବା ବରିଷ୍ଠ ଅଭିନେତା ସନ୍ତୋଷ ବିଶି ପ୍ରକାଶ କରିଛନ୍ତି।

### ବିଶ୍ୱ ଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ ଉଦ୍‌ଯାପିତ

ବିନିକା,୨୩।୪(ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନକା ବ୍ଲକ ଜୁଲୁଣ୍ଡା ପଞ୍ଚାୟତ ବିଲେଇବାହାଲି ମହିମା ଆଶ୍ରମରେ ମହିମା ସଂଗଠନ ଜୁଲୁଣ୍ଡା ଆନୁକୂଲ୍ୟରେ ୩ ଦିନ ଧରି ଚାଲିଥିବା ୪୯ତମ ବାର୍ଷିକ ଅଖଣ୍ଡ ବ୍ରହ୍ମଯଜ୍ଞ ନାମ ଭଜନ ଓ ଧର୍ମସଭା ମଙ୍ଗଳବାର ଉଦଯାପିତ ହୋଇଯାଇଛି। ବିଶ୍ୱର ମଙ୍ଗଳ ଏବଂ ମାନବ ସମାଜର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ପାପ-ତାପ ବିନାଶ ଓ ପ୍ରାକୃତିକ ବିପର୍ଯ୍ୟୟରୁ ସୃଷ୍ଟି ରକ୍ଷା ନିମନ୍ତେ ସମୂହ ପ୍ରାର୍ଥନା କରାଯାଇଥିଲା। ଅଖଣ୍ଡ ଯଜ୍ଞର ବିଭିନ୍ନ ସନ୍ଧ୍ୟାରେ ସାଂସ୍କୃତିକ ମହିମା ନାଟକ, ଭଜନ ସମାରୋହ ଓ ବୈଠକୀ ସଂକୀର୍ତ୍ତନ କରାଯାଇଥିଲା। ବାବା ଦାଶରଥି ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବ୍ରହ୍ମଯଜ୍ଞରେ ଯୋରନ୍ଦା ମହିମାଗାଦି ପରିଚାଳକ ଅଭିନାସ ବାବା, କୋଷାଧ୍ୟକ୍ଷ ଅଭୟ ବାବା, ଖଲିଆପାଲି ଭିମଭୋଇ ସମାଧି ପିଠର ମହନ୍ତ ସନ୍ୟାସି ଦାଶ ବାବା, ବନମାଳୀ ବାବା, କିଣ୍ଟୁଚରଣ ବାବା, ଅଚ୍ୟୁତାନନ୍ଦ ବାବା, ସାନ୍ତନୁ ବାବା, କ୍ଷିରସିନ୍ଧୁ ବାବା, ଲକ୍ଷ୍ମୀକାନ୍ତ ବାବା, ସୁରଥ ବାବା, ଯୋଷବନ୍ତ ବାବା, ମନବୋଧ ବାବା,ଜୟଦେବ ବାବା, ଚିନ୍ତାମଣି ଦାସ, ଶକ୍ତି ବାବା ଯଜ୍ଞରେ ସାମିଲ ଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ କାର୍ଯ୍ୟକ୍ରମରେ ସାମିଲ ହୋଇ ସତ୍ୟ ମହିମା ଧର୍ମର ବିକାଶ ପାଇଁ ମହିମା ମଠ, ଭୀମଭୋଇ ସମାଧିପୀଠର ବିକାଶ ଜାରି ରହିବ କହିଥିଲେ। ଜିଲା ପରିଷଦ ଅଧକ୍ଷା ସୁପର ଠେଲା, ବିଜୁ ଯୁବ ଜନତା ଦଳ ସଭାପତି ରମେଶ ପୂଜାରୀ, ଜିଲା ପରିଷଦ ସଦସ୍ୟ ବଶିଷ୍ଟ ଭରାସାଗର, ସରପଞ୍ଚ ରଜତ କୁମାର ପଧାନ ଯୋଗ ଦେଇଥିଲେ। ପରିଚାଳନା କମିଟି ସଭାପତି ରଶିକ ନାଗ, ଉପସଭାପତି କୃପାସିନ୍ଧୁ ନାଗ, ସାଧାରଣ ସମ୍ପାଦକ ବିନୋଦ ସୁନା, ସମ୍ପାଦକ ମହାଦେବ ତାଣ୍ଡି, କୋଷାଧ୍ୟକ୍ଷ ଆଲୋକ ତାଣ୍ଡି, ସହ କୋଷାଧ୍ୟକ୍ଷ କଲାକାହ୍ନୁ ମହାନନ୍ଦ, ଆବାହକ ମିନକେତନ ନାଗଙ୍କ ପ୍ରମୁଖ ସମେତ ମହିମା କମିଟି ସଭ୍ୟ ମାନେ ସହଯୋଗ କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com




@ ପ୍ରଭାକର



@ ଦୋଳମଣି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଉପରଝରରେ ଝାଡ଼ାବାନ୍ତି ପ୍ରକୋପ: ୫୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ



ଆକ୍ରାନ୍ତଙ୍କୁ ଚିକିତ୍ସା କରାଯାଉଛି।

ଦେଓଗାଁ,୨୩।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

**ମେଡିକାଲ ଟିମ୍‌ର ଚିକିତ୍ସା ଆରମ୍ଭ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଉପରଝର ଗ୍ରାମର ଜଗନ୍ନାଥ ପଡାରେ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଝାଡା ବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣ ଗୁରୁତର ହେବାରୁ ସେମାନଙ୍କୁ ବଲାଙ୍ଗୀର ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ଦେଓଗାଁ ମେଡିକାଲ ଟିମ୍ ଉପରଝର ଗ୍ରାମରେ କ୍ୟାମ୍ପ କରି ଚିକିତ୍ସା ଚଳାଇଛନ୍ତି। ମଙ୍ଗଳବାର ଅପରାହ୍ନରେ ସିଡିଏମଓ କୁମେର ମହନ୍ତ ଗ୍ରାମରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିଛନ୍ତି। ଘର ଘର ବୁଲି ମେଡିକାଲ ଟିମ୍ ଲୋକଙ୍କୁ ଚିକିତ୍ସା ଯୋଗାଇ ଦେଉଛନ୍ତି। ଦୂଷିତ ଜଳ ପାନ ଯୋଗୁ ଝାଡାବାନ୍ତି ବ୍ୟାପୁଥିବା କୁହାଯାଉଛି।

### ଶକ୍ତି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ

ଅମରପାଲି,୨୩।୪(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝିରିଆପାଲିସ୍ଥିତ ଆଞ୍ଚଳିକ ଉଚ୍ଚବିଦ୍ୟାପୀଠରେ ଶକ୍ତି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶକ୍ତି ସଂରକ୍ଷଣ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ବ୍ରଜମୋହନ ବାରିକ ଅଧ୍ୟକ୍ଷତା କରି ଶକ୍ତିର ସଦୁପଯୋଗ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ଶିକ୍ଷକ ଦୀନବନ୍ଧୁ ପ୍ରଧାନ ଶକ୍ତି ସଂରକ୍ଷଣର ଉପାଦେୟତା ବିଷୟରେ ଆଲୋକପତ କରିଥିଲେ। ସହକାରୀ ଶିକ୍ଷକ ପ୍ରମୋଦ କୁମାର ପାତ୍ର, ଜଗଦୀଶ ପ୍ରଧାନ, ମୀନକେତନ ରଣା ଶକ୍ତି ସଂରକ୍ଷଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଏଥିରେ ଅବସରରେ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଏକ ଶୋଭାଯାତ୍ରା କରି ଲୋକଙ୍କୁ ସଚେତନ କରିଥିଲେ। ଏହା ସହିତ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ଶକ୍ତି ସଂରକ୍ଷଣ ପାଇଁ ଶପଥ ପାଠ କରାଇଥିଲେ। ବିଜ୍ଞାନ ଶିକ୍ଷକ ଗୌରୀଶଙ୍କର ପୂଜାହାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଶକ୍ତି ସଂରକ୍ଷଣ ପାଇଁ ଛାତ୍ରୀଛାତ୍ର ଶପଥ ପାଠ କରୁଛନ୍ତି।

# ଅମିତ ଶାହାଙ୍କ କାର୍ଯ୍ୟକ୍ରମକୁ ନେଇ ଭାଜପା ଉତ୍ସାହିତ

ସୋନପୁର,୨୩।୪(ମୃତ୍ୟୁଞ୍ଜୟ ଶତପଥୀ)

ଭାଜପା ଫୋକସ୍‌ରେ ରହିଛି ପଶ୍ଚିମ ଓଡିଶା। ଗତ ୨୦୧୯ ନିର୍ବାଚନରେ ମୋଦି ହାୱାରେ ପଶ୍ଚିମ ଓଡିଶାର ସମସ୍ତ ୫ଟି ଯାକ ଏମ୍‌ପି ସିଟ୍‌ରେ ଭାଜପା ବିଜୟୀ ହୋଇଥିଲା। ଚଳିତ ନିର୍ବାଚନରେ ସେହି ସିଟ୍‌ଗୁଡିକୁ ବଜାୟ ରଖିବା ପାଇଁ ଦଳ ଉଦ୍ୟମ କରୁଛି। ତେଣୁ ବଲାଙ୍ଗୀର ଲୋକ ସଭା କ୍ଷେତ୍ର ଅଧିନ ସୁବର୍ଣ୍ଣପୁରରୁ ଭାଜପା ଓଡ଼ିଶାରେ ପ୍ରଚାର ଅଭିଯାନ ଆରମ୍ଭ କରିବ। କେନ୍ଦ୍ର ଗୃହମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ଅମିତ ଶାହ ଆସନ୍ତା ୨୫ତାରିଖ ଅପରାହ୍ନରେ ସୁବର୍ଣ୍ଣପୁରରୁ ନିର୍ବାଚନୀ ପ୍ରଚାରର ଶୁଭାରମ୍ଭ କରିବେ। ଏଥିପାଇଁ ଭାଜପା ଶିବିର ଚଳଚଞ୍ଚଳ ହୋଇଉଠିଛି। ଚଳିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମ ଜିଲାର ହିଞ୍ଜିଳି ସହିତ ବଲାଙ୍ଗୀର ଲୋକ ସଭା କ୍ଷେତ୍ର ଅଧିନ କଣ୍ଟାବାଞ୍ଜି ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କୁ କାଉଣ୍ଟର କରିବା ପାଇଁ ସେହି ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସୁବର୍ଣ୍ଣପୁରରେ ଏକ ବିଶାଳ ଜନସଭାକୁ ଶାହା ସମ୍ବୋଧିତ କରିବେ। ଏହି ପରିପ୍ରେକ୍ଷୀରେ ଶାହାଙ୍କ ଗସ୍ତ ଓଡିଶା ରାଜନୀତି ପାଇଁ ବେଶ ଗୁରୁତ୍ୱ ବହନ କରୁଛି।

ଶାହାଙ୍କ ଗସ୍ତକୁ ନେଇ ସୁବର୍ଣ୍ଣପୁର ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏକ ସ୍ୱତନ୍ତ୍ର ବିମାନରେ ଶାହା ଝାରସୁଗୁଡା ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ ଏକ ହେଲିକପ୍ଟରରେ ସୁବର୍ଣ୍ଣପୁର ସହର ରାମେଶ୍ୱର ଷ୍ଟାଡିୟମସ୍ଥିତ ସଭାସ୍ଥଳକୁ ଆସିବେ ବୋଲି ରାଜ୍ୟ ଭାଜପା ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ମହାପାତ୍ର କହିଥିଲେ ରାଜ୍ୟରେ ଏକ ଦୁର୍ନୀତିଗ୍ରସ୍ତ ଓ ଅପାରଗ ସରକାର ଚାଲିଛି। ଲୋକଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ ଭଳି ମୌଳିକ ସୁବିଧା ମିଳିପାରିନି। ମୁଖ୍ୟମନ୍ତ୍ରୀ ଦୀର୍ଘ ୨୪ ବର୍ଷ ଶାସନ କ୍ଷମତାରେ ରହିଥିଲେ ହେଁ ପଶ୍ଚିମ ଓଡିଶାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆସିପାରିନି। ଲୋକେ ଚିକିତ୍ସା ପାଇଁ ରାୟପୁର, ୱାଲଟିୟର ଓ ଭୁବନେଶ୍ୱର ଉପରେ ନିର୍ଭର କରୁଛନ୍ତି। ନିଜ ଅଞ୍ଚଳରେ ନିଯୁକ୍ତି ମିଳୁ ନଥିବାରୁ ଯୁବତୀ ଯୁବକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ଗତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ବରଗଡ ଜିଲାର ବିଜେପୁରରୁ ପ୍ରାର୍ଥୀ ହୋଇଥିଲେ। ନିର୍ବାଚନରେ ଜିତିବା ପରେ ଇସ୍ତଫା ଦେଲେ। ନିର୍ବାଚନ ଓ ଉପନିର୍ବାଚନ ସମୟରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ ନକରି ଅଞ୍ଚଳବାସୀଙ୍କୁ ଠକିଦେଲେ ବୋଲି ମହାପାତ୍ର ଅଭିଯୋଗ କରିଥିଲେ। ଓଡିଶାରେ ଭାଜପା ମା, ମାଟି ଓ ମାତୃଭାଷାକୁ ନେଇ ଲଢେଇ ଆରମ୍ଭ କରିଛି। ଏହି ଲଢେଇର ଶୁଭାରମ୍ଭ ସୁବର୍ଣ୍ଣପୁର ମାଟିରୁ ଆରମ୍ଭ ହେବ। ଓଡିଶାବାସୀଙ୍କ ସମର୍ଥନ ବଳରେ ଭାଜପା ସମସ୍ତ ବାଧା ଦୂର କରିବାରେ ସଫଳ ହେବ ଏବଂ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ କରିବ ବୋଲି ମହାପାତ୍ର କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ତଥା ସୋନପୁର ବିଧାୟକ ପ୍ରାର୍ଥୀ ପ୍ରମୋଦ ମହାପାତ୍ର, ବୀରମହାରାଜପୁର ବିଧାୟକ ପ୍ରାର୍ଥୀ ଇଂ. ରଘୁନାଥ ଜଗଦଲା, ଭାଜପା ଜିଲା ଉପସଭାପତି ରାମନାରାୟଣ ବେଜ, ବେଣୁଧର ଦାସ ଓ ସାଧାରଣ ସମ୍ପାଦକ ବିଶ୍ୱମ୍ବର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଫୋକସ୍‌ରେ ପଶ୍ଚିମ ଓଡ଼ିଶା**




ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ ସୂଚନା ଦେଉଛନ୍ତି।

## ସଂକ୍ଷେପରେ

### କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଲେ ହୃଦାନନ୍ଦ

ଘଣ୍ଟାପଡ଼ା, ୨୩।୪ (ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଂଗ୍ରେସକୁ ଲାଗିଛି ପୁଣି ଏକ ଝଟକା । ଜିଲା ଯୁବ କଂଗ୍ରେସର ସାଧାରଣ ସଂପାଦକ ହୃଦାନନ୍ଦ କହଁର ରବିବାର ନିଜ ପଦବୀ ସହ କଂଗ୍ରେସର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫା ପତ୍ର ଜିଲା କଂଗ୍ରେସ ସଭାପତିଙ୍କ ଜରିଆରେ ପିସିସି ସଭାପତିଙ୍କୁ ପଠାଇଛନ୍ତି। କହଁର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ସେ ୧୦ ବର୍ଷ ହେବ ଛାତ୍ର ଜୀବନରୁ କଂଗ୍ରେସ ସହିତ ଜଡିତ ରହି ବିଭିନ୍ନ ପଦ ପଦବୀରେ ଶୃଙ୍ଖଳାର ସହ କାର୍ଯ୍ୟ ତୁଲାଇ ଆସିଥିଲେ। ତେବେ କଂଗ୍ରେସରେ ପ୍ରାର୍ଥୀ ପାଇଁ କିଣାବିକା କାରବାର ଚାଲୁଥିବାରୁ ଏଥିରେ କ୍ଷୁବ୍ଧ ହୋଇ ଇସ୍ତଫା ଦେଇଥିବା ସେ ପ୍ରତିକ୍ରିୟାରେ କହିଛନ୍ତି। ଆଗକୁ କେଉଁ ଦଳରେ ସାମିଲ ହେବେ ପ୍ରଶ୍ନରେ ସେ କୌଣସି ଦଳରେ ସାମିଲ ନ ହେବାକୁ କହିଛନ୍ତି।

### ଟ୍ରେନ ଲାଇନ କଡ଼ରୁ ମୃତଦେହ ଜବତ

କଣ୍ଟାବାଞ୍ଜି, ୨୩।୪ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଜିଆରପି ପୋଲିସ କଣ୍ଟାବାଞ୍ଜି– ରାୟପୁର ସେକ୍ସନର ତୁରେକେଲା ରେଲ ଷ୍ଟେଶନ ନିକଟରୁ ଏକ ମୃତଦେହ ଜବତ କରିଛି। ମୃତକ ହେଲେ ମୁକୁନ୍ଦ ରଣା (୩୫)। ପ୍ରକାଶ ଯେ, ଲରମ୍ଭା ଥାନା ଘସିଏନ ଗାଁର ମୁକୁନ୍ଦ ତୁରେକେଲା ଥାନା ରାଉତମୁଣ୍ଡା ଗାଁକୁ ବିବାହ କାର୍ଯ୍ୟରେ ଆସିଥିଲେ। ଟ୍ରେନରେ କଟି ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଏ ନେଇ ଏକ ଅପମୃତ୍ୟୁ (ନଂ.୧୮/୨୦୨୪) ମାମଲା ରୁଜୁ କରାଯାଇଛି।

### କରୁଆଁଝର ଡକାୟତି ଘଟଣା: ନାବାଳକଙ୍କ ସମେତ ୭ ଗିରଫ

**ବୋଲେରୋ, ବାଇକ୍ ଓ ମାରଣାସ୍ତ୍ର ଜବତ**

ଦେଓଗାଁ, ୨୩।୪ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କରୁଆଁଝର ଗ୍ରାମରେ ଗତ ଦୁଇ ଦିନ ତଳେ ହୋଇଥିବା ଡକାୟତି ଘଟଣାରେ ପୋଲିସ ଜଣେ ନାବାଳକଙ୍କ ସମେତ ୭ ଜଣଙ୍କୁ ଗିରଫ କରିଛି । ୨୦ ରୁ ୨୫ ଜଣ ଡକାୟତ ମାରଣାସ୍ତ୍ର ଧରି ଗ୍ରାମର ସତ୍ୟ ନାରାୟଣ ସୁନାଙ୍କ ଘରର କବାଟ ଭାଙ୍ଗି ଭିତରକୁ ପଶି ସୁନା,ରୁପା,ଟଙ୍କା ଆଦି ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ସତ୍ୟ ନାରାୟଣଙ୍କ ସ୍ତ୍ରୀ ବବିତା ସୁନା ଓ ସୁଜାତା ସୁନାଙ୍କ ଅଭିଯୋଗ କ୍ରମେ ପୋଲିସ ତଦନ୍ତ କରି ୭ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ବନ୍ଧପଡା ଗ୍ରାମର ପ୍ରଫୁଲ୍ଲ ମିଶ୍ର (୩୨), ଦେବପ୍ରତାପ ଷାଣ୍ଢ (୩୨), ସଇଁନ୍ତଲା ଥାନା ଅନ୍ତର୍ଗତ ଖରସେଲବାଞ୍ଜିର ରାଜିବ ବଏ (୩୨), ମିଥୁନ ବଏ (୨୮), କରମତଲାର ସୌମ୍ୟରଞ୍ଜନ ନାଏକ (୨୩), କମରଲଗା ଗାଁର ଶକ୍ତିମାନ ଓରଫ ଅଖିଳ ମାଝୀ (୨୪) ଓ ଜଣେ ନାବାଳକ। ଅଭିଯୋଗକାରୀଙ୍କ କହିବାନୁସାରେ ବଲାଙ୍ଗୀରର ବହୁ ଚର୍ଚ୍ଚିତ ଘଟଣା ସୁଦପଡା ମଦଭାଟିରୁ ବିପୁଳ ଟଙ୍କା ଜବତ ହେବା ପରେ କେତେଜଣ ଭାଟି କର୍ମଚାରୀ କରୁଆଁଝରକୁ ଆସି ଏକ ମହୁଲ ଗୋଦାମ ଘରେ କିଛି ଦିନ ରାତ୍ରୀ ଯାପନ କରିଥିଲେ। ଫଳରେ ସେଥିରୁ ପ୍ରାୟ ୨୦ କୋଟି ଟଙ୍କା କରୁଆଁଝରର କେତେକ ପରିବାର ନିକଟରେ ଥିବା ସେ ସମୟରେ ଚର୍ଚ୍ଚା ହୋଇଥିଲା। ଏହାକୁ ନେଇ ଉପରୋକ୍ତ ଅଭିଯୁକ୍ତମାନେ ବିଳମ୍ବିତ ରାତିରେ ଘରେ ପଶି ଅଭିଯୋଗକାରୀଙ୍କୁ ମାଡ ମାରି ମାରଣାସ୍ତ୍ର ଦେଖାଇ ଟଙ୍କା କେଉଁଠି ଲୁଚାଯାଇଛି ଦେଖାଇବାକୁ କହିଥିଲେ। ଏପରିକି ଟଙ୍କା ନ ପାଇବାରୁ ଅଭିଯୁକ୍ତମାନେ ଘରେ ଥିବା ସୁନା, ରୁପା ଓ ଟଙ୍କା ଲୁଟି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି । ଉକ୍ତ ଘଟଣାରେ ଦେଓଗାଁ ପୋଲିସ ଏକ ମାମଲା ରୁଜୁ କରିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ହରିବନ୍ଧୁ ଗଡତ୍ୟା ସୂଚନା ଦେଇଛନ୍ତି।

# ଭୋଟ ବର୍ଜନ କରିବେ କୁସ୍‌ମେଲ କଲୋନୀ ବିସ୍ଥାପିତ ପରିବାର

ବଲାଙ୍ଗୀର, ୨୩।୪ (ବୀରେନ୍ଦ୍ର କୁମାର ଝାଙ୍କର)

ବିଭିନ୍ନ ଅସୁବିଧାକୁ ନେଇ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ କୌଣସି ସୁବ୍ୟବସ୍ଥା ନ ହେବାରୁ ଲୋୟର ସୁକ୍‌ତେଲ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇ ଲୋଇସିଂହା ବ୍ଲକ କୁସମେଲ ଅସ୍ଥାୟୀ ଥଇଥାନ ଶିବିରରେ ଥିବା ୩୨ଟି ଭୂମିହୀନ ପରିବାର ଆଗାମୀ ନିର୍ବାଚନକୁ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଥିବା ଜଣାଇଛନ୍ତି। ସେମାନେ କହିଛନ୍ତି ଯେ, ଜିଲା ପ୍ରଶାସନ ବିଭିନ୍ନ ପ୍ରତିଶ୍ରୁତି ଦେଇ ସେମାନଙ୍କୁ ଲୋୟର ସୁକ୍‌ତେଲ ବୁଡି ଅଞ୍ଚଳର ବିଭିନ୍ନ ଗାଁରୁ ବିସ୍ଥାପିତ କରିଥିଲେ। ତେବେ ଗତ ୯ ମାସ ବିତିଯାଇଥିଲେ ମଧ୍ୟ ଅସ୍ଥାୟୀ ଶିବିରରେ ସେମାନଙ୍କୁ ରଖି ପ୍ରଶାସନ ସମସ୍ତ ପ୍ରତିଶ୍ରୁତି ଭୁଲି ଯାଇଛନ୍ତି। ଅତ୍ୟନ୍ତ କଷ୍ଟରେ ସେମାନେ ଟିଣ ଘରେ ରହିଛନ୍ତି। ଏବେ ତାପମାତ୍ରା ବଢି ଚାଲିଥିବାରୁ ସେହି ଟିଣଘର ଉତ୍ତପ୍ତ କଡେଇ ପାଲଟି ଯାଇଛି। ଟିଣଘର ଭିତରେ ରହି ହେଉନାହିଁ। ପାନୀୟ ଜଳ ନ ଥିବାରୁ ପ୍ରତିଦିନ ଏଠାକାର ମହିଳା ଏବଂ ସ୍କୁଲ ପିଲାମାନେ ଦିନକୁ ପ୍ରାୟ ୬ କିଲୋମିଟର ଚାଲି ଫଟାବାହାଲ ଗାଁରୁ ପିଇବା ପାଣି ସଂଗ୍ରହ କରୁଛନ୍ତି। ବିସ୍ଥାପିତ ଭୂମିହୀନ ପରିବାରଙ୍କୁ ସର୍ବାଧିକ ୫ ଲକ୍ଷ ଟଙ୍କାର ସହାୟତା ରାଶି ଦିଆଯାଇ ଗାଁରୁ ବିସ୍ଥାପିତ କରାଯାଇଥିଲା। ଏହାବାଦ ସେମାନଙ୍କୁ ଘରଡିହ ଏବଂ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ଏଯାଏ କିଛି ବି ପୂରଣ ହୋଇନାହିଁ। ବାରମ୍ବାର ଅଭିଯୋଗ କଲେ ମଧ୍ୟ ପ୍ରଶାସନ ଏବଂ ସରକାର ସେମାନଙ୍କ ଦାବି ପୂରଣ କରୁ ନ ଥିବାରୁ ସେମାନେ ବାଧହୋଇ ଆଗାମୀ ଭୋଟକୁ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଥିବା ଜଣାଇଛନ୍ତି। ସେହିପରି ଦେଓଗାଁ ତହସିଲ ଅନ୍ତର୍ଗତ କୁହିମୁଣ୍ଡା ଗାଁକୁ ଏଯାବତ୍ ରାସ୍ତା ତିଆରି ହୋଇନାହିଁ। ରାସ୍ତା ନ ଥିବାରୁ ଗାଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାତ୍ର ଅଳ୍ପ ଜମି ଅକ୍ତିଆର କରାଗଲେ ଗାଁକୁ ସବୁଦିନିଆ ରାସ୍ତା ସଂଯୋଗ ହୋଇପାରିବ। ତେବେ ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ ଏ ଦିଗରେ ବିହିତ ପଦକ୍ଷେପ ନେଇନାହିଁ। ଗତ ୨୦୧୯ ନିର୍ବାଚନକୁ ମଧ୍ୟ ଗାଁ ଲୋକେ ବର୍ଜନ କରିବେ ବୋଲି ଲିଖିତ ଜଣାଇଥିଲେ। ତେବେ ପ୍ରଶାସନ ରାସ୍ତା ତିଆରି ହେବ କହି ଲୋକଙ୍କୁ ବୁଝାଇ ଭୋଟ ବର୍ଜନରୁ ବିରତ ରଖିଥିଲା। ଏହାର ପ୍ରତିବାଦରେ ଏଥର ଭୋଟ ବର୍ଜନ କରିବେ ବୋଲି ଗାଁ ଲୋକେ ନିଷ୍ପତ୍ତି କରି ଜିଲାପାଳଙ୍କୁ ଜଣାଇଛନ୍ତି। ସୋମବାର ଜିଲାପାଳ ଗୌରବ ଶିବାଜୀ ଇସଲୱାରଙ୍କୁ ଭେଟି ଭୋଟ ବର୍ଜନ କରିବାକୁ ଲିଖିତ ଜଣାଇଛନ୍ତି।



କୁସ୍‌ମେଲ ଅସ୍ଥାୟୀ ଥଇଥାନ କଲୋନୀର ଲୋକେ ଆଗାମୀ ଭୋଟ ବର୍ଜନ କରିବାକୁ ସୂଚନା ଦେଉଛନ୍ତି।

# କଂଗ୍ରେସ ଏକଜୁଟ ହୋଇ ଲଢ଼ିବ

ଟିଟିଲାଗଡ଼, ୨୩।୪ (ଶରତ ମିଶ୍ର)

ଟିଟିଲାଗଡ଼ ନିର୍ବାଚନମଣ୍ଡଳୀରୁ ବିରୋଧୀ କଂଗ୍ରେସ ଦଳର ଅନେକ ନେତା, ପୂର୍ବତନ ଟିଟିଲାଗଡ଼ ବିଧାୟକ ସୁରେନ୍ଦ୍ର ସିଂଭୋଇ ଦଳ ଛାଡି ବିଜେଡିରେ ସାମିଲ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ପିସିସି ପକ୍ଷରୁ ସଂଗ୍ରାମୀ ଯୁବ ନେତା ବୀରେନ୍ଦ୍ର ବାଗଙ୍କୁ ଟିଟିଲାଗଡ଼ ବିଧାୟକ ଟିକେଟ ପ୍ରଦାନ ପରେ ଦଳ ମଧ୍ୟରେ ନୂଆ ସମୀକରଣ ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ସୋମବାର ସନ୍ଧ୍ୟାରେ ସ୍ଥାନୀୟ ମହାବୀର ପଞ୍ଚାୟତ ଧର୍ମଶାଳାଠାରେ କଂଗ୍ରେସ ଦଳର ନେତା ଏକତ୍ରିତ ହୋଇ ଆଗାମୀ କାର୍ଯ୍ୟପନ୍ଥା ନେଇ ମାନସ ମନ୍ଥନ କରିଛନ୍ତି । ଦଳର ନଗର ସଭାପତି ଘିନୁ ଆଡ଼ୟୁଆଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦଳୀୟ ନେତା ଯୁବ ସଂଗ୍ରାମୀ ବୀରେନ୍ଦ୍ରଙ୍କୁ ବିଧାୟକ ଟିକେଟ ପ୍ରଦାନ ସହ ଯୁବ ନେତା ମନୋଜ ମିଶ୍ରଙ୍କୁ ବଲାଙ୍ଗୀର ଲୋକସଭା ପ୍ରାର୍ଥୀ ଭାବରେ ଟିକେଟ ପ୍ରଦାନ କରାଯିବା ନେଇ ପିସିସି ସଭାପତି ଶରତ ପଟ୍ଟନାୟକ, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ ଠାରେ କୃତଜ୍ଞତା ଜ୍ଞାପନ କରିଥିଲେ । କଂଗ୍ରେସ ଦଳ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀରେ ଗତ ଦୁଇଟି ନିର୍ବାଚନରେ ପରାଜିତ ହୋଇଥିଲେ ମଧ୍ୟ ସମ୍ମାନ ଜନକ ଭୋଟ ହାସଲ ସହ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ରହିଆସିଛି । ଏକାଠି ହୋଇ ଲଢ଼ିବା ସହ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଫଳତାକୁ ପଦାରେ ପକାଯିବ । ଚାଷୀ, ଶ୍ରମିକ ତଥା ସାଧାରଣ ଜନତାଙ୍କ ପାଇଁ ଦଳ ପକ୍ଷରୁ ଜାରି ଇସ୍ତାହାରକୁ ନେଇ ଲୋକଙ୍କ ପାଖକୁ ଯିବା ପାଇଁ ବୈଠକରେ ଏଥର ଜୋରଦାର ଲଢେଇ ହେବ ବୋଲି ନିଷ୍ପତ୍ତି ନିଆଯାଇଛି । ବିଧାୟକ ପ୍ରାର୍ଥୀ ବୀରେନ୍ଦ୍ର ସେ ସର୍ବଦା ଦଳ ତଥା ସାଧାରଣ ଜନତାଙ୍କ ପାଇଁ କାର୍ଯ୍ୟ କରି ଆସିଛନ୍ତି। ସମସ୍ତଙ୍କ ସହଯୋଗ ରହିଲେ ନିଶ୍ଚିତ ବିଜୟୀ ହେବା ବୋଲି କହିଥିଲେ । ପିସିସି ସମ୍ପାଦକ ଡମ୍ବରୁ ଛତ୍ରିଆ, ପିସିସି ସଭ୍ୟ ସୁମନ୍ତ ବେହେରା, ପିସିସି ମୁଖପାତ୍ର ଦେବାନନ୍ଦ ସାହୁ, ବରିଷ୍ଠ ନେତା ରାଜୁ ମିଶ୍ର, ରଞ୍ଜନ ଦାଶ, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ମୁକେଶ ଜୈନ, ଦଳର ଜିଲା ଉପସଭାପତି କ୍ଷୀରସାଗର ବର୍ମା, ବ୍ଲକ କଂଗ୍ରେସ ଉପସଭାପତି ମଗନ ନାଗ, ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ସୁରଜ ବେହେରା, ଦଳର ଜିଲା ଯୁବ ଶାଖା ଉପସଭାପତି ଲିଙ୍ଗ ସୁନା, ବ୍ଲକ ଏସସି ସେଲ ସଭାପତି ନେତ୍ରାନନ୍ଦ ବାରିକ, ଲାଲଟୁ ତାଣ୍ଡି, ହେମନ୍ତ ବେହେରା, କାଶୀ ଜାଲ, କେ. ଲୁହା, ସୁବାଷ ଛତ୍ରିଆ, ଯୋଗେଶ୍ୱର ମହାନନ୍ଦ, ତୁଷ୍ଟୁରାଜ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ବଲାଙ୍ଗୀର କୁଲୁତା ସମାଜ ପକ୍ଷରୁ କୁଲୁତା ଦିବସ ପାଳିତ



କୁଲୁତା ସମାଜ ପକ୍ଷରୁ କୁଲୁତା ଦିବସ ପାଳନ ଅବସରରେ ଉପସ୍ଥିତ ସଦସ୍ୟା ସଦସ୍ୟ ।

ବଲାଙ୍ଗୀର, ୨୩।୪ (ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ଭଗବତୀ ନଗରଠାରେ ବଲାଙ୍ଗୀର କୁଲୁତା ସମାଜ ପକ୍ଷରୁ କୁଲୁତା ଦିବସ ପାଳନ କରାଯାଇଥିଲା। କୁଲୁତା ଜାତିର ଇଷ୍ଟଦେବୀ ରଣେଶ୍ୱର ରାମଚଣ୍ଡିଙ୍କ ଚୈତ୍ର ପୂର୍ଣ୍ଣିମା ବାସନ୍ତିକ ପୂଜା ଏବଂ କୁଲୁତା ଦିବସ ସମାଜ କାର୍ଯ୍ୟାଳୟଠାରେ ପାଳିତ ହୋଇଥିଲା। ପୂଜକ ସୁରଥ ପ୍ରଧାନ କୁଲୁତା ଜାତି ରୀତିନୀତି ଅନୁସାରେ ପୂଜାକାର୍ଯ୍ୟ କରିଥିଲେ। ପୂଜା ପରେ ସମାଜ ସଭାପତି ରବୀନ୍ଦ୍ର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସମ୍ପାଦକ ବିଦେଶୀ ପ୍ରଧାନ ଗୋଟିଏ ବର୍ଷର ସମ୍ପୂର୍ଣ୍ଣ କାର୍ଯ୍ୟ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଅଜିତ କୁମାର ଭୋଇ ବାର୍ଷିକ ଆୟବ୍ୟୟର ଟିଁଖିନିଖି ହିସାବ ପାଠ କରିଥିଲେ । ସଭାରେ ପୂର୍ବତନ ସଭାପତି ସୁରଥ ପ୍ରଧାନ, ପୂର୍ବତନ ସମ୍ପାଦକ ଶାନ୍ତନୁ କୁମାର ଭୋଇ, ସହସମ୍ପାଦକ ମଧୁ ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। କୁଲୁତା ଜାତିର ଏକତା ରକ୍ଷା କରି ସମାଜର ଉନ୍ନତି କରିବା ଏବଂ ସେବା ସଦନ ନିର୍ମାଣ କାର୍ଯ୍ୟରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ସମାଜ ଉପସଭାପତି ବୁଡୁ ପ୍ରଧାନ ଧନ୍ୟବାଦ ଦେଇଥିଲେ। ସଭାରେ ଉପସଭାପତି ଜ୍ୟୋସ୍ନାମୟୀ ପ୍ରଧାନ, ବରିଷ୍ଠ କାର୍ଯ୍ୟକାରୀ ସଭ୍ୟ ରାଜେନ୍ଦ୍ର ପ୍ରସାଦ ସାହୁ, ଶାନ୍ତନୁ ପାତ୍ର, ଯୁବ ସାମୁଖ୍ୟ ମୁଖ୍ୟ ରାମଚନ୍ଦ୍ର ଭୋଇ, ଶିରୋମଣି ସାହୁ, ସୁଦର୍ଶନ ସାହୁ, ସଞ୍ଜୀବ ସାମଲ, ଜିଲା ଯୁବ ସଭାପତି ଉମେଶ ଚନ୍ଦ୍ର ଗଡତ୍ୟା, ମହିଳା ସଙ୍ଗଠନର ଜାମିନୀ ଭୋଇ, ମଞ୍ଜୁଳା ସାହୁ, ଶୁଭାସିନୀ ପ୍ରଧାନ, ଏଲିନା ପ୍ରଧାନ, ମୀରା ବିଶି, ଶ୍ରୀନିବାସ ସାହୁ, ପ୍ରିୟଦର୍ଶିନୀ ମାଝି, କବିରାଜ ପ୍ରଧାନ, ନୀଳାଚଳ ପ୍ରଧାନ, ଆଜାଦ ପ୍ରଧାନ, ଲକ୍ଷ୍ମଣ ବିଶ୍ୱାଳ, ରାହୁଲ, ଅନୀଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଭାଜପା ପ୍ରାର୍ଥୀଙ୍କ ପକ୍ଷରୁ ପଥପ୍ରାନ୍ତ ସଭା, ଶୋଭାଯାତ୍ରା

ଟିଟିଲାଗଡ଼, ୨୩।୪ (ଶରତ ମିଶ୍ର)

ଟିଟିଲାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ନବୀନ ଜୈନ ସୋମବାର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା କରିଛନ୍ତି । ସଭାରେ ନବୀନ ତାଙ୍କୁ ଏବଂ ଦଳର ବଲାଙ୍ଗୀର ଲୋକସଭା ପ୍ରାର୍ଥୀ ସଙ୍ଗୀତା ସିଂହଦେଓଙ୍କୁ ବିଜୟୀ କରିବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ । ଏହି ଅବସରରେ ସିରେକେଲା ଶିବମନ୍ଦିରରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ଘୋଡାର, ମାର୍ଲାଡ଼, ବିନେକେଲା ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରିଥିଲା । ଶୋଭାଯାତ୍ରା ତଥା ସଭାରେ ଜୀବର୍ଦ୍ଧନ ଖରସେଲ, ସଞ୍ଜୟ ତ୍ରିପାଠୀ,. ଅଶ୍ୱିନୀ ସାହୁ, ଜଗୁ ଖରସେଲ, ତୁଳେଶ୍ୱର ସାହୁ, ତପି ବେନିଆ, ନରସିଂହ ବାଗ, ରାହାସ ହେର୍ଣ୍ଣା, ତ୍ରିନାଥ ହେର୍ଣ୍ଣା, ତ୍ରୈଲୋଚନ ଗହୀର, ଚୂଡ଼ାମଣୀ ବଗର୍ତ୍ତି, ଲଳିତ ତାଣ୍ଡି, ମିଥୁନ କୁମ୍ଭାର, କୈଳାସ କୁମ୍ଭାର, ଦକ୍ଷରାଜ ଦଳାଇ, ବିବେକ ବେନିଆ, ବିଶି ରଣା, ସନ୍ୟାସୀ ମାଝୀ,. ଶମ୍ଭୁ ରଣା,. ଶବନ ପୋଢ଼, ନୈରୁତ ମାଝୀ, ଭୁଜନ୍ଧର ମାଝୀ, ମୁକୁନ୍ଦ ବଗର୍ତ୍ତି ଯୋଗ ଦେଇଥିଲେ। ଏହାଛଡା ସନ୍ୟାସୀ ମହାନନ୍ଦ, ଅହିତ ମାଝୀ, ଦୁଷ୍ମନ୍ତ ବାଗ, ଲକ୍ଷ୍ମଣ ନାଗ, ରୋହିତ ମାଝୀ, ତୁମେଶ୍ୱର ଭୋଇ, ଧୂଳେ ଭୋଇ, ବିନୋଦ କୁମ୍ଭାର, ସୁଶାନ୍ତ କୁମ୍ଭାର, ଦିଲୁ ଖରସେଲ, ଫକୀର ଖରସେଲ, କୃତ୍ତିବାସ ବାଗ, ପୀତବାସ ବାଗ, କୌତୁକ ମାଝୀ, ରାଜେଶ ଖରସେଲ, ସୀତାରାମ ପୋଢ଼, ଲାଇବନ କଟା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବିନେକେଲା ପୂର୍ବତନ ସରପଞ୍ଚ ହରି ମାଝୀ ଭାଜପାରେ ଯୋଗଦାନ କରିଥିଲେ।

# ବିଜେଡିର ବିନେକେଲା ଓ ମାର୍ଲାଡରେ ପ୍ରଚାର



ବିନେକେଲାରେ ବିଜେଡ଼ି ପ୍ରାର୍ଥୀଙ୍କୁ ଲୋକେ ସ୍ୱାଗତ କରୁଛନ୍ତି ।

ଟିଟିଲାଗଡ, ୨୩।୪ (ଶରତ ମିଶ୍ର)

ନିର୍ବାଚନ ପାଇଁ ମଙ୍ଗଳବାର ବିଜେଡ଼ି ପକ୍ଷରୁ ଟିଟିଲାଗଡ ନିର୍ବାଚନମଣ୍ଡଳୀର ବିନେକେଲା ଓ ମାର୍ଲାଡ ଗ୍ରାମ ପଞ୍ଚାୟତରେ ପ୍ରଚାରକୁ ଜୋରଦାର କରାଯାଇଛି। ବିଧାୟିକା ପ୍ରାର୍ଥୀ ଟୁକୁନି ସାହୁ ଘର ଘର ବୁଲି ପ୍ରଚାରକୁ ତ୍ୱରାନ୍ୱିତ କରିଛନ୍ତି। ସେ କହିଛନ୍ତି ଯେ, ବିନେକେଲାରେ ଏକ ବ୍ରିଜ ନିର୍ମାଣ ଖୁବ ଶୀଘ୍ର ଆରମ୍ଭ ହେବ । ବିନେକେଲାରେ ଯୁକ୍ତ ଦୁଇ ପାଠ୍ୟକ୍ରମର ଶୁଭାରମ୍ଭ ହୋଇଛି। ମାର୍ଲାଡ ଓ ବିନେକେଲାକୁ ମେଗା ଲିଫ୍ଟ ପ୍ରୋଜେକ୍ଟରେ ୨୦୦୦ ହେକ୍ଟର ଜମିକୁ ଜଳସେଚନର ବ୍ୟବସ୍ଥା ହୋଇଛି। ଆହୁରି ଅନେକ ଜନହିତକର କାର୍ଯକ୍ରମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଆରମ୍ଭ ହୋଇଛି ଓ କେତେଗୁଡିଏ ହାତକୁ ନିଆଯାଇଛି। ଆଗାମୀ ନିର୍ବାଚନରେ ସମସ୍ତେ ନବୀନ ପଟ୍ଟନାୟକଙ୍କ ହାତ ମୁଠା ଟାଣ କରିବା ପାଇଁ ଦୁଇଟି ଶଙ୍ଖ ଚିହ୍ନରେ ମୋହର ମାରି ଜୟଯୁକ୍ତ କରିବା ପାଇଁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ଗୀତା ବିଶି, ଟିଁକି ପୋଢ଼, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାୟକ, ଦିଲୀପ ବାଗ, କୃଷ୍ଣ ହାତୀ, ବିଜେଡ଼ିର ବ୍ଲକ ସଭାପତି ପୋଢ଼ ବାବୁ ଓ ଶଙ୍କର ଛୁରାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ହନୁମାନ ମନ୍ଦିର ଦଧିନଉତି ସ୍ଥାପନ

ଖପ୍ରାଖୋଲ, ୨୩।୪ (ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଘୁନସର ଗାଁରେ ନିର୍ମାଣାଧୀନ ହନୁମାନ ମନ୍ଦିରର ଦଧିନଉତି ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ପୂଜାପାଠ, କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ପରେ ମନ୍ଦିର ଉପର ଦଧିନଉତି ସ୍ଥାପନ କରାଯାଇଥିଲା । ମନ୍ଦିର ନିର୍ମାଣ ଉଦ୍ୟୋକ୍ତା ବିକାଶ ଦାଶ ଓ ପ୍ରକାଶ ଦାଶ ସସ୍ତ୍ରୀକ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ । ଏହି ଅବସରରେ ବର୍ଷାରାଣୀ ପଣ୍ଡା ଓ ସାଥୀଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୋଗେଶ୍ୱର ଦାଶ, ବାବୁଲାଲ ଦାଶ, ବୈଦ୍ୟନାଥ ମିଶ୍ର, କେଶବ ତ୍ରିପାଠୀ, କେ. ଦାଶଙ୍କ ସମେତ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# ହନୁମାନଙ୍କ ଦ୍ୱାରା ଲଙ୍କାଦହନ ମଞ୍ଚସ୍ଥ

**ବୌଦ୍ଧ ରାମଲୀଳା ଯାତ୍ରାର ସପ୍ତମ ଦିବସ**

ବୌଦ୍ଧ, ୨୩।୪ (ଅଜିତ କୁମାର ବାରିକ)

ବୌଦ୍ଧର ପ୍ରସିଦ୍ଧ ଗଣପର୍ବ ରାମଲୀଳା ଉତ୍ସବ ମଙ୍ଗଳବାର ଦିନ ସପ୍ତମ ଦିବସରେ ପହଞ୍ଚିଛି। ସପ୍ତମ ଦିବସରେ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ନାଟକ ଲଙ୍କାଦହନ ମଞ୍ଚସ୍ଥ ହୋଇଛି। ବାଳୀ ବଧ ପରେ ସୁଗ୍ରୀବଙ୍କୁ କିଷ୍କିନ୍ଧ୍ୟାର ରାଜା ଭାବରେ ଅଭିଷିକ୍ତ କରାଯାଇଛି। ବର୍ଷାଦିନ ପରେ ସୀତାଙ୍କ ଅନୁସନ୍ଧାନ କାର୍ଯ୍ୟ ଆରମ୍ଭ କରାଯିବାକୁ କହି ଶ୍ରୀରାମ ଓ ଲକ୍ଷ୍ମଣ ଋଷ୍ୟମୁକ ପାହାଡକୁ ଫେରି ଆସିଛନ୍ତି । ବର୍ଷା ପରେ ଶ୍ରୀରାମଙ୍କ ଠାରୁ ସୂଚନା ପାଇ ସୀତାଙ୍କ ଅନୁସନ୍ଧାନରେ ସୁଗ୍ରୀବ ନିଜର ବାନରସେନାଙ୍କୁ ଚାରିଭାଗରେ ବିଭକ୍ତ କରି ଚାରିଦିଗକୁ ପ୍ରେରଣ କରିଛନ୍ତି । ତିନୋଟି ଦିଗରୁ ବାନରସେନା ସୀତାଙ୍କ କୌଣସି ସନ୍ଧାନ ନ ପାଇ ନିରାଶ ହୋଇ ଫେରିଆସିଛନ୍ତି। କିନ୍ତୁ ଯୁବରାଜ ଅଙ୍ଗଦ,ହନୁମାନ ଓ ଜାମ୍ବବାନଙ୍କ ନେତୃତ୍ୱରେ ଯାଇଥିବା ସେନା ସମୁଦ୍ର କୂଳରେ ପହଞ୍ଚିବା ପରେ ସେଠାରୁ ହନୁମାନ ପବନ ମାର୍ଗରେ ସାତ ସମୁଦ୍ର ପାର ହୋଇ ସୀତାଙ୍କ ସନ୍ଧାନରେ ଲଙ୍କାରେ ପହଞ୍ଚିଛନ୍ତି। ସମୁଦ୍ର ରାସ୍ତାରେ ସିଂହିକା ରାକ୍ଷସୀକୁ ହନୁମାନ ବଧ କରିଥିଲେ । ସେହିପରି ଲଙ୍କାଗଡକୁ ଜଗି ରହିଥିବା ଲଙ୍କଦେବୀ ହନୁମାନଙ୍କ ଦ୍ୱାରା ପରାଜିତ ହୋଇ ତାଙ୍କୁ ଲଙ୍କାଗଡରେ ପ୍ରବେଶର ଅନୁମତି ଦେଇଛନ୍ତି। ନିଜସ୍ୱ ଶକ୍ତି ବଳରେ କ୍ଷୁଦ୍ର ରୂପରେ ହନୁମାନ ଲଙ୍କାଗଡରେ ପ୍ରବେଶ କରି ସୀତାଙ୍କ ଅନୁସନ୍ଧାନ କରିଛନ୍ତି। ଲଙ୍କାଗଡର ଅଶୋକବାଟିକା ମଧ୍ୟରେ ସୀତାଙ୍କ ସହିତ ସାକ୍ଷାତ ହେବା ପରେ ହନୁମାନ ନିଜର ପରିଚୟ ଦେଇ ଶ୍ରୀରାମଙ୍କ ବାର୍ତ୍ତା ପ୍ରଦାନ କରିଛନ୍ତି। ସୀତାଙ୍କ ନିକଟରୁ ଶ୍ରୀରାମଙ୍କ ପାଇଁ ବାର୍ତ୍ତା ଓ ସନ୍ତକ ଗ୍ରହଣ କରିବାପରେ ହନୁମାନ ନିଜକ କ୍ଷୁଧା ମେଣ୍ଟାଇବାକୁ ଅଶୋକ ବାଟିକା ମଧ୍ୟରେ ଫଳ ଆହାର କରୁଥିବାବେଳେ ଜଗୁଆଳୀମାନଙ୍କ ନିକଟରୁ ସୂଚନା ପାଇ ରାବଣର ପୁତ୍ର ସହିତ ଯୁଦ୍ଧ ହେବା ପରେ ହନୁମାନଙ୍କ ଦ୍ୱାରା ତାର ମୃତ୍ୟୁ ହୋଇଛି। ପରେ ରାବଣର ପୁତ୍ର ଇନ୍ଦ୍ରଜିତ ସେଠାରେ ପହଞ୍ଚି ହନୁମାନଙ୍କୁ ବନ୍ଦୀ କରି ରାଜଦରବାରରେ ଉପସ୍ଥିତ କରାନ୍ତି। ସୀତାଙ୍କୁ ସସମ୍ମାନେ ଶ୍ରୀରାମଙ୍କୁ ଫେରାଇ ଦେବାକୁ ହନୁମାନ ରାବଣକୁ ପରାମର୍ଶ ଦେବାପରେ ସେ ଉତ୍ତ୍ୟକ୍ତ ହୋଇ ହନୁମାନଙ୍କ ଲାଙ୍ଗୁଡରେ ନିଆଁ ଲଗାଇ ଛାଡିଦେବାକୁ ନର୍ଦ୍ଦେଶ ଦେଇଛନ୍ତି। ରାବଣର ନିର୍ଦ୍ଦେଶରେ ସୈନ୍ୟମାନେ ହନୁମାନଙ୍କ ଲାଙ୍ଗୁଡରେ ନିଆଁ ଲଗାଇଦେବା ପରେ ସେ ସମ୍ପୂର୍ଣ୍ଣ ଲଙ୍କା ନଗରୀରେ ନିଆଁ ଲଗାଇ ପୁଣିଥରେ ଆକାଶ ମାର୍ଗରେ ପୁଣିଥରେ ଫେରି ଯାଇଛନ୍ତି। ଲଙ୍କାଦହନ ନାଟକରେ ଶ୍ରୀରାମ ଭୂମିକାରେ ଶିରିଶ ବେହେରା, ଲକ୍ଷ୍ମଣ ଦନାର୍ଦ୍ଦନ ମିଶ୍ର,ସୀତା ବିଶ୍ୱାମିତ୍ର ସାହୁ, ହନୁମାନ ଶାନ୍ତନୁ ବେହେରା,ରାବଣ ସୁଦାମ ବେରିହା,ବିଭୀଷଣ ପ୍ରମୋଦ ପ୍ରଧାନ ଅଭିନୟ କରିଥିଲେ। ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ରଚନା ଓ ଭବାନୀ ଶଙ୍କର ମହାପାତ୍ରଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ଶ୍ରୀରାମଲୀଳା ନାଟ୍ୟ ସଂସଦର କଳାକାରମାନେ ନିଖୁଣ ଭାବରେ ପୌରାଣିକ କଥାବସ୍ତୁ ଅନୁଯାୟୀ ଚରିତ୍ରଗୁଡିକୁ ପ୍ରଦର୍ଶନ କରିଥିଲେ। ଏହାସହ ରାମଲୀଳା ଯାତ୍ରାକୁ ଅଧିକ ସରସ ସୁନ୍ଦର କରିବା ପାଇଁ କଚେରୀ ପଡିଆ ଠାରେ ମିନାବଜାର ଖୋଲାଯାଇଛି ।



ନାଟକର ଏକ ଦୃଶ୍ୟ ।

# ନାରୀ ସଂଗଠନ ସମାବେଶ



ସମାବେଶରେ ଯୋଗ ଦେଇଥିବା ଅତିଥି ଓ ମହିଳା ।

ମୁରିବାହାଲ, ୨୩।୪ (ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ସଦର ମହୁକୁମାର ମହିମା ଆଶ୍ରମ ଠାରେ ମଙ୍ଗଳବାର ଦିନ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀସ୍ତରୀୟ ନାରୀ ସଂଗଠନର ସମାବେଶ ଅନୁଷ୍ଠିତ ହୋଇଯାଇଛି। ମହିଳା ନେତ୍ରୀ ସ୍ୱପ୍ନା ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜିର ଯୁବ ଆଇନଜୀବୀ ବିବେକ ଶର୍ମା ଉପସ୍ଥିତ ରହି ସମାଜରେ ନାରୀଙ୍କ ଭୂମିକା, ନାରୀ ଶିକ୍ଷିତ ହେଲେ ଉତ୍ତମ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଜୟକର ବାଗ, ସମ୍ମାନିତ ଅତିଥି ଭାବେ ଭୋପାଲ ଚରଣ କୁମ୍ଭାର, ବିଜେ ବାଗ, ସୁନିଲ କୁମ୍ଭାର, ଚୁଡାକୃଷ୍ଣ ବାଗ, ସୁମେଶ ତାଣ୍ଡି ଯୋଗଦେଇ ନାରୀ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ସମ୍ପାଦିକା ଇନ୍ଦ୍ରା ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମାବେଶରେ ଉପସଭାନେତ୍ରୀ ବନିତା ଲୁହା, କୋଷାଧ୍ୟକ୍ଷ ରଶ୍ମିତା ତାଣ୍ଡି, ସହ ସମ୍ପାଦକ ଚେତାବନୀ କୁମ୍ଭାର, ଉପଦେଷ୍ଟା ଭୁବନେଶ୍ୱରୀ ତାଣ୍ଡି, ସାଏବନି ବାଗ, ଦ୍ରୋପଦୀ ହିଆଁଲ, ଟିକିମଣି ବଏ, ସରସ୍ୱତୀ ବାଗ, ନିରଲତା କୁମ୍ଭାର, ସବିତା ବାଗ, ଲକ୍ଷ୍ମୀ ହିଆଁଲ, ସନ୍ତରା ଛୁରା, ମଥୁରା ଧବଳ, ଲଳିତା ଦୀପ, କେରକେଟି ଲୁହା, ମଥୁରା ଛତ୍ରିଆ, ବବିତା ନାଗଙ୍କ ସମେତ ସଂଗଠନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଏଥିରେ ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକ ଅଞ୍ଚଳର ବହୁ ମହିଳା ଯୋଗ ଦେଇଥିଲେ।

# ସମାଜକୁ ସଂସ୍କାରଧର୍ମୀ କରିବାକୁ ଗୁରୁତ୍ୱ

## କୈବର୍ତ୍ତ ମହାସଭାର ବାର୍ଷିକ ବାସେଲୀ ପୂଜା

ନାକଟିଦେଉଳ,୨୩।୪(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କୈବର୍ତ୍ତ ମହାସଭା ପକ୍ଷରୁ ବାସେଳି ପୂଜା ସରାପାଲି ପଞ୍ଚାୟତ ଅନ୍ତର୍ଗତ କତରାପାଲି କୁଞ୍ଜବନ ଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି। ଚୈତ୍ର ପୂର୍ଣ୍ଣିମା ଅବସରରେ ମଙ୍ଗଳବାର ଦେହେରୀ ମହେଶ୍ୱର ସେଠ ସମାଜର ଅଧିଷ୍ଠାତ୍ରୀ ଦେବୀ ମା' ବାସେଳିଙ୍କ ପୂଜାର୍ଚ୍ଚନା କରିଥିଲେ। ପରେ ମହାସଭାର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଦେଷ୍ଟା ବିଚିତ୍ର ମହାଲିକ ସଭାପତିତ୍ୱ କରିଥିଲେ। ମହାସଭା ସଭାପତି ପ୍ରଦୀପ କୁମାର ସେଠ ଏବଂ ସମ୍ପାଦକ ଶରତ କୁମାର ବାରିକ ଏହି ଅବସରରେ ଉପସ୍ଥିତ ଥିଲେ। ବୈଠକରେ କୈବର୍ତ୍ତ ପୁରାଣ ଓ ଜାତିଗତ ନିୟମାବଳୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମାଜର ଲୋକଙ୍କ ମଧ୍ୟରୁ ଅନ୍ଧବିଶ୍ୱାସ, କୁସଂସ୍କାର ଦୂରୀକରଣ, ସାମାଜିକ ଚଳନି, ପରମ୍ପରା, ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଶା ସେବନକୁ ବନ୍ଦ କରିବା ଏବଂ ଶିକ୍ଷା କ୍ଷେତ୍ରରେ ଅଗ୍ରସର ହୋଇପାରିବା ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଶେଷରେ ପ୍ରଦୀପ ସେଠ ଧନ୍ୟବାଦ ଅର୍ପଣ କରିଥିଲେ। ଅଶାବୁ ସେଠ, ବୀରବର ସେଠ, ଶଙ୍ଖାଳି ସେଠ, ନୀର ସେଠ ଏବଂ କେଦାର ସେଠ ଏଥିରେ ସହଯୋଗ କରିଥିଲେ। ବ୍ଲକର ବିଭିନ୍ନ ଗ୍ରାମରୁ ସମାଜର ୭୦ଜଣ ସଭ୍ୟ ଯୋଗଦେଇଥିଲେ। ସେହିପରି ବ୍ଲକର ନାକଟିଦେଉଳ ଏବଂ ଜଗନ୍ନାଥ ପ୍ରସାଦ ଗ୍ରାମର କୈବର୍ତ୍ତ ସମାଜ ପକ୍ଷରୁ ପବିତ୍ର ଚୈତ୍ର ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏହି ଅବସରରେ ଉଭୟ ଗ୍ରାମର କୈବର୍ତ୍ତ ସମାଜ ସଦସ୍ୟଙ୍କ ପକ୍ଷରୁ ପେଣ୍ଠବାହାଲ ନିକଟସ୍ଥ ଚମ୍ପାଳୀ ନଦୀ ତଟରେ ପୂଜା ସହ ବୈଠକ ବସିଥିଲା। ସମାଜର ବେହେରା ଧବଳ ସେଠ ବାର୍ଷିକ ପୂଜା କରିଥିଲେ। ସମ୍ପାଦକ ସୁକାନ୍ତ ବାଘ, ବସୁ ନାଏକ, କଳ ନାଏକ, ବକୁଳି ନାଏକ, ପପୁନ ସାହୁ, ବକୁଳି ନାଏକ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ କୈବର୍ତ୍ତ ମହାସଭା ସଦସ୍ୟମାନେ।

# 'ସାମ୍ବିଧାନିକ ଅଧିକାର ବଳରେ ଦେଶକୁ ଏକ କରିଥିଲେ'



ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି।

## ଆମ୍ବେଡ଼କର ଜୟନ୍ତୀ ସଭାରେ ବକ୍ତାଙ୍କ ମତ

ଡୁଙ୍ଗୁରିପାଲି,୨୩।୪(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗଣ୍ଡାପଡ଼ାରେ ଆମ୍ବେଦକର କ୍ଲବ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଆମ୍ବେଡ଼କର ଜୟନ୍ତୀ ପାଳିତ ହୋଇଯାଇଛି। କ୍ଲବ ସଭାପତି ରଥ କୁମ୍ଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଚ୍ୟୁତ ଛତର ଯୋଗଦେଇ ବାବାସାହେବ ଆମ୍ବେଡକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ଲକ୍ଷେଘର ଗଣ୍ଡା ସମାଜ କାର୍ଯ୍ୟକାରୀ ସଭାପତି ଲକ୍ଷ୍ମଣ ଭରାସାଗର, ରୁପାଲି ମହାନନ୍ଦ, ନୀଳାଦ୍ରି ଶିକା, ରମାକାନ୍ତ ସାଗର, ମୁଖ୍ୟବକ୍ତାଭାବେ ଗୁପ୍ତେଶ୍ୱର ଖୁରା ଯୋଗ ଦେଇଥିଲେ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶଷରେ ସମଗ୍ର ଭାରତୀୟବାସୀଙ୍କୁ ସମ୍ବିଧାନିକ ଅଧିକାର ବଳରେ ଆମ୍ବେଡ଼କର ଏକତାବଦ୍ଧ କରିଥିଲେ ବୋଲି ଅତିଥିମାନେ କହିଥିଲେ। ସଭା ପରିଚାଳନା କରିଥିଲେ ବେଣୁଧର ସୁରୁଜାଲ। ପରେ ପରେ ଶିଶୁ କଳାକାରମାନେ ଆମ୍ବେଡ଼କରଙ୍କ ଜୀବନୀ ଉପରେ ନୃତ୍ୟ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଦୀନବନ୍ଧୁ ସୁନା। ଏହି ଅବସରରେ କ୍ଲବ ସମ୍ପାଦକ ଶଙ୍କର ହରିପାଲ, କୋଷାଧକ୍ଷ କେଶବ ବାଗ, ଉପେନ୍ଦ୍ର କୁମ୍ଭାର, ପ୍ରଶାନ୍ତ ନାଗ, ଜଗଦୀଶ ନାଗ, ଦିଲୀପ ତାଣ୍ଡି, ଚନ୍ଦ୍ରଶେଖର ବାଗ, ଟଙ୍କଧର ବାଗ, ନିତ୍ୟାନନ୍ଦ ଦୀପ, ସୁନିଲ କୁମ୍ଭାର, ସୁଶୀଲ ନନ୍ଦ, ନକୁଳ ବାଗ,ଲଳିତ ଜାଲ, ପୂର୍ଣ୍ଣ ବାଗ ଓ ଡୁଙ୍ଗୁରିପାଲି ଗଣ୍ଡା ସମାଜ କାର୍ଯ୍ୟକାରୀ ସଭାପତି କୃଷ୍ଣ ବାଗ ଓ ପଡାବାସୀ ଉପସ୍ଥିତ ଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଶଙ୍କର ହରିପାଲ।

# ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ



ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

ସଇଁତଲା,୨୩।୪(ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ବ୍ଲକ ଅନ୍ତର୍ଗତ ଢ଼େଙ୍ଗ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଜୁନିୟର ରେଡ଼କ୍ରସ ତରଫରୁ ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚାଣ୍ଡାଳ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୟ ଭୋଇ ମୁଖ୍ୟଅତିଥି, ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ବନଜା ବାସିନୀ ଦାସ ଓ ଢ଼େଙ୍ଗ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜୁନିୟର ରେଡ଼କ୍ରସ କାଉନସିଲର ରାମ ନାରାୟଣ ଦାଶ ସଂଯୋଜନା କରିଥିଲେ। ଟାଣ ଖରାରେ ପଦାକୁ ବାହାରିବା ନାହିଁ, ଖରା ସମୟରେ କଠିନ ପରିଶ୍ରମ କରିବା ନାହିଁ, ଜରୁରୀ କାମରେ ବାହାରକୁ ଯାଉଥିଲେ କଳା ଚଷମା ସହ ଚପଲ, ମୁଣ୍ଡରେ ଓଦା ଗାମୁଛା, ଛତା ବ୍ୟବହାର କରିବା, ହାଲୁକା ଏବଂ ଢ଼ିଲା ପୋଷାକ ପରିଧାନ କରିବା, ମାଦକ ଦ୍ରବ୍ୟ ସେବନ କରିବାରୁ ଦୂରେଇ ରହିବା, ଜଳ ଶୁଷ୍କତାରୁ ରକ୍ଷା ପାଇବାପାଇଁ ଅଧିକ ପାଣି, ସରବତ, ପଣା, ତୋରାଣି, ଘୋଳ ଦହି, ଆଖୁରସ, ଓଆରଏସ ଦ୍ରବଣ ପିଇବା ପାଇଁ ଅତିଥିଗଣ କହିଥିଲେ। ଅଂଶୁଘାତରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ତୁରନ୍ତ ନିକଟସ୍ଥ ଡ଼ାକ୍ତରଖାନାକୁ ନେଇ ଚିକିତ୍ସା କରାଇବା, ଗୃହପାଳିତ ପଶୁପକ୍ଷୀଙ୍କୁ ଛାଇରେ ରଖିବା ସହ ପ୍ରଚୁର ମାତ୍ରାରେ ପିଇବାପାଣି ଦେବା ସହ ଅଂଶୁଘାତ ବିଷୟରେ ପରିବାରର ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀଙ୍କୁ ସଚେତନ କରିବାକୁ ମୁଖ୍ୟଅତିଥି ଭୋଇ କହିଥିଲେ। ସେହିପରି ନିଜ ଘର ଛାତ ଉପରେ ପକ୍ଷୀମାନଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା କରିବାକୁ ପ୍ରଧାନ ଶିକ୍ଷକ ମିଶ୍ର ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ କୃପାସିନ୍ଧୁ ମିଶ୍ର, ସୁଦର୍ଶନ ଦାଶ, ସମୀର ସେଠୀ, ହିମାଂଶୁ ଶେଖର ବିଶ୍ୱାଳ, ଲିଙ୍ଗରାଜ ନନ୍ଦ, ଅବିନାଶ ଭୋଇ, ଶିକ୍ଷୟିତ୍ରୀ ରେଣୁକା ସାହୁ, ତପସ୍ୱିନୀ ପଟେଲ, କେ. ଭୋଇ, ଶିବାନୀ ଭୋଇଙ୍କ ସମେତ ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ଗାୟତ୍ରୀ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଦୀପକ ସେନ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡିରେ ଯୋଗ ଦେଲେ ଭାଜପା, କଂଗ୍ରେସ କର୍ମୀ

ଲୋଇସିଂହା,୨୩।୪(ସୁଶାନ୍ତ ବାରିକ)

ଲୋଇସିଂହା ବିଜୁ ଜନତା ଦଳର କାର୍ଯ୍ୟାଳୟଠାରେ ତୃତୀୟ ପର୍ଯ୍ୟାୟ ମିଶ୍ରଣ ପର୍ବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଜେଡି ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରାଙ୍କ ଉପସ୍ଥିତିରେ ତଳିଉଡାର ଗ୍ରାମ ପଞ୍ଚାୟତର ବହୁ ଯୁବ ଛାତ୍ର, ଉପରବାହାଲ ରାଘୁପଦରର ୧୫ ଜଣ ଭାଜପା କର୍ମକର୍ତ୍ତା ଓ ବାନିପାଲି କଂଗ୍ରେସ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିବା ସେମାନେ ପ୍ରକାଶ କରିଥିଲେ। ମିଶ୍ରଣ ପର୍ବରେ ବ୍ଲକ ବିଜେଡି ସଭାପତି ହୃଦୟନନ୍ଦ ବେହେରା ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧକ୍ଷ ଯତୀନ୍ଦ୍ର ପଟେଲ, ବ୍ଲକ ମହିଳା ସଭାପତି ଜ୍ୟୋସ୍ନାମୟୀ ନାଗଙ୍କ ସମେତ ବିଜେଡ଼ି ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଭୀମଭୋଇ ମଠରେ ବାର୍ଷିକ ମହିମା ମେଳା

କୁଚିଣ୍ଡା,୨୩।୪(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ସମଲେଇ ମନ୍ଦିର ନିକଟ ଯାଦବ ଭବନସ୍ଥିତ ଭୀମଭୋଇ ମଠରେ ବାର୍ଷିକ ମହିମା ମେଳା ଅନୁଷ୍ଠିତ ହୋଇଯାଇଛି। ମହିମା ମଠର ଶେଷଦେବ ବାବା ଓ ବାନେଶର ବାଦୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ମେଳାରେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ଡା.ଶରତ ଚନ୍ଦ୍ର ଗୌନ୍ତିଆ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। କୁଚିଣ୍ଡା ଭୀମ ଭୋଇ ମହିମା ମଠ ଆଧ୍ୟାତ୍ମିକ ଚେତନା କ୍ଷେତ୍ରରେ ସମାଜ ପାଇଁ ଏକ ପଥପ୍ରଦର୍ଶକ ସାଜିଥିବା ଅତିଥିଗଣ ବର୍ଣ୍ଣନା କରିଥିଲେ। ପ୍ରାତଃ ବ୍ରହ୍ମମୂହୁର୍ତ୍ତରେ ଅଖଣ୍ଡ ବତୀ ବ୍ରହ୍ମଧ୍ୱନୀ ସ୍ଥାପନ କରାଯାଇ ବିଶ୍ୱବାସୀଙ୍କ କଲ୍ୟାଣାର୍ଥେ ସର୍ବବିଧ ହବ୍ୟାହୁତି ଅର୍ପଣ ପୂର୍ବକ ସମବେତ ପ୍ରାର୍ଥନା କରାଯାଇଥିଲା। ଶୂନ୍ୟ ବ୍ରହ୍ମତତ୍ତ୍ୱ ଉପରେ ଆଧାରିତ ଭୀମ ଭୋଇ ତଥା କବିଙ୍କ ଭଜନ, ଜଣାଣ,ସ୍ତୁତି ପ୍ରାର୍ଥନା, ଖଞ୍ଜଣି ବାଦ୍ୟ ପରିବେଷଣ ସହ ମହିମା ଧର୍ମ କଥାମୃତ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର, ଦେବଗଡ, ଝାରସୁଗୁଡା, ବଣାଇଁ ଆଦି ଅଞ୍ଚଳର ବହୁସଂଖ୍ୟକ ମହିମା ଭକ୍ତ ଯୋଗଦେଇଥିଲେ। ସ୍ୱର୍ଗତ ଶ୍ୟାମସୁନ୍ଦର ବାବା ଓ ଧରଣୀଧର ବାବାଙ୍କ ଦ୍ୱାରା ସ୍ଥାପିତ ଏହି ମହିମା ମଠ ଦୀର୍ଘ ୫୦ବର୍ଷ ଧରି ସମାଜକୁ ଆଧାତ୍ମିକ ଚେତନା ପାଇଁ ବାର୍ତ୍ତା ଦେଇଆସୁଛି। ମଠରେ ଗୋସେବା,ଜରାସେବା,ଗୋମୂତ୍ର ଚିକିତ୍ସା, ଆୟୁର୍ବେଦ ଚିକିତ୍ସା ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଉଛି। ମେଳା ପରିଚାଳନାରେ ପ୍ରମୋଦ ଦାସ, ରାଜେନ୍ଦ୍ର ସୋନୀ, ମିତ୍ରଭାନୁ ବେହେରା, ତୁଳା ବାବା, ଅଶିକ ନାୟକ, ଦିଲୀପ ଅଗ୍ରୱାଲ, ନିରାକାର ଚୌଧୁରୀ, ସୌମ୍ୟରଞ୍ଜନ ଦାସ, ରାଜକୁମାର ଜୟସ୍ୱାଲ, ବସନ୍ତ ମାଝି ପ୍ରମୁଖ ସହଯୋଗ କରିଥିଲେ।


ବାର୍ଷିକ ମହିମା ମେଳାରେ ଅତିଥି, ମହିମା ବାବା ଓ ପିଲାମାନେ।

# ବୌଦ୍ଧରେ ଧରିତ୍ରୀ ଦିବସ ପାଳିତ

ବୌଦ୍ଧ,୨୩।୪(ଅଜିତ କୁମାର ବାରିକ)

ବୌଦ୍ଧ ସହର ଖଲିଆବଗିଚା ନୋଡାଲ ପ୍ରାଥମିକ ବିଦ୍ୟାଳୟଠାରେ ଇକୋ କ୍ଲବ ତରଫରୁ ଅନ୍ତରାଷ୍ଟ୍ରୀୟ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁନେଲି ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷୟିତ୍ରୀ ଗୀତାରାଣୀ ପଣ୍ଡା। ଅତିଥି ଭାବେ ପରିବେଶ ବିଜ୍ଞାନୀ ଅଧ୍ୟାପକ ଡ. ପ୍ରବୀର କୁମାର ଦାସ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଧରିତ୍ରୀ ଦିବସର ଇତିହାସ ଓ ପୃଥିବୀ ମା'ର ଯତ୍ନ ନ କଲେ ଆମେ କେତେ ଯେ କଷ୍ଟ ପାଇବା ସେ ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ଶିକ୍ଷା ସଂଯୋଜକ ସତ୍ୟ ନାରାୟଣ ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବୃକ୍ଷରୋପଣ କରିବାକୁ ଆହ୍ୱାନ କରିଥିଲେ। ଶେଷରେ ମୁଖ୍ୟବକ୍ତା ଦାସ ସମସ୍ତଙ୍କୁ ପ୍ଲାଷ୍ଟିକ ଆବର୍ଜନା ନ ପକାଇବା, ବାହାରେ ମଳ ତ୍ୟାଗ ନ କରିବା ଏବଂ ବୃକ୍ଷରୋପଣ କରିବା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଆରତୀ ମିଶ୍ର, ସନ୍ଧ୍ୟାରାଣୀ ମିଶ୍ର, ଅପର୍ଣ୍ଣା ମହାନ୍ତି ଓ ଶିକ୍ଷକ ସୁବାସ ସାହୁ ସହଯୋଗ କରିଥିଲେ।

# ୧୭୦ଛାତ୍ରୀ ନେଲେ ଆତ୍ମରକ୍ଷା ପ୍ରଶିକ୍ଷଣ

ସମ୍ବଲପୁର,୨୩।୪(ବି.ଶଙ୍କର)

ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କ୍ଲବ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟଠାରେ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଙ୍କ ପାଇଁ ୨୦ ଦିନ ବ୍ୟାପୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ଡ.ପ୍ରଦୀପ କୁମାର ହରପାଲ ସଭାରେ ଅଧ୍ୟକ୍ଷତା କରିବା ସହିତ କାର୍ଯ୍ୟକ୍ରମର ଲକ୍ଷ୍ୟ, ଆଭିମୁଖ୍ୟ ଏବଂ ଉପଲବ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ। ଆତ୍ମରକ୍ଷା ପ୍ରଶିକ୍ଷଣ କ୍ଲବର ସଂଯୋଜିକା ପ୍ରିୟଦର୍ଶିନୀ ବେଉରା ସଭା ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀମାନେ ତାଙ୍କର ଅନୁଭବ ଓ ଉପଲବ୍ଧି ବିଷୟରେ ମତ ଉପସ୍ଥାପନା କରିଥିଲେ। ଆତ୍ମରକ୍ଷା ପ୍ରଶିକ୍ଷଣ କୌଶଳ କିପରି ସେମାନଙ୍କୁ ଶାରୀରିକ ଭାବରେ ଶସକ୍ତ କରିବା ସହିତ ମାନସିକ ଭାବରେ ଦୃଢ଼ ଓ ନିର୍ଭିକ କରି ଗଢି ତୋଳିବାରେ ସହାୟକ ହେଇଛି ସେନେଇ ଉପରେ ଆଲୋକପାତ କରିଥିଲେ। ଏଥିରେ ଅଧାପକ ବିଶ୍ୱଜିତ ମହାନ୍ତି, ଅଧାପିକା ମିଲି ସାହୁ, ମେଞ୍ଚା ପୂର୍ଭି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିବା ଥିଲେ । ରୋଜାଲୀ ସେଠ ଧନ୍ୟବାଦ୍ ଅର୍ପଣ କରିଥିଲେ। ୧୭୦ରୁ ଅଧିକ ଛାତ୍ରୀ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯାପନୀ କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀମାନେ।

# ଦିବ୍ୟାଙ୍ଗ ସହାୟକ ଯନ୍ତ୍ରର ବ୍ୟବହାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ରରେ ଦିବ୍ୟାଙ୍ଗ ପିଲାମାନଙ୍କ ପ୍ରଶିକ୍ଷଣ ଶିବିର।

ସମ୍ବଲପୁର,୨୩।୪(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ରଠାରେ ଦିବ୍ୟାଙ୍ଗ ପିଲାମାନଙ୍କ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସେମାନଙ୍କୁ ସହାୟକ ଯନ୍ତ୍ରର ବ୍ୟବହାର ଓ ରକ୍ଷଣାବେକ୍ଷଣ ଉପରେ ବିଶେଷଜ୍ଞମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଧନକଉଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ ଯୋଗଦେଇ ଉପସ୍ଥିତ ଦିବ୍ୟାଙ୍ଗ ପିଲାମାନଙ୍କୁ ଉତ୍ସାହିତ କରିଥିଲେ।ଭବିଷ୍ୟତରେ କିପରି ଭାବେ ସେମାନେ ସଫଳତା ହାସଲ କରିବେ, ସେନେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବିଆରସିସି ରମେଶ ଚନ୍ଦ୍ର ମିଶ୍ର, ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମିତା ପତ୍ରୀ, ଆଇଇଡି କୋଅର୍ଡିନେଟର ଅରୁଣ କୁମାର ଦାଶ, ବିଆରପି ଅନ୍ନପୂର୍ଣ୍ଣା ଦାଶ, ପୂଜା ଅର୍ଚ୍ଚନା ମହାପାତ୍ର ଓ ପ୍ରଣତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କଂଗ୍ରେସ ଛାଡ଼ିଲେ ରାଜଗୋପାଳ ପାଣିଗ୍ରାହୀ

## ବିଜେଡିରେ ଯୋଗଦେବା ନେଇ ଚର୍ଚ୍ଚା

ଅମରପାଲି,୨୩।୪(ପୀତାମ୍ବର ସାହୁ)

ନିର୍ବାଚନ ଯେତେ ପାଖେଇ ଆସୁଛି ବିଭିନ୍ନ ଦଳରୁ ଅସନ୍ତୁଷ୍ଟ ନେତାଙ୍କ ଇସ୍ତଫା ପର୍ବ ବଢୁଥିବା ଦେଖିବାକୁ ମିଳୁଛି। ଏହି କ୍ରମରେ ସୁବର୍ଣ୍ଣପୁର ଜିଲା କଂଗ୍ରେସ ଉପ ସଭାପତି ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ରଜଗୋପାଳ ପାଣିଗ୍ରାହୀ କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟ ଏବଂ ବିଭିନ୍ନ ଦଳୀୟ ପଦପଦବୀରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ଦଳର ରାଜ୍ୟ ସଭାପତି ଶରତ ପଟ୍ଟନାୟକ ଙ୍କୁ ପଠାଇଛନ୍ତି। ସେ ତାଙ୍କ ଇସ୍ତଫାରେ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି। ରାଜଗୋପାଳ ପୂର୍ବରୁ କେନ୍ଝରିଆପାଲି ପଞ୍ଚାୟତରୁ ସରପଞ୍ଚ ଥିବା ବେଳେ ପରବର୍ତ୍ତୀ ସମୟରେ ବୀରମହାରାଜପୁର ଜୋନ-୨ରୁ ଜିଲା ପରିଷଦ ସଭ୍ୟ ଭାବେ ମଧ ନିର୍ବାଚିତ ହୋଇଥିଲେ। ଏହା ବ୍ୟତୀତ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବୀରମହାରାଜପୁର ଜୋନ-୧ ରୁ କଂଗ୍ରେସ ଦଳରୁ ଜିଲା ପରିଷଦ ସଭ୍ୟ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ବିଜେଡି ପ୍ରାର୍ଥୀଙ୍କଠାରୁ ଅଳ୍ପ ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିଲେ। ସେ ଦୀର୍ଘଦିନ ହେଲା କେନଝିରିଆପାଲି ସେବା ସମବାୟ ସମିତିର ସଭାପତି ରହିଛନ୍ତି। ଏହା ସହିତ ଅନେକ ସଙ୍ଗଠନରେ ସକ୍ରିୟ ଭାବେ ସାମିଲ ଅଛନ୍ତି। ସେ ଜଣେ ଭଲ ସଂଗଠକ ଭାବେ ଅଞ୍ଚଳରେ ପରିଚିତ। କଂଗ୍ରେସ ଦଳ ର କାର୍ଯ୍ୟକଳାପ ଯୋଗୁଁ ସେ ସନ୍ତୁଷ୍ଟ ନ ଥିବା ପ୍ରକାଶ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ସେ ବିଜେଡିରେ ଯୋଗଦେଇ ପାରନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।


ରାଜ ଗୋପାଳ ପାଣିଗ୍ରାହୀ।

# ନିର୍ବାଚନ ଖର୍ଚ୍ଚ ପାଇଁ ସହଯୋଗ ମାଗୁଛନ୍ତି

## ସୋନପୁର ବିଧାନସଭା ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିବେ ସୋନାଲି

ସୋନପୁର,୨୩।୪(ମୃତ୍ୟୁଞ୍ଜୟ ଶତପଥୀ)

ଉଚ୍ଚ ଶିକ୍ଷିତା ମହିଳା ସୋନାଲି ବିଶି(୨୭)।ସୋନପୁର ବିଧାନସଭା କ୍ଷେତ୍ରରୁ ସେ ସ୍ୱାଧିନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ଚାଷୀ ସରକାର ନାରା ଦେଇ ସେ କିଛି ମାସ ହେବ ଗାଁରୁ ଗାଁକୁ ବୁଲିଛନ୍ତି। ନିଜେ ଟ୍ରାକ୍ଟର ଚଳାଇ ସମର୍ଥକଙ୍କ ସହିତ ମିଶି ଭୋଟ ଭିକ୍ଷା କରୁଛନ୍ତି। ଲୋକଙ୍କ ସହ ମିଶିବା ସହ ସେମାନଙ୍କ ସମସ୍ୟା ବୁଝୁଛନ୍ତି। ଅଞ୍ଚଳର ସମସ୍ୟାକୁ ସାମାଜିକ ଗଣମାଧ୍ୟମ ଜରିଆରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ଚାଷୀମାନେ ଏକ ହୋଇ ନିଜ ସରକାର ନିଜେ ବନାଇବା ପାଇଁ ଲୋକଙ୍କୁ ସଚେତନ କରୁଛନ୍ତି। ମଙ୍ଗଳବାର ସେ ତରଭା ବ୍ଲକର ଭାଲୁଡୁଙ୍ଗୁରି, ପାଣିମୁରା, ଠକପାଲି, ବଘିଆପାଲି, ଶରଧାପାଲି, ସାନଭଇଁରୋ, ବଡଭଇଁରୋ ଓ ମରାଡୁଗୋଛା ଆଦି ଅଞ୍ଚଳ ବୁଲିଥିଲେ। ନିର୍ବାଚନ ଖର୍ଚ୍ଚ ତୁଲାଇବା ପାଇଁ ସେ ଲୋକଙ୍କ ନିକଟରୁ ସହଯୋଗ ମାଗୁଥିବା ଦେଖିବାକୁ ମିଳିଥିଲା। ଘରକୁ ଘର ବୁଲି ସେ ଗାମୁଛା ଧରି ସହାୟତା ମାଗିଥିଲେ। ଲୋକମାନେ ଚାଉଳ ଓ ନିଜ ସକ୍ଷମ ଅନୁସାରେ ଅର୍ଥ ରାଶି ସହାୟତା ପ୍ରଦାନ କରିଥିଲେ। ଯାହାକି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ସମ୍ପର୍କରେ ସୋନାଲି କୁହନ୍ତି ମୁଁ ସାଧାରଣ ଘର ର ବୋହୁ। ଲୋକଙ୍କ ସମସ୍ୟାର ସମାଧାନ ପାଇଁ ରାଜନୀତିକୁ ଆସିଛି। ଆଞ୍ଚଳିକ ଓ ଜାତୀୟ ଦଳ ମାନେ ଶିଳ୍ପପତି ଏବଂ ଅନ୍ୟ ବ୍ୟବସାୟିକ ସଂସ୍ଥା ନିକଟରୁ ଚାନ୍ଦା ଆଣି ନିର୍ବାଚନ ପ୍ରଚାର କରୁଛନ୍ତି। ପାର୍ଟି ଫଣ୍ଡରୁ ସେମାନଙ୍କୁ ବିପୁଳ ପରିମାଣରେ ଟଙ୍କା ମିଳୁଛି। ନିର୍ବାଚନରେ ମଦ ମାଂସ ବାଣ୍ଟୁଛନ୍ତି। ଆମେ ସେଭଳି ନୀତିରେ ବିଶ୍ୱାସ କରୁନା। ତେବେ ନିର୍ବାଚନର ବ୍ୟୟ ଭାର ତୁଲାଇବା ପାଇଁ ମୁଁ ଜନସାଧାରଣଙ୍କୁ ସହାୟତା ମାଗୁଛି। ସେମାନଙ୍କ ସହାୟତା ଓ ଦାନକୁ ଆମେ ଆଶିର୍ବାଦ ଭାବି ଗ୍ରହଣ କରୁଛୁ। ପ୍ରଥମ ମହିଳା ପ୍ରାର୍ଥୀ ସୋନାଲିଙ୍କ ପ୍ରଚାର ଅଭିଯାନ ଚାଷୀ, ମହିଳା ଓ ଯୁବ ଭୋଟରଙ୍କୁ ଆକୃଷ୍ଟ କରୁଥିବା ଦେଖିବାକୁ ମିଳୁଛି।


ସୋନାଲି ବିଶି ମତଦାତାଙ୍କ ନିକଟରୁ ସହାୟତା ଗ୍ରହଣ କରୁଛନ୍ତି।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ୨ ଯୁବକ ଗିରଫ

**ନୂଆପଡ଼ା,୨୩।୪ (ମକାରୁ ବେମାଲ):** ନୂଆପଡା ଜିଲା କୋମନା ଥାନା ସେମେଲପାଲି ଛକଠାରେ ମଙ୍ଗଳବାର ପୋଲିସ ଚଢାଉ କରି ୫ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଲାଙ୍ଗୀର ଜିଲା ପାଟଣାଗଡ ଥାନା ଅଁଳାପାଳି ଗାଁର ଗଣେଶ ଭୋଇ ଓ ମହତାବ ଭୋଇ। ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଥାନାଧିକାରୀ ସୁମନ୍ତ ନାଏକ ସୂଚନା ଦେଇଛନ୍ତି । ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନିଶା କାରବାର ରୋକିବା ପାଇଁ ପୋଲିସ ପକ୍ଷରୁ ଯାଞ୍ଚ କଡାକଡି କରାଯାଉଛି। ଏପରିସ୍ଥଳେ ସୀମାନ୍ତ ସେମାଲପାଳି ଗାଁରେ ପାଟ୍ରୋଲିଂ କରୁଥିବା ସମୟରେ ଅଭିଯୁକ୍ତ ଦ୍ୱୟ ଏକ ବ୍ୟାଗ ଧରି ଛିଡା ହୋଇଥିଲେ। ସନ୍ଦେହରେ ପୋଲିସ ଯାଞ୍ଚ କରିବାରୁ ବ୍ୟାଗରୁ ଗଞ୍ଜେଇ ବାହାରିଥିଲା। ୨ ଅଭିଯୁକ୍ତ ଫୁଲବାଣୀ ଜିଲାରୁ କୋମନା ଅଞ୍ଚଳକୁ ଗଞ୍ଜେଇ ଚାଲାଣ କରୁଥିଲେ। ସେମେଲପାଲି ବସ୍‌ଷ୍ଟାଣ୍ଡରେ ଗ୍ରାହକ ଅପେକ୍ଷାରେ ଥିବା ବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା।

### ୮୫ ବୋତଲ କଫ୍ ସିରପ ଜବତ, ମହିଳା ଗିରଫ



**ନୂଆପଡ଼ା,୨୩।୪ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ପୁରୁଣା ବ୍ଲକ ଛକଠାରେ ମଙ୍ଗଳବାର ନୂଆପଡ଼ା ଅବକାରୀ ବିଭାଗ କଫ୍ ସିରପ ଜବତ ସହ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ କୋମନା ଜୁନାଗଡ ପଡାର ଶୈଳ ବିଶି (୪୦)। ସୂଚନା ମୁତାବକ ପୂର୍ବାହ୍ନ ୯ଟା ସମୟରେ ନୂଆପଡା ଅବକାରୀ ବିଭାଗର ଏକ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ କୌଣସି ସୂତ୍ରରୁ ଶୈଳ ବେଆଇନ ଭାବରେ କଫ ସିରପ ବିକ୍ରୟ କରୁଥିବା ଖବର ପାଇଥିଲା। ଅବକାରୀ ବିଭାଗ କର୍ମଚାରୀ ଚଢାଉ କରି ଶୈଳଙ୍କଠାରୁ ୮୫ ବୋତଲ କଫ ସିରପ ଜବତ କରି ତାଙ୍କୁ ଗିରଫ କରିଥିଲେ। ଏହି ଚଢାଉ ସମୟରେ ଇନ୍ସପେକ୍ଟର ସୁରେଶ ଚନ୍ଦ୍ର ତାଣ୍ଡି, ସଞ୍ଜୀବ ବେହେରା, ଏଏସ୍‌ଆଇ ହିଙ୍ଗୁଳା ଦାସ, ପୁରୋହିତ ବନଛୋର, ପ୍ରଶାନ୍ତ ନାଏକ, ଦୀପାଞ୍ଜଳି ତିୱାରୀ ପ୍ରମୁଖ ସାମିଲ ଥିଲେ ।

### ଜୟ ଜଗନ୍ନାଥ ଓପନ ୟୁନିଟ୍ ପକ୍ଷରୁ ଜଳଛତ୍ର ବ୍ୟବସ୍ଥା

**ଖଡ଼ିଆଳ,୨୩।୪(ସୁଜିତ କୁମାର ପ୍ରଧାନ):** ବର୍ତ୍ତମାନ ସାରା ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଜୟ ଜଗନ୍ନାଥ ଓପନ ୟୁନିଟ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଜଳଛତ୍ର ବ୍ୟବସ୍ଥା କରାଯାଇଛି। ରୋଭର ମୁଖ୍ୟ ଚନ୍ଦ୍ରମଣି ସରାଫଙ୍କ ନେତୃତ୍ୱରେ ପଥଚାରୀଙ୍କୁ ଲେମ୍ବୁପାଣି, ଦହିପାଣି, ବେଲପଣା, ରସ୍ନାମିଶ୍ରିତ ପାଣି ବଣ୍ଟନ କରାଯାଉଛି। ୟୁନିଟ୍ ପକ୍ଷରୁ ଜିଲାର କେତେକ ସ୍ଥାନରେ ସର୍ଭିସ୍ କ୍ୟାମ୍ପ ମଧ୍ୟ ଖୋଲାଯାଇଛି। ଓପନ ୟୁନିଟ୍‌ର ରୋଭର ସାହିଲ ବିହାରୀ, ସୁଦନ ବେହେରା, ଜିତେନ ଜଗତ, ମଳୟ ବେହେରା, ଡମ୍ବରୁ ରଣା, ଗଣେଶ ବନ୍ଦୀଛୋର, କାହ୍ନା ଗହୀର ଜଳଛତ୍ରରେ ପାନୀୟ ଯୋଗାଇ ଦେଉଛନ୍ତି।



ଜୁନାଗଡ଼ ବିଜେଡି ପ୍ରାର୍ଥୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ନାମାଙ୍କନପତ୍ର ଦାଖଲ କରୁଛନ୍ତି।



ସମର୍ଥକଙ୍କ ସହ ଭାଜପା ଲାଞ୍ଜିଗଡ଼ ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ମାଝି।

# ୨ ଲୋକ ସଭା, ୧୦ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

**କଳାହାଣ୍ଡି ଜିଲା**

**ଭବାନୀପାଟଣା,୨୩।୪ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାରେ ଚଳିତ ସାଧାରଣ ନର୍ବାଚନ ପାଇଁ ଗତ ୧୮ ତାରିଖଠାରୁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲାରେ ଲୋକ ସଭା ପାଇଁ ୨ଜଣ ଓ ୫ ବିଧାନସଭା ପାଇଁ ୧୦ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କଳାହାଣ୍ଡି ଲୋକ ସଭା ଆସନ ପାଇଁ ବହୁଜନ ମୁକ୍ତି ପାର୍ଟି ପକ୍ଷରୁ ଗଙ୍ଗାଧର ଜାଲ ଓ ବିଏସ୍‌ପି ପକ୍ଷରୁ ବିରଞ୍ଚି ନାରାୟଣ ଦୁର୍ଗା ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେହିପରି ଜୁନାଗଡ଼ ବିଧାନସଭା ପାଇଁ ବିଜେଡି ପ୍ରାର୍ଥୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, କଂଗ୍ରେସ ପ୍ରାର୍ଥୀ ତୁଲେଶ୍ୱର ନାଏକ, ସ୍ୱାଧୀନ ପ୍ରାର୍ଥୀ ପରମେଶ୍ୱର କାଣ୍ଡ, ଧର୍ମଗଡ଼ ବିଧାନସଭା ପାଇଁ ବିଏସ୍‌ପି ପ୍ରାର୍ଥୀ ତୀର୍ଥରାଜ ଦୁର୍ଗା, ସ୍ୱାଧୀନ ପ୍ରାର୍ଥିନୀ ହେମାଙ୍ଗିନୀ ହଂସ, ନର୍ଲା ବିଧାନସଭା ପାଇଁ ବିଜେଡି ପ୍ରାର୍ଥିନୀ ମନୋରମା ମହାନ୍ତି, ବହୁଜନ ସମାଜ ପାର୍ଟି ପକ୍ଷରୁ ଦୁର୍ଯ୍ୟୋଧନ କୁମାର, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ପକ୍ଷରୁ ଶିବରାମ ନାୟକ, ଆମ୍ବେଡକର ପାର୍ଟି ଅଫ ଇଣ୍ଡିଆ ପକ୍ଷରୁ ଗଭୀର ସୁନା, ଲାଞ୍ଜିଗଡ଼ ବିଧାନସଭା ପାଇଁ ଭାଜପା ପ୍ରାର୍ଥୀ ରମେଶ ଚନ୍ଦ ମାଝି ନାମାଙ୍କନପତ୍ର ଦାଖଲ କରିଥିଲେ। ଅନ୍ୟପକ୍ଷରେ ଭବାନୀପାଟଣା ବିଧାନସଭା ଆସନ ପାଇଁ ମଙ୍ଗଳବାର କେହି ପ୍ରାର୍ଥୀ ନାମାଙ୍କନ କରିନାହାନ୍ତି। ଜୁନାଗଡ଼ ବିଧାୟକ ପ୍ରାର୍ଥୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଧର୍ମଗଡ଼ରେ ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ର ଓ ଜୁନାଗଡ ନିର୍ବାଚନ ଅଧିକାରୀଙ୍କ ନିକଟରେ ତିନିସେଟ ନାମାଙ୍କନ ଦାଖଲ କରିଥିଲେ।

### ଟ୍ରକ୍‌କୁ ଧକ୍କା ଦେଲା ବାଇକ୍, ଜଣେ ମୃତ

**ହେମଗିର,୨୩।୪ (ଚୈତନ୍ୟ ପଟେଲ)**

ସୁନ୍ଦରଗଡ ଜିଲା ହେମଗିର ଥାନା ସ୍ଥିତ କାଉଦରହ ଠାରେ ମଙ୍ଗଳବାର ସକାଳ ସମୟରେ ଛିଡା ହୋଇଥିବା ଏକ ଟ୍ରକକୁ ବାଇକ୍ ଧକ୍କା ଦେବା ଫଳରେ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ମିଳିଥିବା ସୂଚନା ଅନୁସାରେ ସକାଳ ସମୟରେ ବେଲପଡାସ୍ଥିତ ଟିଆରଏଲକୁ କାଉଦରହ ଗ୍ରାମରୁ ବିଷ୍ଣୁଦେବ ସେଟ ଓ କିରଣ ବର୍ଗତି ଓଡି ୨୩ ଜେ ୧୨୪୫ ବାଇକରେ ଯାଉଥିବା ସମୟରେ ଛିଡା ହୋଇଥିବା ଟ୍ରକ ଓଡି ୧୬ ଏଫ ୨୦୧୧କୁ ଧକ୍କା ଦେଇଥିଲା। ଫଳରେ ଦୁଇ ବାଇକ ଆରୋହି ଗୁରୁତର ଭାବରେ ଆହତ ହୋଇଥିଲେ । ଆହତଙ୍କୁ ପ୍ରଥମେ ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତାପରେ ସୁନ୍ଦରଗଡ଼ ମୁଖ୍ୟ ଚିକିତ୍ସାଳୟ ଓ ପରେ ରାଉରକେଲାକୁ ଅଧିକ ଚିକିତ୍ସା ପାଇଁ ଯାଇଥିବା ସମୟରେ କିରଣଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଘଟଣାସ୍ଥଳରେ ଗ୍ରାମବାସୀ ପହଞ୍ଚି ରାସ୍ତାରୋକୋ କରିଥିଲେ । ବେଆଇନ କୋଇଲା ଚାଲାଣରେ ରୋକ ଲଗାଇବା ସହିତ କ୍ଷତିପୂରଣ ଦାବି କରିଥିଲେ।

## ନାମାଙ୍କନ ଭରିଲେ ୩ ବିଧାୟକ ପ୍ରାର୍ଥୀ

**ନୂଆପଡ଼ା/ଖଡିଆଳ,୨୩।୪ (ମକାରୁ ବେମାଲ/ସୁଜିତ କୁମାର ପ୍ରଧାନ)**

ନୂଆପଡା ଓ ଖଡିଆଳ ନିର୍ବାଚନ ମଣ୍ଡଳୀରେ ୬ଷ୍ଠ ଦିନରେ ମଙ୍ଗଳବାର ୩ ବିଧାୟକ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ନୂଆପଡା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ, କଂଗ୍ରେସ ପ୍ରାର୍ଥୀ ଶରତ ପଟ୍ଟନାୟକ ଓ ଖଡିଆଳ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ କମଳ ଚରଣ ତାଣ୍ଡି ନିର୍ବାଚନ ଅଧିକାରୀଠାରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନୂଆପଡା ନିର୍ବାଚନ ମଣ୍ଡଳୀ ବିଜେଡି ପ୍ରାର୍ଥୀ ଢୋଲକିଆ ନିଜ ସମର୍ଥକଙ୍କ ସହ ଖରିଆର ରୋଡ ଶଙ୍କର ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଶୋଭାଯାତ୍ରାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଉପଜିଲାପାଳ ଯୋଗେନ୍ଦ୍ର ମାଝିଙ୍କଠାରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନୂଆପଡା ନିର୍ବାଚନ ମଣ୍ଡଳୀ ଜାତୀୟ କଂଗ୍ରେସ ପ୍ରାର୍ଥୀ ପିସିସି ସଭାପତି ଶରତ ପଟ୍ଟନାୟକ ନିଜ ସମର୍ଥକଙ୍କ ସହ ଖରିଆର ରୋଡ ଶଙ୍କର ମନ୍ଦିରରେ ପୂଜାପାଠ କରି ଶୋଭାଯାତ୍ରାରେ ଯାଇ ଉପଜିଲାପାଳମାଝିଙ୍କଠାରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଖଡିଆଳ ନିର୍ବାଚନ ମଣ୍ଡଳୀ ଜାତୀୟ କଂଗ୍ରେସ ପ୍ରାର୍ଥୀ କମଳ ଚରଣ ତାଣ୍ଡି ନିଜ ସମର୍ଥକଙ୍କ ସହ ଖଡିଆଳସ୍ଥିତ ସମଲେଶ୍ୱରୀ ମନ୍ଦିରରେ ପୂଜାପାଠ କରି ଏକ ଶୋଭାଯାତ୍ରାରେ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ସେ ନିର୍ବାଚନ ଅଧିକାରୀ ସୁବାସ ଚନ୍ଦ୍ର ରଇତଙ୍କଠାରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନାମାଙ୍କନ ଦାଖଲର ଷଷ୍ଠଦିନ ସୁଦ୍ଧା ନୂଆପଡା ନିର୍ବାଚନ ମଣ୍ଡଳୀରେ ୫ ଓ ଖଡିଆଳ ନିର୍ବାଚନ ମଣ୍ଡଳୀରେ ୩ ଜଣ ମୋଟ ୮ ବିଧାୟକ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।




ଅନ୍ୟ ପ୍ରାର୍ଥୀଙ୍କ ସହ ନୂଆପଡା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ଶରତ ପଟ୍ଟନାୟକ ନାମାଙ୍କନ ଦାଖଲ ପାଇଁ ଆସୁଛନ୍ତି । ନୂଆପଡା ନିର୍ବାଚନ ମଣ୍ଡଳୀ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ନାମାଙ୍କନ ପାଇଁ ଆସୁଛନ୍ତି।

## ମୋଦି ଗ୍ୟାରେଣ୍ଟି ସଂକଳ୍ପପତ୍ର ଲୋକାର୍ପଣ

**ଭବାନୀପାଟଣା,୨୩।୪ (ଉତ୍ତମ କୁମାର ଦାଶ)**

**ଭାଜପାର ଖବରଦାତା ସମ୍ମିଳନୀ**

କଳାହାଣ୍ଡି ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଭବାନୀପାଟଣାଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ମୋଦି ଗ୍ୟାରେଣ୍ଟି ସଂକଳ୍ପପତ୍ର ଲୋକାର୍ପଣ କରାଯାଇଛି। ମୋଦି ସରକାରଙ୍କ ଗ୍ୟାରେଣ୍ଟିକୁ ନେଇ ଏକ ସଂକଳ୍ପପତ୍ର ମଧ୍ୟ ଉନ୍ମୋଚିତ ହୋଇଥିଲା। ଏହି ପତ୍ରରେ ମୋଦି ସରକାର ସମୟରେ ବିଶେଷ କରି ଚାଷୀ, ମହିଳା, ଯୁବକ, ଶ୍ରମିକମାନଙ୍କ ପାଇଁ କରାଯାଇଥିବା ଯୋଜନା ଓ ଆଗକୁ ମଧ୍ୟ ଅନେକ ଗୁଣାତ୍ମକ ଯୋଜନା ଉପରେ ଗ୍ୟାରେଣ୍ଟିର ସହ ମୋଦି ସରକାର କାର୍ଯ୍ୟ କରିବ ବୋଲି କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା କହିଥିଲେ। ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଲୋକ ସଭା ପ୍ରଭାରୀ ରମେଶ ସାହୁ, ଭାଜପା ଲୋକ ସଭା ପ୍ରାର୍ଥିନୀ ମାଳବିକା କେଶରୀ ଦେଓ, ପୂର୍ବତନ ଏମ୍‌ପି ଅର୍କ କେଶରୀ ଦେଓ, ପୂର୍ବତନ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ମିଡିଆ ସେଲ ସଂଯୋଜକ ଚିନ୍ମୟ ବେହେରା, ଜିଲା ଉପସଭାପତି ପ୍ରଶାନ୍ତ ସାହୁ, ଗୋଦାବରିଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଭାଜପା ନେତୃମଣ୍ଡଳୀ।

## ମେ ୧୦ରେ ପର୍ଶୁରାମ ଜୟନ୍ତୀ, ସାମୂହିକ ବ୍ରତୋପନୟନ

**ଭବାନୀପାଟଣା,୨୩।୪ (ଉତ୍ତମ କୁମାର ଦାଶ)**

ଆସନ୍ତା ମେ ୧୦ ତାରିଖ ଅକ୍ଷୟ ତୃତୀୟା ତିଥିରେ ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ଭବାନୀପାଟଣା ଅଗ୍ରେସନ ଭବନଠାରେ ପର୍ଶୁରାମ ଜୟନ୍ତୀ ଓ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ସ୍ଥାନୀୟ ଏକ ହୋଟେଲରେ ବ୍ରାହ୍ମଣ ସମାଜ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଜଗନ୍ନାଥ ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସଭାପତି ଗଜେନ୍ଦ୍ର ପାଢ଼ୀ, ସାଧାରଣ ସମ୍ପାଦକ ସତ୍ୟନାରାୟଣ ମହାପାତ୍ର, ସଙ୍ଗଠନ ସମ୍ପାଦକ ଭବେନ୍ଦ୍ର ପଣ୍ଡା, ଟ୍ରଷ୍ଟି ପ୍ରମୋଦ ଖମାରୀ, ପଣ୍ଡିତ ମଙ୍ଗଳୁ ମିଶ୍ର, ସମ୍ପାଦକ ଉମେଶ ପଣ୍ଡା, ପର୍ଶୁରାମ ସେନା ଜିଲା ସଂଯୋଜକ ପ୍ରଶାନ୍ତ ଠାକୁର, ପ୍ରଜ୍ଞା ବାହିନୀର ଜିଲା ସଂଯୋଜିକା ସ୍ନେହଲତା ଷଡ଼ଙ୍ଗୀ, ଭବାନୀପାଟଣା ନଗର ସଭାପତି ସୁରେନ୍ଦ୍ର ପ୍ରସାଦ ନେଗୀ, ସମ୍ପାଦକ ଶେଷଦେବ ମିଶ୍ର, ବରିଷ୍ଠ ସଭ୍ୟ ପ୍ରଭାସ ଚନ୍ଦ୍ର ମିଶ୍ର, ମଳୟ ମୁଣ୍ଡଙ୍କ ସମେତ ଶତାଧିକ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସୁଚିନ୍ତିତ ମତାମତ ଦେଇଥିଲେ। ଉଭୟ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦନ ନିମନ୍ତେ ୯ଟି ଉପକମିଟି ଗଠନ କରାଯାଇଛି। ଆୟୋଜିତ ହେଉଥିବା ମୋଟର ସାଇକେଲ ଶୋଭାଯାତ୍ରାକୁ ଚଳିତ ସାଧାରଣ ନିର୍ବାଚନ ପାଇଁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ମେ ୧୦ରେ ଭଗବାନ ପର୍ଶୁରାମଙ୍କ ପୂଜାର୍ଚ୍ଚନା ଓ ହୋମ ଯଜ୍ଞ ସହ ସାମୂହିକ ବ୍ରତୋପନୟନ ଆୟୋଜନ କରାଯିବ ବୋଲି ଜିଲା ସଭାପତି ଜଗନ୍ନାଥ ମୁଣ୍ଡ ପ୍ରକାଶ କରିଥିଲେ। ବର୍ତ୍ତମାନ ସୁଦ୍ଧା ବ୍ରତୋପନୟନ ନିମନ୍ତେ ୨୨ଜଣ ପଞ୍ଜୀକରଣ କରିଛନ୍ତି। ସର୍ବାଧିକ ୨୫ ଜଣଙ୍କୁ ସାମୂହିକ ବ୍ରତୋପନୟନରେ ସାମିଲ କରାଯାଇ ସମ୍ପୂର୍ଣ୍ଣ ବୈଦିକ ରୀତିରେ ନିଃଶୁଳ୍କ ଉପନୟନ ସଂସ୍କାର କରାଯିବ ବୋଲି ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର ସୂଚନା ଦେଇଛନ୍ତି। ଏଥିନିମନ୍ତେ ମେ ୯ରେ ଚାରିକାର୍ମ ଓ ୧୦ରେ ଯଜ୍ଞ ଉପବିତ ଧାରଣ କାର୍ଯ୍ୟକ୍ରମ ରହିଛି ବୋଲି ସେ କହିଥିଲେ। ସନାତନ ସଂସ୍କୃତିର ସୁରକ୍ଷା ସହ ବିଶ୍ୱ କଲ୍ୟାଣ ଓ ମାନବ ଜାତିର ମଙ୍ଗଳ ନିମନ୍ତେ ବ୍ରାହ୍ମଣ ସମାଜ କାର୍ଯ୍ୟ କରିଆସୁଥିବା ଟ୍ରଷ୍ଟି ପ୍ରମୋଦ ଖମାରୀ ପ୍ରକାଶ କରିଥିଲେ।



ବ୍ରାହ୍ମଣ ସମାଜ ପକ୍ଷରୁ ପର୍ଶୁରାମ ଜୟନ୍ତୀ ପ୍ରସ୍ତୁତି ବୈଠକ।

### ଆମ୍ବେଡକର ଜୟନ୍ତୀ

**ନର୍ଲା/ରୁପ୍ରାରୋଡ,୨୩।୪ (ସନ୍ତୋଷ ପାତ୍ର/ସଞ୍ଜୀବ ଦାସ)**

ଅଲ ଓଡ଼ିଶା ସିଡୁଲକାଷ୍ଟ ଫେଡେରେଶନ ନର୍ଲା ବ୍ଲକ ରେଖପୁର ଶାଖା ତରଫରୁ ରେଖପୁର ଗ୍ରାମଠାରେ ୧୩୩ତମ ଆମ୍ବେଡକର ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ନର୍ଲା ଚାରି ଛକଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ରେଖପୁର ଗ୍ରାମ କମିଟି ସମ୍ପାଦକ ତ୍ରିନାଥ ହରିପାଳ ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ। ଅତିଥିମାନେ ବାବା ସାହେବ ଆମ୍ବେଡକର ଓ ଭଗବାନ ବୁଦ୍ଧଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଦୀପ ପ୍ରଜ୍ୱଳନ କରିଥିଲେ। ସମ୍ବଲପୁରୀ ରଙ୍ଗବତୀ ଗୀତର କଣ୍ଠଶିଳ୍ପୀ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ମୁଖ୍ୟଅତିଥି ଓ ଫେଡେରେଶନ ସଭାପତି ଧନଞ୍ଜୟ ଦିପ, ମହିଳା ବିଭାଗ ସଭାନେତ୍ରୀ ସୁଭଦ୍ରା ଶେକ ଆଜାଦ, ସାଧାରଣ ସମ୍ପାଦକ ଜିତେନ୍ଦ୍ର କର, ଆଇନ ବିଭାଗ ମୁଖ୍ୟ ଛବିଲାଲ ନିହାଲ, ସାମାଜିକ ଉପମୁଖ୍ୟ ଗିରିଜା ବେହେରା, ଚାକିରିଆ ମୁଖ୍ୟ ବିଜୟ ରାଜ ଶିଖା, କେସିଙ୍ଗା ବ୍ଲକ ସଭାପତି ତେଜରାଜ ବେହେରା, ସମ୍ପାଦକ ଜୟ ପ୍ରକାଶ ଜାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

## କଲେଜରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

**କୋକସରା,୨୩।୪ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ପଞ୍ଚାୟତ ସମିତି ଡିଗ୍ରୀ କଲେଜର ଯୁବ ରେଡ୍‌କ୍ରସ୍ ତଥା ରେଡ୍‌ରିବନ କ୍ଲବ ଆନୁକୂଲ୍ୟରେ ଏଡ୍‌ସ ସଚେତନତା ଓ ସ୍ୱେଚ୍ଛାକୃତ ରକ୍ତଦାନ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପୁଷ୍ପରାଜ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଯୁବ ରେଡ୍‌କ୍ରସ୍ ତଥା ରେଡ୍‌ରିବନ କ୍ଲବ ପରାମର୍ଶଦାତା ଅଧ୍ୟାପକ ମୋହନ ଚରଣ ବିଶି, ସମ୍ମାନିତ ଅତିଥି ଏନ୍‌ସିସି କ୍ୟାପ୍‌ଟେନ ଅଶ୍ୱିନୀ କୁମାର ପଟ୍ଟନାୟକ, ଅଧ୍ୟାପିକା ଶୁଭଶ୍ରୀ ସାହୁ ଓ ବେଦମୟୀ ବାରିକ ଯୋଗଦେଇ ଯୁବତୀଯୁବକ ଶୃଙ୍ଖଳିତ ଜୀବନଶୈଳୀ ଆପଣାଇବା ସହ ଯୋଗ୍ୟ ବିବେଚିତ ସମସ୍ତେ ରକ୍ତଦାନ କରିବାକୁ ଆହ୍ୱାନ ଦେଇଥିଲେ। ଯୁବ ରେଡ୍‌କ୍ରସ୍ ପରାମର୍ଶଦାତା ସୁବ୍ରତ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ଅଧ୍ୟାପିକା ଶୁଭଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପୁଷ୍ପିତା ବିଶି, ହୃଦାନନ୍ଦ ମାଝି, ସୁନୀଳ ପ୍ରଧାନୀ, ତପନ ବିଶି, ବିଷ୍ଣୁ ବିଶି, ଲାଲୁ ପ୍ରଧାନୀ, ଉଜାଗର ମାଝି ସହଯୋଗ କରିଥିଲେ।




ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ।

## ମା' ଡୋକାରୀ ଦେବୀଙ୍କ ଚୈତ୍ରଯାତ୍ରା

**କୋକସରା,୨୩।୪ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହାଲ ଗ୍ରାମର ଆରାଧ୍ୟ ଦେବୀ ମା' ଡୋକରୀ ଦେବୀଙ୍କ ଚୈତ୍ର ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାଶିବାହାଲ ଗ୍ରାମ ନିକଟ ଡୋକରୀ ପାହାଡ଼ ଶିଖରରେ ବିରାଜିତ ଦେବୀଙ୍କ ପୀଠରେ ଚୈତ୍ର ଯାତ୍ରା କେଉଁ ଆବାହମାନ କାଳରୁ ପାଳିତ ହୋଇଆସୁଛି। ଚୈତ୍ର ଯାତ୍ରା ଅବସରରେ ସହସ୍ରାଧିକ ଶ୍ରଦ୍ଧାଳୁ ପାହାଡ଼ ଶିଖର ଚଢି ଦେବୀଙ୍କୁ ଦର୍ଶନ କରିଛନ୍ତି। ମା' ଡୋକରୀ ଦେବୀଙ୍କ ଚୈତ୍ର ଯାତ୍ରା ବିଧି ଅନୁସାରେ ପାଳନ କରାଯାଇଛି। ଏହି ଚୈତ୍ର ପର୍ବରେ ମାନସିକଧାରୀ ଶୁକ୍ଳ ଭୋଗ ସହ ବୋଦା, କୁକୁଡ଼ା, ପାରା ବଳି ଦେଇଛନ୍ତି। ଡୋକରୀ ପାହାଡ଼ ସହିତ କାଶିବାହାଲ ଗ୍ରାମର ସଂସ୍କୃତି ପରମ୍ପରା ଜଡିତ ରହିଛି। ତେବେ କୋକସରା ଓ ଜୟପାଟଣା ରାଜସ୍ୱ ବିଭାଗ ପକ୍ଷରୁ ଡୋକରୀ ପାହାଡ଼ରୁ ପଥର ଖନନ ପାଇଁ ଦୀର୍ଘ ବର୍ଷ ହେବ ଅନୁମତି ମିଳିଛି। ଫଳରେ ଏହି ପାହାଡ଼ ଏବେ ତା'ର ପୂର୍ବ ପରିଚୟ ହରାଇ ବସିଛି। ଏହାକୁ ନେଇ ପରିବେଶବିତ୍ ଓ ସ୍ଥାନୀୟ ଜନସାଧାରଣ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିରେ ଗ୍ରାମ୍ୟ କମିଟି ସଭାପତି କିଶୋର ଚନ୍ଦ୍ର ନାଏକ, ଚମ୍ପେଶ୍ୱର ଚଲାନ, ଲୋକନାଥ ଚଣ୍ଡୀ, ପୂଜାରୀ ବିକ୍ରମ ପୂଜାରୀ, ଜଳନ୍ଧର ପାଳି, ଯତୀନ୍ଦ୍ର ଦଳାଇ, ରାମେଶ୍ୱର ଲହଜଲ, ଅଭିମନ୍ୟୁ ପାଳ, କୃପାସିନ୍ଧୁ ନାଏକ ଆଖପାଖ ଅଞ୍ଚଳର ଭକ୍ତ ଓ ଗ୍ରାମବାସୀ ସାମିଲ ହୋଇଥିଲେ।

## ମଧୁମାଧବ ତୀର୍ଥକ୍ଷେତ୍ରରେ ଶ୍ରୀରାମ ନବମୀ ମହୋତ୍ସବ

**କୋକସରା,୨୩।୪ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ସାହାଜଖୋଲ ଜଙ୍ଗଲର ପ୍ରାକୃତିକ ପରିବେଶ ମଧ୍ୟରେ ରହିଛି ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରିଚଞ୍ଚରା। ପୌରାଣିକ କଥା ବହନ କରୁଥିବା ଏହି ସ୍ଥାନ ମଧୁମାଧବ ତୀର୍ଥକ୍ଷେତ୍ର ନାମରେ ପରିଚିତ। ଏଠାରେ ଗତ ୧୬ ତାରିଖରୁ ଚାଲିଥିବା ଶ୍ରୀରାମ ନବମୀ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସପ୍ତାହବ୍ୟାପୀ ଶ୍ରୀରାମ ନାମରେ ଗୁଞ୍ଜରିତ ହୋଇଥିଲା ଏହି ତୀର୍ଥକ୍ଷେତ୍ର।



ମହୋତ୍ସବରେ ଶ୍ରଦ୍ଧାଳୁଙ୍କ ସମାଗମ।

ମଧୁ ମାଧବ ତୀର୍ଥକ୍ଷେତ୍ରରେ ରହିଛି ପ୍ରଭୁ ଶ୍ରୀରାମଙ୍କ ମନ୍ଦିର। ପୌରାଣିକ କଥା ଅନୁସାରେ ପ୍ରଭୁ ଶ୍ରୀରାମ ପିତୃସତ୍ୟ ରକ୍ଷା ପାଇଁ ୧୪ ବର୍ଷ ବନବାସ କରିଥିଲେ। ସେହି ସମୟରେ କିଛି ସମୟ ଏହି ମଧୁମାଧବ ତୀର୍ଥକ୍ଷେତ୍ରରେ ମାତା ସୀତା ଓ ଅନୁଜ ଲକ୍ଷ୍ମଣଙ୍କ ସହ ଅତିବାହିତ କରିଥିଲେ, ଯାହାର ପଦ ଚିହ୍ନ ଆଜି ମଧ୍ୟ ପଥର ଦେହରେ ରହିଥିବା ସ୍ଥାନୀୟ ଲୋକମାନେ ମତ ପ୍ରକାଶ କରନ୍ତି। ଦୀର୍ଘ ୫୨ ବର୍ଷ ହେବ ଏହି ମଧୁ ମାଧବ ତୀର୍ଥକ୍ଷେତ୍ରରେ ଶ୍ରୀରାମ ନବମୀ ମହୋତ୍ସବ ପର୍ଯ୍ୟାୟ କ୍ରମେ ପାଳନ ହୋଇଆସୁଛି। ଏହି ମହୋତ୍ସବକୁ ଗୁଡହାଣ୍ଡି ଉନ୍ନୟନ ସମିତି ପରିଚାଳନା କରି ଆସୁଥିଲା। ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ସୁବ୍ୟବସ୍ଥା, ରହିବା, ଖାଇବା, ପାନୀୟଜଳ, ପାର୍କିଂ ବ୍ୟବସ୍ଥା କରାଯାଇଥିଲା। ଶ୍ରୀରାମ ନବମୀ ମହୋତ୍ସବ ଅବସରରେ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ମହୋତ୍ସବକୁ ଗୁଡହାଣ୍ଡି ଉନ୍ନୟନ କମିଟିର ସଭାପତି ଭଦ୍ରେଶ୍ୱର ପାତ୍ର, କାର୍ଯ୍ୟକାରୀ ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ଉପସଭାପତି ଘନଶ୍ୟାମ ନାଏକ, ଐରି ନାଶନ ଚିନ୍ଦା, ସମ୍ପାଦକ ସୁଧୀର ପାତ୍ର, କାର୍ଯ୍ୟକାରୀ ସମ୍ପାଦକ ନିଳାମ୍ବର ନାଏକ, କୋଷାଧ୍ୟକ୍ଷ ସୁରେଶ ଅଗ୍ରୱାଲ, କାର୍ଯ୍ୟକାରୀ କୋଷାଧ୍ୟକ୍ଷ ଆଦିତ୍ୟ ପଣ୍ଡା, ଉନ୍ନୟନ ସମିତିର ସମସ୍ତ ସଦସ୍ୟ ସମେତ ମହିମା, ଘଣ୍ଟିଗୁଡ଼ା, ଖଲିଗଡ଼, ଗ୍ରାମର ସ୍ୱେଚ୍ଛାସେବୀ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ସେବା ଯୋଗାଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଆମପାଣି ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

# ଭୋଟର ସଚେତନତା ରାଲି

**ବରପାଲି, ୨୩।୪ (ଚିତ୍ତରଞ୍ଜନ ସାହୁ):** ଆଗକୁ ସାଧାରଣ ନିର୍ବାଚନ। ଦେଶର ସମସ୍ତ ଭୋଟର ଯେମିତି ନିଜର ମତଦାନ କରିବେ ସେଥି ପାଇଁ ଭୋଟରମାନଙ୍କୁ ସଚେତନ କରିବା ପାଇଁ ମଙ୍ଗଳବାର ସରକାରୀ ଗଙ୍ଗାଧର ଏନଏସି ହାଇସ୍କୁଲ ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ନିର୍ବାଚନରେ ନିଜ ମତ ଦାନ କରିବା ଏକ ସାମ୍ବିଧାନିକ ଅଧିକାର ଏପରି ବିଭିନ୍ନ ସ୍ଲୋଗାନ ତଥା ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ବାହାରି ଥିଲେ।

# ଲଖମରା ମଣ୍ଡଳ ବିଭିନ୍ନ ଗ୍ରାମରେ ଭାଜପା ପ୍ରାର୍ଥୀଙ୍କ ପ୍ରଚାର

**ପଦ୍ମପୁର, ୨୩।୪ (ପ୍ରଦୀପ୍ତ ଦାଶ):** ବରଗଡ଼ ଜିଲା ପଦ୍ମପୁର ନିର୍ବାଚନମଣ୍ଡଳୀ ଲଖମରା ମଣ୍ଡଳ ଅଧୀନ ସରେଇକେଲା, ବାଦୀକଟା ସମେତ ବିଭିନ୍ନ ଗାଁରେ ଭାଜପାର ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୁଏ ନିର୍ବାଚନ ପ୍ରଚାର କରିଛନ୍ତି। ଭୁଏ ସରେଇକେଲାରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସେଠାରେ ଚାଲିଥିବା ନାମଯଜ୍ଞରେ ସାମିଲ ହୋଇଥିଲେ। କିଛି ଦିନ ପୂର୍ବରୁ ଅଙ୍ଗନଦୀ ବନ୍ଧ ପ୍ରତିରୋଧ କମିଟି ପକ୍ଷରୁ ଭୁଏଙ୍କୁ ୨୮ ଖଣ୍ଡ ମୌଜାର ଲୋକ ବିରୋଧ କରିବେ ବୋଲି ଚର୍ଚ୍ଚା ହୋଇଥିଲା। ମାତ୍ର ଆଜି ଏହି ଅଞ୍ଚଳରେ ନିର୍ବାଚନ ପ୍ରଚାର କରି ସେ ଅତ୍ୟନ୍ତ ଖୁସିବ୍ୟକ୍ତ କରିବା ସହିତ କର୍ମୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।

# ବାସନ୍ତିକ ଚଣ୍ଡୀ ମହୋତ୍ସବ ଉଦ୍‌ଯାପିତ

**ପାଇକମାଳ, ୨୩।୪ (ବଡ ଶତପଥୀ):** ବରଗଡ ଜିଲା ପାଇକମାଳ, ନୃସିଂହନାଥ ନିକଟରେ ଥିବା ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଦୁଇ ଦିନ ଧରି ଚାଲିଥିବା ଚଣ୍ଡୀ ମହୋତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ବିଶାଶହେ କୁଳ କୁଳିତା ସମାଜ ଦ୍ୱାରା ପରିଚାଳିତ ରଣେଶ୍ୱର ରାମ ଚଣ୍ଡୀ ମନ୍ଦିରରେ ସୋମବାର କଳସ ଯାତ୍ରା କରାଯାଇ ୫୧ କଳସ ପୂଜା ପୀଠରେ ସ୍ଥାପନ କରାଯାଇଥିଲା। କର୍ତ୍ତା ଭାବେ ପରମାନନ୍ଦ ଭୋଇ ଓ ଅନିମା ଭୋଇ ଦାୟିତ୍ୱ ତୁଲାଇ ଥିବା ବେଳେ ମିତ୍ରଭାନୁ ଦେବତା, ପୂଜାପାଠ ଓ ଚଣ୍ଡୀପାଠ, ଜପ, ହୋମ ଯଜ୍ଞ କରିଥିଲେ। କୁଳିତା ଜାତିର ପୂଜକ ଉଦ୍ଧବ ଭୋଇ ମନ୍ଦିରରେ ପୂଜା ସହ ଭକ୍ତମାନଙ୍କୁ ଦର୍ଶନ କରାଇଥିଲେ। ମଙ୍ଗଳବାର ଅପରାହ୍ନ ୩ଟାରେ ହୋମ ପୂର୍ଣ୍ଣାହୁତି ପଡିଥିଲା। ଏଥିରେ ଅନେକ ମା'ଭଉଣୀମାନେ ଯୋଗଦେଇଥିଲେ। ପଦ୍ମପୁର କାର୍ଯ୍ୟକାରିଣୀ ସଭାପତି ଯୋଗେନ୍ଦ୍ର ଭୋଇ, ପୂର୍ଣ୍ଣାନନ୍ଦ ଭୋଇ, କୁଳତା ସମାଜ ଯୁବ ସଂଗଠନ ସଭାପତି ଡାବୁଲୁ ବାରିକ, ସମ୍ପାଦକ ଭୁବନେଶ୍ୱର ସା, ଚିତ୍ତରଞ୍ଜନ ପ୍ରଧାନ, ଜଗଦୀଶ ପ୍ରଧାନ, କେଶବ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ବାରିକ ସଂଘ ବ୍ଲକ ସଭାପତିଙ୍କ ବିୟୋଗ

**ବରପାଲି, ୨୩।୪ (ଚିତ୍ତରଞ୍ଜନ ସାହୁ):** ବରପାଲି ବ୍ଲକ ବାରିକ ସଂଘ ସଭାପତି ଗିରିଧାରୀ ବାରିକଙ୍କ ସୋମବାର ସନ୍ଧ୍ୟାରେ ବିୟୋଗ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା । ଖେମେସରା ନିବାସୀ ସ୍ୱର୍ଗତ ବାରିକ ଜଣେ ଦୃଢ଼ ସଙ୍ଗଠକ ରହି ବହୁ ବାର ବ୍ଲକ ସଭାପତି ରହି ଆସିଥିଲେ। ତାଙ୍କ ନାତି ହିମାଂଶୁ ବାରିକ ମୁଖାଗ୍ନି ଦେଇଥିଲେ। ତାଙ୍କ ଏହି ବିୟୋଗ ଖବର ପାଇ ବାରିକ ସଂଘ ବ୍ଲକ ତଥା ବରପାଲି ବାରିକ ସଂଘର ବହୁ ସଦସ୍ୟ ତାଙ୍କ ଶେଷ ଦର୍ଶନ କରି ଅନ୍ତିମ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ତାଙ୍କ ବିୟୋଗ ଯୋଗୁ ମଙ୍ଗଳବାର ବରପାଲି ସହର ସମସ୍ତ ସେଲୁନ ବନ୍ଦ ରହିଥିଲା।

# ପଦ୍ମପୁରରେ ବିଜେଡିର ମିଶ୍ରଣ ପର୍ବ

**ପଦ୍ମପୁର, ୨୩।୪ (ପ୍ରଦୀପ୍ତ ଦାଶ):** ପଦ୍ମପୁର ବିଜୁ ଜନତା କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶଧାରାରେ ଅନୁପ୍ରାଣିତ ହୋଇ ପଦ୍ମପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବୁଡାମାଲ ପଞ୍ଚାୟତ ଶତାଧିକ ଭାଜପା ପୁରୁଷ ଓ ମହିଳା କର୍ମୀ ବିଧାୟିକା ବର୍ଷାସିଂ ବରିହାଙ୍କ ନେତୃତ୍ୱରେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳ ବରିଷ୍ଠ ନେତା ପ୍ରଶାନ୍ତ ମହାନ୍ତି, ରାଜୁ ଘିବେଲା, ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ଟାଉନ ସଭାପତି ନବ କିଶୋର ସାହୁ, ପାକ୍ସ ସଭାପତି ମହେଶ୍ୱର ପୁରୀଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ବ୍ୟାଙ୍କ ଡକାୟତିର ପର୍ଦ୍ଦାଫାଶ

ବରଗଡ଼, ୨୩।୪
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ବରପାଲି ସହରସ୍ଥିତ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଡକାୟତି ଘଟଣାର ପର୍ଦ୍ଦାଫାଶ ହୋଇଛି। ପୋଲିସ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବଲାଙ୍ଗୀର ଜିଲା ସଦର ଥାନା ଡୁଡୁକାସିରା ଗ୍ରାମର ଅମିତ ଦାଶ(୩୯)ଙ୍କୁ ଗିରଫ କରିଛି। ସେ ନିଜକୁ ପ୍ରେମପ୍ରକାଶ ପଣ୍ଡା, ଗୁରୁଦେବ ମୁଣ୍ଡା, ବିଷ୍ଣୁ ଦାଶ, କରନ, ପଣ୍ଡିତ ଜୀ, ବସ୍, କଫଲା ଆଦି ନାମରେ ପରିଚୟ ଦେଉଥିଲେ ବୋଲି ପୋଲିସ କହିଛି। ତାଙ୍କ ପାଖରୁ ନଗଦ ୪ ଲକ୍ଷ ୨୬ ହଜାର ଟଙ୍କା, ଏକ ଦେଶୀ ପିସ୍ତଲ ସମେତ ଦାମୀକାର୍, ବାଇକ୍, ମିନିଟ୍ରକ, ପିକଅପ୍ ଭ୍ୟାନ ଆଦି ଜବତ ହୋଇଛି। ଅନ୍ୟଜଣେ ଅଭିଯୁକ୍ତଙ୍କୁ ପୋଲିସ ଖୋଜାଖୋଜି କରୁଛି। ବରପାଲି ଥାନାରେ ଦଫା ୩୯୨, ୨୫,୨୭ ଆର୍ମସ୍ ଆକ୍ଟରେ ଏକ ମାମଲା (ନଂ.୧୫୦/୨୦୨୪) ରୁଜୁ ହୋଇଛି। ମଙ୍ଗଳବାର ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସପି ପି.ଏସ୍ ମୀନା ସୂଚନା ଦେଇ କହିଥିଲେ, ଗତ ୧୮ତାରିଖ ଉପରୋକ୍ତ ବ୍ୟାଙ୍କର କିଛି କର୍ମଚାରୀ ମଧ୍ୟାହ୍ନ ଭୋଜନ ପାଇଁ ବାହାରକୁ ଯାଇଥିବାବେଳେ ୨ଜଣ କର୍ମଚାରୀ ବ୍ୟାଙ୍କ ଶଟର୍ ଅଧା ପକାଇ ଭିତରେ ଖାଉଥିଲେ। ସେତେବେଳେ ଗିରଫ ଅଭିଯୁକ୍ତଙ୍କ ସହିତ ଅନ୍ୟଜଣେ ଶଟର୍ ଉଠାଇ ବ୍ୟାଙ୍କ ଭିତରକୁ ପଶି ଶଟର୍ ବନ୍ଦ କରିଦେଇଥିଲେ। ବ୍ୟାଙ୍କ ଭିତରେ ରହିଥିବା ୨କର୍ମଚାରୀଙ୍କୁ ଅଭିଯୁକ୍ତମାନେ ପିସ୍ତଲ ମୁନରେ ଭୟଭୀତ କରି କାଉଣ୍ଟରରେ ଥିବା ୯ ଲକ୍ଷ ୨୬ହଜାର ଟଙ୍କା ଲୁଟି ନେଇ ଫେରାର୍ ହୋଇ ଯାଇଥିଲେ। ଏ ନେଇ ଏତଲା ପାଇବା ପରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଏସପିଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଏସପିଙ୍କ ସମେତ ବରଗଡ଼ ଟାଉନ ଥାନା ଏବଂ ବରପାଲି ଥାନା ଆଇଆଇସିଙ୍କ ନେତୃତ୍ୱରେ ୪ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ସୋମବାର ମୁଖ୍ୟ ଅଭିଯୁକ୍ତ ଅମିତ୍ ପୋଲିସ ଜାଲରେ ପଡ଼ିଥିଲା। ତାଙ୍କ ପାଖରୁ ନଗଦ ୪ଲକ୍ଷ ୨୬ ହଜାର ଟଙ୍କା, ଦେଶୀ ପିସ୍ତଲ ସମେତ ଫୋର୍ଡ଼ ଇକୋ ସ୍ପୋର୍ଟ୍ସ କାର୍, ଟାଟା ଏସିଇ ଗାଡ଼ି (ନଂ.ଓଡ଼ି୧୭ୱାଇ ୪୪୭୧), ଟାଟା ମିନିଟ୍ରକ (ନଂ. ଓଡ଼ି୦୨ବିସି ୯୭୨୧), ଡଷ୍ଟର୍ କାର୍ (ଓଡ଼ି୦୨ଏଫ ୪୨୩୩), ହିରୋ ସ୍ପ୍ଲେଣ୍ଡର ପ୍ଲସ୍(ନଂ. ଓଡ଼ି୩୧କେ ୩୪୯୭) ଜବତ ହୋଇଛି। ଗତବର୍ଷ ମେ ୮ତାରିଖ ବରଗଡ଼-କଟାପାଲି ରାସ୍ତାରୁ ୪୮କି.ଗ୍ରା ଗଞ୍ଜେଇ ଜବତ ଘଟଣାରେ ମଧ୍ୟ ଅମିତ ମୁଖ୍ୟ ଅଭିଯୁକ୍ତ ଥିଲେ ବୋଲି ଏସପି ମୀନା କହିଛନ୍ତି। ଏସପି ଆହୁରି କହିଛନ୍ତି, ଗଞ୍ଜେଇ ଜବତବେଳେ ଅନ୍ୟ ଜଣେ ଅଭିଯୁକ୍ତ ବରଗଡ଼ ସଦର ଥାନା ସହରାପାଲିର ସାରଥୀ ନାଗ ଗିରଫ ହୋଇଥିବାବେଳେ ସେହି ସମୟରେ ଅମିତ ଖସି ଯାଇଥିଲେ। ଅନ୍ୟପଟେ ସେତେବେଳେ ଏସୟୁଭି-୫୦୦ ଗାଡ଼ି(ନଂ-ଓଡ଼ି୦୨ଡି ୦୦୨୩), ବୋଲେରୋ (ନଂ.ଓଡ଼ି୧୭ୱାଇ ୧୧୧୯), ୨ୱାକିଟକି, ୪ଗୁଳି, ମୋବାଇଲ ଆଦି ଜବତ ହୋଇଥିଲା। ଏସପି ମୀନା କହିଛନ୍ତି, ମୁଖ୍ୟ ଅଭିଯୁକ୍ତ ଅମିତଙ୍କ ଅପରାଧ ତାଲିକା ବହୁତ ଲମ୍ବା। ୨୦୦୫ରୁ ଏପର୍ଯ୍ୟନ୍ତ ତାଙ୍କ ବିରୋଧରେ ୨୪ରୁ ଊର୍ଦ୍ଧ୍ୱ ଲୁଟ୍, ହତ୍ୟା, ଡକାୟତି ଭଳି ଅପରାଧିକ ମାମଲା ରୁଜୁ ହୋଇଛି। କେବଳ ଓଡ଼ିଶା ନୁହେଁ, ପଡ଼ୋଶୀ ଛତିଶଗଡ଼କୁ ମଧ୍ୟ ତାଙ୍କ ଅପରାଧ ଲମ୍ବିଛି। ବରଗଡ଼, ବଲାଙ୍ଗୀର, ସୋନପୁର, ସମ୍ବଲପୁର, କନ୍ଧମାଳ ଜିଲା ସମେତ ଛତିଶଗଡ଼ର ବରମକେଲା ଥାନାରେ ଅମିତଙ୍କ ବିରୋଧରେ ମାମଲା ରହିଛି। ଇତିମଧ୍ୟରେ ସେ ୧୧ବର୍ଷରୁ ଅଧିକ କାରାଦଣ୍ଡ ଭୋଗି ସାରିଛନ୍ତି। ବଲାଙ୍ଗୀର ଜିଲା ସଦର ଥାନାରେ ରୁଜୁ ହୋଇଥିବା ଏକ ହତ୍ୟା ମାମଲାରେ ସେ ୩ ବର୍ଷ ଏବଂ ଛତିଶଗଡ଼ ବରମକେଲା ଥାନା ଅଞ୍ଚଳର ଏକ ଗହଣା ଦୋକାନରେ ୩କି.ଗ୍ରା ୫୦୦ଗ୍ରାମ ସୁନା ଅଳଙ୍କାର ଡକାୟତି ମାମଲାରେ ୮ବର୍ଷ ଜେଲରେ ଥିଲେ। ଜେଲରୁ ବାହାରିବା ପରେ ସେ ପୁଣି ଅପରାଧ ଘଟାଇବା ଏବଂ ଏଭଳି ଜଣେ ଅପରାଧୀଙ୍କୁ ଧରିବା ପୋଲିସର ଏକ ବଡ଼ ସଫଳତା ବୋଲି ଏସପି ମୀନା କହିଛନ୍ତି।




ପୋଲିସ ସହ ମୁଖ୍ୟ ଅଭିଯୁକ୍ତ। ଜବତ ପିସ୍ତଲ, ଟଙ୍କା, ୱାକିଟକି, ମୋବାଇଲ ।

**ମୁଖ୍ୟ ଅଭିଯୁକ୍ତ ଗିରଫ**

- ପିସ୍ତଲ ସହିତ ନଗଦ ୪.୨୬ଲକ୍ଷ ଜବତ
- ଦାମୀଗାଡ଼ି, ୱାକିଟକି, ମୋବାଇଲ ଜବତ
- ୧୧ବର୍ଷ କାରାଦଣ୍ଡ ଭୋଗିଛନ୍ତି ଅଭିଯୁକ୍ତ

# ଟୁଙ୍ଗିବନ୍ଧଲି ଗାଁରେ ପ୍ରାକ୍ ନିର୍ବାଚନୀ ହିଂସା, ୨ ମାମଲା ରୁଜୁ

ସୋହେଲା, ୨୩।୪
( ଅଶ୍ୱିନୀ କୁମାର ପାତ୍ର)

ବରଗଡ଼ ଜିଲା ସୋହେଲା ବ୍ଲକ ଟୁଙ୍ଗିବନ୍ଧଲି ଗାଁରେ ପ୍ରାକ ନିର୍ବାଚନୀ ହିଂସା ଘଟିଛି। ଏ ନେଇ ଉଭୟ ପକ୍ଷରୁ ଥାନାରେ ମାମଲା ରୁଜୁ ହୋଇଛି। ଘଟଣାରୁ ପ୍ରକାଶ ଯେ, ସୋମବାର ସନ୍ଧ୍ୟାରେ ଭାଜପା ବିଧାୟକ ପ୍ରାର୍ଥୀଙ୍କ ମା' ଏବଂ କିଛି କାର୍ଯ୍ୟକର୍ତ୍ତା ଟୁଙ୍ଗିବନ୍ଧଲି ଗାଁକୁ ଏକ ପୂଜା କାର୍ଯ୍ୟକ୍ରମରେ ଆସିଥିଲେ। ସେଠାରୁ ଫେରିବା ସମୟରେ ଗାଁର କାର୍ତ୍ତିକ ନାଗ ଏବଂ ଅନନ୍ତ ବାରିକଙ୍କ ସହ କିଛି ମହିଳା ତାଙ୍କ ଗାଡିକୁ ଅଟକାଇ ରତ୍ନାବତି ଦୀପଙ୍କୁ ଜାତିଆଣ ଆକ୍ଷେପ ସହ ଟଣାଓଟରା କରିଥିଲେ। ଦିଲୀପ ବାବା ବୋଲି ଜଣଙ୍କୁ ମା' ମାରିଥିଲେ, ତଥା ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ବୋଲି ରତ୍ନାବତୀ ଏତଲାରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରୁ ଟୁଙ୍ଗିବନ୍ଧଲି ଗାଁର ସୈଳସୁତା ବରିହା ଏକ ପାଲଟା ଏତଲା ଦେଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ଭାଜପା ପ୍ରାର୍ଥୀଙ୍କ ମା' ଏବଂ ଅନ୍ୟ କିଛି ମହିଳା ପୁରୁଷ ଭୋଟ ପ୍ରଚାର ପାଇଁ ତାଙ୍କ ଘରକୁ ଆସି ଭୋଟ ଦେବା ପାଇଁ କହିଥିଲେ। ସେ ମନା କରିବାରୁ ତାଙ୍କୁ ଜାତିଆଣ ଆକ୍ଷେପ କରି ଧମକ ଦେଇଥିଲେ। ସୋହେଲା ଥାନାରେ ୨ଟି ପୃଥକ୍ ମାମଲା (ନଂ. ୧୧୧ ଏବଂ ୧୧୨) ରୁଜୁ ହୋଇଛି।

# ପ୍ଲାଷ୍ଟିକ ପ୍ରଦୂଷଣ ନିୟନ୍ତ୍ରଣକୁ ଗୁରୁତ୍ୱ



ରୁଚିଦା ହାଇସ୍କୁଲରେ ଧରିତ୍ରୀ ଦିବସ ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା ।

ବରଗଡ଼, ୨୩।୪
(ପ୍ରେମାନନ୍ଦ ଖମାରୀ)

**ଧରିତ୍ରୀ ଦିବସ ପାଳନ**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ରୁଚିଦାସ୍ଥିତ ପୁରୁଷୋତ୍ତମ ହାଇସ୍କୁଲରେ ମଙ୍ଗଳବାର ଧରିତ୍ରୀ ଦିବସ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ଅଜୟ କୁମାର ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଇକୋ କ୍ଲବ ଶିକ୍ଷକ ସୁବୋଧ ଭୋଇ ଧରିତ୍ରୀ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ପ୍ରଧାନଶିକ୍ଷକ ମେହେର ପରିବେଶ ଉପରେ ପ୍ଲାଷ୍ଟିକ ପ୍ରଦୂଷଣର କୁପ୍ରଭାବ ଉପରେ ଛାତ୍ରୀଛାତ୍ରଙ୍କୁ ଧାରଣା ଦେଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ଏଥିରେ ଆଦ୍ୟାଶା ପ୍ରଧାନ ପ୍ରଥମ, ରୋଜି ସା ଦ୍ୱିତୀୟ ଏବଂ ପୂଜା ସାହୁ ତୃତୀୟ ହୋଇଥିଲେ । କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ପ୍ରଭାତ ନାଏକ, ବଲରାମ ରଣା, ଶିକ୍ଷୟିତ୍ରୀ ରୀନା କୁମାରୀ ମେହେର, ତନୟା ଡନସନା, ମେନକା ସୁନାଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ଇକୋକ୍ଲବ, ବିଜ୍ଞାନ କ୍ଲବର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

ସେହିପରି ଭୁକ୍ତାସ୍ଥିତ ଜନତା ସରକାରୀ ହାଇସ୍କୁଲରେ ଧରିତ୍ରୀ ଦିବସ ପାଳିତ ହୋଇଥିଲା । ଏଠାରେ ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ନାୟକ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଅନୁଷ୍ଠିତ ବୈଠକରେ ଇକୋକ୍ଲବର ମାର୍ଗଦର୍ଶକ ଶିକ୍ଷକ ସଞ୍ଜୟ ଖମାରୀ, ଶିକ୍ଷକ ତେଜରାମ ସା, ରାଧେଶ୍ୟାମ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ । ଇକୋକ୍ଲବର ମାର୍ଗଦର୍ଶକ ଖମାରୀ ଧରିତ୍ରୀ ଦିବସ ପାଳନର ଉଦ୍ଦେଶ୍ୟ, ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହିତ ପ୍ଲାଷ୍ଟିକ ପ୍ରଦୂଷଣର ପ୍ରତିକୂଳ ପ୍ରଭାବ ଉପରେ ବକ୍ତବ୍ୟ ରଖିଥିଲେ । ପ୍ରଧାନଶିକ୍ଷକ ନାୟକ ଏବଂ ଶିକ୍ଷକ ସା ଚଳିତବର୍ଷର ବିଷୟବସ୍ତୁ ପୃଥିବୀ ବନାମ୍ ପ୍ଲାଷ୍ଟିକ ବିଷୟରେ ଛାତ୍ରୀଛାତ୍ରଙ୍କୁ ଧାରଣା ଦେଇଥିଲେ । ଏହି ଅବସରରେ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାରେ କରିସ୍ମା ପଟେଲ, ଆଦ୍ୟାଶା ଭୋଇ, ମୁନା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲେ । କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ, ହୋମି ଭାବା ବିଜ୍ଞାନ କ୍ଲବ ଏବଂ ଶକ୍ତି କ୍ଲବର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ । ଶିକ୍ଷକ ତେଜରାମ ସା, ଆଶୁତୋଷ ଭୋଇ, ସୁବାସ ଚନ୍ଦ୍ର ଖମାରୀ, ଅମୂଲ୍ୟ ଭୋଇ, ଅଙ୍କିତ ମହନ୍ତ, ପଦ୍ମଲୋଚନ ବିଶି ସହଯୋଗ କରିଥିଲେ । ଶିକ୍ଷକ ରାଧେଶ୍ୟାମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ହାତଗୋଡ଼ ବାନ୍ଧି ଲୁଟ୍

**ଅତାବିରା, ୨୩।୪ (ହୃଷିକେଶ ଖମାରୀ)**

ବରଗଡ଼ ଜିଲା ଅତାବିରା ଥାନା ଶୁକଟାପାଲିରେ ସୋମବାର ବିଳମ୍ବିତ ରାତ୍ରିରେ ଡକାୟତ ହୋଇଥିବା ଅଭିଯୋଗ ହୋଇଛି। ଘର ଜଗିଥିବା ଡୋଲାମଣି ସେଠଙ୍କ ହାତଗୋଡ଼ ବାନ୍ଧି ଦୁର୍ବୃତ୍ତମାନେ ଏଭଳି କାଣ୍ଡ ଭିଆଇଛନ୍ତି। ତେବେ ଦୁର୍ବୃତ୍ତମାନେ ଘରେ ସେଭଳି କିଛି ନ ପାଇ କେବଳ ନଗଦ ୨ ହଜାର ଟଙ୍କା ଏବଂ ଏକ ରୂପାମୁଦ୍ରା ନେଇ ଫେରାର୍ ହୋଇଯାଇଛନ୍ତି। ଏ ନେଇ ଥାନାରେ ପୋଲିସ ଏକ ମାମଲା (ନଂ.୧୬୫/୨୪) ରୁଜୁ କରି ତଦନ୍ତ କରୁଛି। ପ୍ରକାଶ ଯେ, ଶୁକଟାପାଲି ଗ୍ରାମର ଦିଲୀପ ପ୍ରଧାନ ସପରିବାର ଗତ ୧୬ ତାରିଖରୁ ମାଉଣ୍ଟଆବୁ, ବ୍ରହ୍ମକୁମାରୀ ପରିଦର୍ଶନରେ ଯାଇଛନ୍ତି। ଦିଲୀପ ଗ୍ରାମର ଡୋଲାମଣି ସେଠଙ୍କୁ ଘର ଜଗିବାକୁ କହିଥିଲେ। ଡୋଲାମଣି ରାତିରେ ଦିଲୀପଙ୍କ ଘର କବାଟ ଦେଇ ଶୋଇଥିଲେ। ବିଳମ୍ବିତ ରାତିରେ ୩ଜଣ ଦୁର୍ବୃତ୍ତ ପାଚେରି ଡେଇଁ ଘର ଭିତରକୁ ପଶିଥିଲେ। ଘର ଭିତରେ ଶୋଇଥିବା ଡୋଲାମଣି ପାଟି କରିବାରୁ ଦୁର୍ବୃତ୍ତମାନେ ଭୁଜାଲି ଦେଖାଇ ଭୟଭୀତ କରିବା ସହିତ ସେ ଟାଙ୍ଗିଥିବା ମଶାରୀ ଏବଂ ଅନ୍ୟ ଦଉଡ଼ିରେ ଖଟିଆରେ ତାଙ୍କୁ ବାନ୍ଧି ଡକାୟତି କରିଥିଲେ। ଦୁର୍ବୃତ୍ତମାନେ କିଛି ନ ପାଇ ନଗଦ ୨ ହଜାର ଟଙ୍କା ଏବଂ ଏକ ରୂପାମୁଦ୍ରା ଧରି ଫେରାର୍ ହୋଇଯାଇଥିଲେ। ଡୋଲାମଣି ଦାନ୍ତରେ କାମୁଡ଼ି ଦଉଡ଼ି ଛିଣ୍ଡାଇ ମୁକ୍ତ ହୋଇଥିଲେ ଏବଂ ନିଜ ବଡ଼ଭାଇ ସନ୍ତୋଷଙ୍କୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବିନ୍ଧ୍ୟା ବାସିନୀ ଦେବୀଙ୍କ ଡଙ୍ଗର ଯାତ୍ରା

**ଭେଡେନ, ୨୩।୪ (ସୁଦନ ମହାକୁର)**

ବରଗଡ ଜିଲା ଭେଡେନ ବ୍ଲକ ସଂକ୍ରୀଡ଼ା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ବିନ୍ଧ୍ୟାବାସିନୀଙ୍କ ଚୈତ୍ର ପୂର୍ଣ୍ଣିମା ଯାତ୍ରା ତଥା ଡଙ୍ଗର ଯାତ୍ରା ସଂକ୍ରୀଡ଼ାସ୍ଥିତ ମା' ବିନ୍ଧ୍ୟବାସିନୀ ପାହାଡ଼ରେ ଥିବା ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ଅସରରେ ଭୋର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମା'ଙ୍କ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମା'ଙ୍କ ଛତ୍ରର ସ୍ଥାନୀୟ ଅଞ୍ଚଳରେ ପୂଜା ପାଇ ଭୋର ସକାଳୁ ପୀଠକୁ ପହଞ୍ଚିବା ପରେ ବିଧି ମୁତାବକ ପ୍ରଥମେ ଅକ୍ତା ପତ୍ରି ପୂଜା ଆରମ୍ଭ ହୋଇ ମଧ୍ୟାହ୍ନରେ ଚଣ୍ଡୀପାଠ, ହୋମଜଜ୍ଞ ଓ ଅପରାହ୍ନରେ ତାମସିକ ପୂଜା ଅନୁଷ୍ଠିତ ହୋଇଥିଲା। ପରେ ମା'ଙ୍କ ନିକଟରେ ବଳି ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧି ମୁତାବକ ଝରାପାଲି ଗ୍ରାମର ଗହ୍ମାବୁକା ନାମିତ ପ୍ରଥମ ବଳି ମା'ଙ୍କ ନିକଟରେ ଅର୍ପଣ କରାଯାଇଥିଲା। ମାନସିକଧାରୀ ଆଣିଥିବା ବୁକା ବଳି ଦିଆଯାଇଥିଲା। ଏହି ବଳି ପର୍ବରେ ଶହ ଶହ ବୋଦା ଏବଂ ନାଗଙ୍କ ରକ୍ତରେ ପୀଠ ରକ୍ତ ରଞ୍ଜିତ ହୋଇଥିଲା। ପୂଜକ ବା ଝାଙ୍କର ଉଦ୍ଧବ ଧରେଇ ମା'ଙ୍କ ପୂଜା କରିଥିବାବେଳେ ପଣ୍ଡିତ ଉଦିତ ବେହେରା ଚଣ୍ଡୀ ପାଠ, ହୋମ ଆଦି ଅନ୍ୟାନ୍ୟ ପୂଜା କରିଥିଲେ। ଦୁର୍ଗା ପ୍ରସାଦ ପୁରୋହିତ ମା'ଙ୍କ ଛତ୍ର ପୂଜା କରିଥିଲେ। ଏହି ଉତ୍ସବରେ ଥୁଆପାଲି/ଝରାପାଲି ଜୋତି କ୍ଲବ, ଲିଓ କ୍ଲବ, ଲାୟନ୍ସ କ୍ଲବ, ବଣିକ କ୍ଲବ, ବଣିକ ସଂଘ, ଭେଡେନ କୋଶଳ ସେନା, ଗୌଶାଳା ସମ୍ଭବ ପ୍ରୟାସ ଲାୟନ୍ସ କ୍ଲବ ସମେତ ଅନେକ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ସ୍ୱେଚ୍ଛସେବୀମାନେ ଅନ୍ନକୋଟ, ସର୍ବତ, ଥଣ୍ଡାପାଣି, ଖିରି, ଦହି ସର୍ବତ, ଅନେକ ପ୍ରକାରର ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏହି ଅସରରେ ଝରାପାଲି, ସାରସ ପାଲି, ସଂକ୍ରୀଡ଼ା, ଲୋଇସିର, ଟାଙ୍ଗର ପାଲି ଅନେକ ସ୍ଥାନୀୟ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ରକ୍ତ ରଞ୍ଜିତ ହେଲା ବିନ୍ଧ୍ୟା ବାସିନୀ ପୀଠ**



# ରୀତାଙ୍କ ବିରୋଧରେ ମେଳି



ବିରୋଧୀ ମେଳିରେ ଉପସ୍ଥିତ ଲୋକେ ।

**ବରଗଡ଼, ୨୩।୪ (ପ୍ରେମାନନ୍ଦ ଖମାରୀ)**

ସାଧାରଣ ନିର୍ବାଚନକୁ ନେଇ ଘଡ଼ିକୁ ଘୋଡ଼ା ଛୁଟୁଛି। ଦଳ ବଦଳ ଲାଗି ରହିଥିବାବେଳେ ପ୍ରାର୍ଥିତ୍ୱକୁ ନେଇ ମଧ୍ୟ ଦଳୀୟ କନ୍ଦଳ ପଦାରେ ପଡୁଛି। ମଙ୍ଗଳବାର ବରଗଡ଼ ଜିଲା ବିଜେପୁର ନିର୍ବାଚନ ମଣ୍ଡଳୀରେ ଏଭଳି ପରିଲକ୍ଷିତ ହୋଇଥିଲା। ବିଜେପୁର ବିଧାନସଭା ଆସନ ପାଇଁ ବିଜେଡ଼ି ପୁଣିଥରେ ମନ୍ତ୍ରୀ ରୀତା ସାହୁଙ୍କୁ ଦଳୀୟ ପ୍ରାର୍ଥିଭାବେ ଘୋଷଣା କରିଛି । ଅନ୍ୟପଟେ ଏହାକୁ ନେଇ ଦଳର ଅନ୍ୟଏକ ଗୋଷ୍ଠି ଅସନ୍ତୋଷ ପ୍ରକାଶ କରି ଏହାର ପୁନର୍ବିଚାର କରିବାକୁ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିବେଦନ କରିଛନ୍ତି । ଏହି କ୍ରମରେ ବିଜେପୁର ବ୍ଲକ ବୋଡ଼ାପାଲି ଗ୍ରାମରେ ଅସନ୍ତୁଷ୍ଟ ଗୋଷ୍ଠିଙ୍କ ମେଳି ହୋଇଥିଲା । ଏଥିରେ ଦେବାନନ୍ଦ ଗଡ଼ତୀୟା, ସରପଞ୍ଚ ସବିତା ସାହୁ, ଜୟକୃଷ୍ଣ ଦଣ୍ଡସେନା, ବିରୋସନ ସାହୁ, ଗୁରୁ ମେହେରଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ସମଲେଶ୍ୱରୀଙ୍କ ମହାସ୍ନାନ, ମହତୀ ଭୋଗ ଅର୍ପଣ

ବରଗଡ଼, ୨୩।୪
(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ଗ୍ରାମ୍ୟଦେବୀ ମା' ସମଲେଶ୍ୱରୀଙ୍କ ମହାସ୍ନାନ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ୪ଟା ୫ ମିନିଟରେ ମା'ଙ୍କ ପହଡ଼ ଭାଙ୍ଗିବା ପରେ ସ୍ୱତନ୍ତ୍ର ପୂଜା ଆରମ୍ଭ ହୋଇଥିଲା। ପ୍ରାତଃ ୪ଟା ୫୮ ମିନିଟ୍‌ରୁ ଭକ୍ତମାନଙ୍କ ଦ୍ୱାରା ମା'ଙ୍କ ଜଳାଭିଷେକ ଆରମ୍ଭ ହୋଇଥିଲା। ସକାଳୁ ମନ୍ଦିର ପରିସରରେ ଭକ୍ତମାନଙ୍କ ଲମ୍ବାଧାଡ଼ି ଦେଖିବାକୁ ମିଳିଥିଲା। ହଜାର ହଜାର ଭକ୍ତ ଗରା, ବାଲଟିରେ ପାଣି, ଦୁଧ, ପଣା ଢ଼ାଳି ପୂଣ୍ୟ ଅର୍ଜନ କରିବାର ସୌଭାଗ୍ୟ ଲାଭ କରିଥିଲେ। ମା'ଙ୍କ ଏହି ଜଳାଭିଷେକ ବର୍ଷକରେ କେବଳ ଚୈତ୍ର ପୂର୍ଣ୍ଣିମାରେ ଅନୁଷ୍ଠିତ ହେଉଥିବାବେଳେ ଏହ ଦିନକୁ ଭକ୍ତମାନେ ବହୁ ଆଗ୍ରହ ସହକାରେ ଅପେକ୍ଷା କରିଥିଲେ। ଦେବୀ ସମଲେଶ୍ୱରୀ ହେଉଛନ୍ତି ମାତା ପାର୍ବତୀଙ୍କ ସ୍ୱରୂପ। ତେଣୁ ମାତା ପାର୍ବତୀଙ୍କୁ ଚୈତ୍ର ପୂର୍ଣ୍ଣିମାରେ ଜଳାଭିଷେକ କରାଗଲେ ସମଗ୍ର ପୃଥିବୀ ଶୀତଳୀକରଣ ହୋଇଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ଫଳରେ ମା'ଙ୍କ ଜଳାଭିଷେକ ପାଇଁ ମନ୍ଦିରରେ ସେଭଳି ଭିଡ଼ ପରିଲକ୍ଷିତ ହୋଇଥିଲା। ଅପରାହ୍ନ ୨ଟା ୩୦ରେ ଜଳାଭିଷେକ ସମ୍ପନ୍ନ ହୋଇଥିଲା। ସ୍ୱତନ୍ତ୍ର ଆଳତି ପରେ ସେହି ପାଣିକୁ ଭକ୍ତଙ୍କ ଉଦ୍ଦେଶ୍ୟରେ ଛଡ଼ା ଯାଇଥିଲା। ଭକ୍ତମାନେ ମା' ସ୍ନାନ କରିଥିବା ସେହପାଣିକୁ ସଂଗ୍ରହ କରି ଘରକୁ ନେଇଥିଲେ ଏବଂ ଶିଶୁମାନଙ୍କୁ ସେହି ପାଣିରେ ଗାଧୋଇଥିଲେ। ସେହି ପାଣିରେ ସ୍ନାନ କଲେ ରୋଗତାପରୁ ଶିଶୁମାନଙ୍କୁ ମୁକ୍ତି ମିଳେ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ମନ୍ଦିରରେ ସପ୍ତଶତୀ ଚଣ୍ଡୀପାଠ ସହିତ ମା'ଙ୍କ ବାସନ୍ତୀକ ପୂଜାର ପୂର୍ଣ୍ଣାହୁତି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଚଣ୍ଡୀ ପାଠକ ପଣ୍ଡିତ ଚୂଡ଼ାମଣି ରଥ, ପୁରୋହିତ ପଣ୍ଡିତ ଶିବ ଦାଶ, ପଣ୍ଡିତ ବିଘ୍ନରାଜ ଦାଶ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ମନ୍ଦିର ପୂଜକ ରତ୍ନାକର ଝାଙ୍କର, କ୍ଷୀରୋଦ୍ର ଝାଙ୍କର, କର୍ତ୍ତା ନରେନ୍ଦ୍ର ଦାଶ, ଜୟପ୍ରକାଶ ଦାଶ, ପଣ୍ଡିତ ରାଜା ଦାଶ ପ୍ରମୁଖ ପୂଜାରେ ସହଯୋଗ କରିଥିଲେ। ସେହିପରି ମା' ସମଲେଶ୍ୱରୀ ହେଉଛନ୍ତି ବାସ୍ନାଭୋଗୀ। ସେଥିପାଇଁ ଚୈତ୍ର ପୂର୍ଣ୍ଣିମା ତିଥିରେ ମା'ଙ୍କଠାରେ ମହାଭୋଗ ଅର୍ଥାତ ମହତୀ ଭୋଗ ଲାଗି ହୋଇଥିଲା। ଛେନାପୋଡ଼, ରସଗୋଲା, ଜିଲାବି, ଆରିସା, ଶାକରପଟି, ରାଶି ଲଡ୍ଡୁ, ରସବରା, ବୁନ୍ଦି, କଦଳୀ, ଅଙ୍ଗୁର ଆଦି ୬୧ପ୍ରକାର ମିଷ୍ଟାନ୍ନ ତଥା ଫଳମୂଳ ଅର୍ପଣ କରାଯାଇଥିଲା। ମା'ଙ୍କୁ ମହାଭୋଗ ଅର୍ପଣ କରାଯିବା ସହିତ ପରେ ଭକ୍ତମାନଙ୍କୁ ସେହି ମହାଭୋଗ ପ୍ରସାଦ ଆକାରରେ ଦିଆଯାଇଥିଲା। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସସ୍ତ୍ରୀକ ଜଳାଭିଷେକରେ ସାମିଲହୋଇ ମାତୃକୃପା ଲାଭ କରିଥିଲେ। ସେହିପରି ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଜିଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫ, ପୌରାଧ୍ୟକ୍ଷା କଳ୍ପନା ମାଝି ପ୍ରମୁଖ ଜଳାଭିଷେକରେ ସାମିଲ ହୋଇଥିଲେ। ମନ୍ଦିର ଟ୍ରଷ୍ଟବୋର୍ଡ଼ ପକ୍ଷରୁ ଭକ୍ତମାନଙ୍କ ପାଇଁ ପାନୀୟଜଳ, ଛାଉଣୀ ବ୍ୟବସ୍ଥା କରାଯାଇଥିଲା।



ମହାସ୍ନାନରେ ସାମିଲ ହେବାକୁ ଭକ୍ତଙ୍କ ଲମ୍ବାଧାଡ଼ି ।

## ସଂକ୍ଷେପରେ

### ଗୁଣାତ୍ମକ ଶିକ୍ଷାର ବିକାଶକୁ ଗୁରୁତ୍ୱ

**ବରଗଡ଼,୨୩।୪(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲାରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଜିଲା ବିଜ୍ଞାନ କେନ୍ଦ୍ରରେ ମଙ୍ଗଳବାର ଏକ ମାନସ ମନ୍ଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ(ଡିଇଓ) ରାଧାକାନ୍ତ ଛତ୍ରୀଙ୍କ ଅଧ୍ୟକ୍ଷତାରେ ଏବଂ ଜିଲା ବିଜ୍ଞାନ ନିରୀକ୍ଷକ ଧିରୋଜ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଇନିଂ ଷ୍ଟାର୍, ଷ୍ଟେପ୍ ଅଫ୍ ସେଭେନ, ବିଜ୍ଞାନ ଭିତ୍ତିକ ପୁସ୍ତକ ଏକ୍ସପେରେନ୍ସିଆର ରୂପରେଖ ଏବଂ ଗ୍ରୀଷ୍ମ ଅବକାଶରେ ଛାତ୍ରୀଛାତ୍ରଙ୍କୁ ଅନଲାଇନ୍ ଶିକ୍ଷାଦାନ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବିଷୟରେ ଅଭିଜ୍ଞ ୪୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଜିଲାରେ କିଭଳି ଗୁଣାତ୍ମକ ଶିକ୍ଷାର ବିକାଶ ହୋଇ ପାରିବ, ସେ ଉପରେ ସେମାନେ ନିଜ ମତ ରଖିଥିଲେ ।

### ସୁନ୍ଦରଗଡ଼ ଜେଏନ୍‌ଭିରେ ଚକ୍ଷୁ ପରୀକ୍ଷା,କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ

**ଲେଫ୍ରିପଡା,୨୩।୪(ଦେଶରଞ୍ଜନ ପଟେଲ):** ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକର ଜିଙ୍କନଗର ସ୍ଥିତ ପିଏମଶ୍ରୀ ନବୋଦୟ ବିଦ୍ୟାଳୟରେ ଦୁଇ ଦିନ ଧରି ଚକ୍ଷୁ ପରୀକ୍ଷା ଏବଂ କ୍ୟାରିଅର କାଉନ ସେଲିଂ କରାଯାଇଛି। ଏଥିରେ ତ୍ରିଲୋଚନ ନେତ୍ରାଳୟ ପକ୍ଷରୁ ଶିଳବ୍ରତ ପଣ୍ଡା, ଡିଲେଶ୍ୱରୀ ଦୀପ, କ୍ରିତିକା ବେହେରା, ଷ୍ଟାଲିନ ଧଳ ଥିଲେ। ପ୍ରଥମ ଦିନରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରି ସୁରକ୍ଷା ଦିଗରେ ବିଭିନ୍ନ ପରାମର୍ଶ ପ୍ରଦାନ କରି ଥିଲେ। ଦ୍ୱିତୀୟ ଦିନରେ ତ୍ରିଲୋଚନ ନେତ୍ରାଳୟର ପ୍ରତିଷ୍ଠାତା ଡା. ଶିବପ୍ରସାଦ ସାହୁ, ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ସାହୁ ଓ ବିଭାଗୀୟ ମୁଖ୍ୟ ସ୍ଥିରତା ଯୋଗ ଦେଇ ଦ୍ୱାଦଶ ଛାତ୍ରୀଛାତ୍ରମାନଙ୍କୁ ବ୍ୟାଚଲର ଅପଟୋମେଟ୍ରି ଉପରେ ନିଜ କ୍ୟାରିୟର ଗଠନ ପାଇଁ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଏଥିରେ ଜେଏନଭି ଅଧ୍ୟକ୍ଷ ତାପସ କୁମାର ଚଟୋପାଧ୍ୟାୟ ସମସ୍ତ ଅତିଥି ଏବଂ ସ୍ୱାସ୍ଥ୍ୟକର୍ମଚାରୀଙ୍କୁ ସ୍ୱାଗତ ଜଣାଇବା ସହିତ କାର୍ଯ୍ୟକ୍ରମ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ଜେଏନଭି ଷ୍ଟାପନର୍ସ ଟି. ଏନ ହାଉକିପ ଓ ପି. କେ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟ ପକ୍ଷରେ ଏହି କାର୍ଯ୍ୟକ୍ରମରେ ଜେଏନଭିର ସମସ୍ତ କର୍ମଚାରୀ ସହଯୋଗ ଦିଗରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

### ବାଇକ ସହ ୨୯ କେଜି ଗଞ୍ଜେଇ ଜବତ, ଅଭିଯୁକ୍ତ ଫେରାର

**ବାଉଁଶୁଣୀ,୨୩।୪ (ଦେବାଶିଷ ନେପାକ):** ମଙ୍ଗଳବାର ବୌଦ୍ଧ ଜିଲା ଝାରକଟା ଗ୍ରାମ ରାସ୍ତାରୁ ବାଇକ୍ ସହ ଗଞ୍ଜେଇ ଜବତ କରିଛି ବାଉଁଶୁଣୀ ପୋଲିସ । ପ୍ରକାଶ ଯେ, ସକାଳେ ବାଇକ୍ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ପୋଲିସ ଝାରକଟା ଗ୍ରାମ ରାସ୍ତାରେ ଜଗି ରହିଥିଲା । ଏହି ସମୟରେ ରାସ୍ତାରେ ଆସୁଥିବା ଏକ ବାଇକ୍‌କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିବା ସମୟରେ ଚାଳକ କୌଶଳକ୍ରମେ ଫେରାର ହୋଇ ଯାଇଥିଲେ । ବାଇକ୍‌ରେ ଏକ ବସ୍ତାରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା । ପୋଲିସ ବାଇକ୍ ଓ ଗଞ୍ଜେଇକୁ ଜବତ କରି ଥାନାକୁ ଆଣିଥିଲା । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କଲା ପରେ ୨୯ କେଜି ୩୦୦ ଗ୍ରାମ ଗଞ୍ଜେଇ ଥିଲା ।



ବରଗଡ଼ ରାଣାପ୍ରତାପ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା ।




ଅତାବିରା ବାଳିକା ହାଇସ୍କୁଲ ଛାତ୍ରୀଙ୍କ ସଚେତନତା ଶୋଭାଯାତ୍ରା ।

# ଶୋଭାଯାତ୍ରାରେ ମତଦାନ ସଚେତନତା

**ବରଗଡ଼/ଅତାବିରା,୨୩।୪ (ପ୍ରେମାନନ୍ଦ ଖମାରୀ/ହୃଷିକେଶ ଖମାରୀ)**

ବରଗଡ଼ ରାଣାପ୍ରତାପ ହାଇସ୍କୁଲରେ ମଙ୍ଗଳବାର ମତଦାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ସ୍କୁଲରୁ ସ୍ଥାନୀୟ ଭଟଲି ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ବାହାରି ସଚେତନତା ସୃଷ୍ଟି କରିଥିଲେ। ଏହା ସହିତ ଏକ ସଭାରେ ଗଣତନ୍ତ୍ରକୁ ମଜଭୁତ୍ କରିବା ପାଇଁ ମତଦାତାଙ୍କ ଭୂମିକା କିଭଳି ଗୁରୁତ୍ୱପୂର୍ଣ୍ଣ, ସେ ଉପରେ ସାମାଜିକ କର୍ମୀ ଅର୍ଜୁନ ସେଟ୍ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷୟିତ୍ରୀ ନିଳିମା ପ୍ରଧାନ, ଜ୍ୟୋତି ବେହେରା, ବବିତା ନାଏକ, ଦୀପିକା କୁଲୁ, ତପସ୍ୱିନୀ ତ୍ରିପାଠୀ, ଶିକ୍ଷକ ଗୋପବନ୍ଧୁ ପୁରୋହିତ, ସୁନୀତା ମିଶ୍ର, ଗୀତା ଜାଲ ପ୍ରମୁଖ ମତଦାନ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ସେହିପରି ଅତାବିରା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଏବଂ ବାଳକ ବିଦ୍ୟାଳୟ ପକ୍ଷରୁ ପୃଥକ ଭାବେ ମତଦାନ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ବେହେରା, ଶିକ୍ଷୟିତ୍ରୀ ଅଂଶୁମାଳା ମିଶ୍ର, ମଞ୍ଜୁବାଳା ଦାଶ, ସବିତା ଭୋଇ, ବିନୋଦିନୀ ଭୋଇ, ଯୋଗେଶ୍ୱରୀ ବେଦଶାସ୍ତ୍ରୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ଶୋଭାଯାତ୍ରାରେ ଅତାବିରା ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ। ବାଳକ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ମନୋଜ ହରିପାଲ, ଖେଳ ଶିକ୍ଷକ ଲବ ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା।

### ନିର୍ବାଚନ ସଚେତନତା ରାଲି

**ପଦ୍ମପୁର,୨୩।୪(ପ୍ରଦୀପ୍ତ ଦାଶ):** ବରଗଡ଼ ଜିଲା ପଦ୍ମପୁର ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟରେ ଜିଲା ପ୍ରଶାସନ ଆନୁକୂଲ୍ୟରେ ନିର୍ବାଚନ ସମ୍ପର୍କିତ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ରାଲିରେ ଅଭିଭାବକ ଅଭିଭାବିକା ଏବଂ ସମାଜର ଅନ୍ୟାନ୍ୟ ନାଗରିକମାନେ କିପରି ସାଧାରଣ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରି ସେମାନଙ୍କ ଭୋଟଦାନ କରିବେ ଏବଂ ଭାରତର ସର୍ବବୃହତ ଗଣତନ୍ତ୍ରର ଅଂଶୀଦାର ହେବେ ସେଥି ନିମନ୍ତେ ରାଲିରେ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଲୋକମାନଙ୍କୁ ଜାଗ୍ରତ ଓ ଅଭିପ୍ରେରିତ କରାଯାଇଥିଲା। ଏହାପରେ ବିଦ୍ୟାଳୟରେ ନିର୍ବାଚନ ସଚେତନତା ନିମନ୍ତେ ବକ୍ତୃତା ଓ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବରିଷ୍ଠ ନାଗରିକ ନିରୋଜ ଦୋରା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲୋଭାଦିନୀ ସାହୁ, ଅଭିଳାଷ ସାହୁ, ମୋହନ ବନଛୋର, ପ୍ରଭାସିନି ସା, ତୃପ୍ତିମୟୀ ଝଗରା, ରୁଦ୍ରାଙ୍ଗଦ ବାରିକ, ପ୍ରୀତିରଶ୍ମି ସେଠ, ମଧୁସ୍ମିତା ବର୍ଗେ, ହରେକୃଷ୍ଣ ମେହେର, ସଂଗ୍ରାମ କେଶରୀ ଦୀପ, ଅମୃତା ବାରିକ, ଚନ୍ଦନ ନାୟକ, ଅମ୍ବିକା ରଥ, ଅଳକାଶ୍ରୀ ପଣ୍ଡା, ଚନ୍ଦ୍ରାଶେଖର ଭୋସାଗର, ସୁନୀତା ଖମାରୀ, ଦୀପକ କୁମାର ତିୱାରୀ, କୃଷ୍ଣଚନ୍ଦ୍ର ପଧାନ ଓ ନିରୁପମା ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ବିଜେଡି ପକ୍ଷରୁ ମହିଳା ସମାବେଶ




**କୋଲାବିରା, ୨୩।୪(ଚିନ୍ମୟ ବହିଦାର)**

କୋଲାବିରା ବ୍ଲକ ଅନ୍ତର୍ଗତ ସମାସିଂହା ହାଇସ୍କୁଲ ପଡିଆରେ ବିଜେଡି ପକ୍ଷରୁ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ବିଧାୟିକା ପ୍ରାର୍ଥିନୀ ସୁଶ୍ରୀ ଦିପାଲି ଦାସ ଓ ବରଗଡ ଲୋକ ସଭା ପ୍ରାର୍ଥିନୀ ପରିନିତା ମିଶ୍ର ଓ ଅନ୍ୟ ବରିଷ୍ଠ ଦଳୀୟ କର୍ମୀ ଦିପ ପ୍ରଜ୍ୱୋଳନ କରିଥିଲେ। ସ୍ୱର୍ଗତ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କ ପ୍ରଚେଷ୍ଟାସ୍‌ରେ ଏହି ଅଞ୍ଚଳର ରୋଡ, ରାସ୍ତା ଶିକ୍ଷାସ୍ୱାସ୍ଥ୍ୟ ସହ ଅଞ୍ଚଳର ଲୋକଙ୍କ ସୁବିଧା ସୁଯୋଗକୁ ଆଖି ଆଗରେ ରଖି ପ୍ରତ୍ୟେକ ଛକଠାରେ କଲ୍ୟାଣ ମଣ୍ଡପ ତିଆରି କରି ବିକାଶ ମୂଳକ କାର୍ଯ୍ୟ କରିଥିଲେ। ତାଙ୍କର ଏହି ଅଞ୍ଚଳର ସମସ୍ତଙ୍କ ସହ ଯେଉଁ ବ୍ୟକ୍ତିସମ୍ପର୍କ ସ୍ଥାପନ କରିଥିଲେ ତାହା କେବେ ଭୂଲିହେବ ନାହିଁ। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ମାନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରି ଯେଉଁ ସମ୍ମାନ ପ୍ରଦାନ କରିଛନ୍ତି ତାହା ମହିଳା ସଶକ୍ତିକରଣର ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଜନସାଧାରଣଙ୍କ ଗହଣରେ ରହି ଏହି ଅଞ୍ଚଳର ବିକାଶ ମୂଳକ କାର୍ଯ୍ୟ ପାଇଁ ପ୍ରତିବଦ୍ଧ ଅଟେ ବୋଲି ଦିପାଲି କହିଛନ୍ତି। ଗ୍ୟାସ, ପେଟ୍ରୋଲ ଓ ପନିପରିବା ଦରଦାମ ବୃଦ୍ଧିକୁ ନେଇ ବିରୋଧୀଙ୍କୁ କଡା ଜବାବ ଜେବାବ ମାଗିଥିଲେ। ଏହି ବିଶାଳ ସମାବେଶରେ ଜିଲା ସଭାପତି ରବି ସିଂ, ସୁଶାନ୍ତ ମିଶ୍ର, ଜିଲା ମହିଳା ସଭାନେତ୍ରୀ ରୋଜାଲିନ ପଟେଲ, କୋଲାବିରା ବ୍ଲକ ଅଧ୍ୟକ୍ଷ ଭୋଜରାଜ ପଟେଲ, ଜିଲା ପରିଷଦ ସଦସ୍ୟ ନୃପାଲାଲ ପଶାୟତ, ପୂର୍ବତନ ବ୍ଲକ ଅଧକ୍ଷା ଜୟନ୍ତି ବାହୁକଙ୍କ ସହ ବ୍ଲକସ୍ତରୀୟ ଜନପ୍ରତିନିଧି ମଞ୍ଚାସୀନ ଥିଲେ। ଏହି ସଭା ତୁଲାରାମ ସେନାପତି ପରିଚାଳନା କରିଥିଲେ। ସଭାରେ ହଜାର ହଜାର ମହିଳା ପୁରୁଷ ଦଳୀୟ କର୍ମୀ ସମାବେଶ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦିପାଲି ଦାସ ଓ ପରିନିତା ମିଶ୍ର ଜିନ୍ଦାବାଦରେ ଅଞ୍ଚଳ ଗୁଞ୍ଜି ଉଠିଥିଲା।

# ବିଶ୍ୱ ଧରିତ୍ରୀ ଦିବସ ପାଳିତ

**ସରଣ୍ଡା,୨୩।୪(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଭୁକ୍ତ ପାହାଡ଼ଶିରଗୀଡ଼ାର ଖ୍ରୀଷ୍ଟିଆନପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ହୋସନାରା ବେଗଙ୍କ ସଭାପତିତ୍ୱରେ ମାଉଣ୍ଟ ଏକ୍ସପ୍ଲୋର ପକ୍ଷରୁ ମଙ୍ଗଳବାର ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପର୍ବତାରୋହୀ ଆଶୀର୍ବାଦ ମହାପାତ୍ର ଯୋଗଦେଇ ବିଶ୍ୱ ଉତ୍ତାପନ ଓ ଏହାର କୁପ୍ରଭାବ, ଜଳବାୟୁ ପରିବର୍ତ୍ତନ, ବୃକ୍ଷ ରୋପଣ, ଜଙ୍ଗଲ ସୁରକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ଏଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ। ପଶୁ ପକ୍ଷୀ ସୁରକ୍ଷା କିପରି କରିବା ଛାତ୍ର ଛାତ୍ରୀ ମାନଙ୍କୁ ଭଲ ଭାବରେ ବୁଝାଇଥିଲେ। ଆଦର୍ଶ ମହାପାତ୍ର ଓ ମୁନା ନାଏକ ବର୍ଜ୍ୟବସ୍ତୁ ପରିଚଳନା ଓ ପରିବେଶ ସୁରକ୍ଷା ସମ୍ପର୍କୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୬୩ଜଣ ଛାତ୍ରୀଛାତ୍ର ଯୋଗଦେଇଥିବା ବେଳେ ଶିକ୍ଷକ ବୀଣାପାଣି କୁମ୍ଭାର, ସୁଶାନ୍ତି ସୁରିନ ଓ ଝରଣା ନାଏକ ପ୍ରମୁଖ ସକ୍ରୀୟ ଅଂଶଗ୍ରହଣ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।




ବିଶ୍ୱ ଧରିତ୍ରୀ ଦିବସ ପାଳନ ଅବସରରେ ଛାତ୍ରୀଚତ୍ରାଙ୍କ ସହ ଅତିଥି।

### ସୋହେଲା ଓକିଲ ସଂଘ କାର୍ଯ୍ୟକର୍ତ୍ତାଙ୍କ ସମର୍ଥନ ଲୋଡିଲେ ଭାଜପା ପ୍ରାର୍ଥୀ

**ସୋହେଲା, ୨୩।୪( ଅଶ୍ୱିନୀ କୁମାର ପାତ୍ର):** ବରଗଡ଼ ଭାଜପା ଲୋକ ସଭା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଏବଂ ଭଟଲି ବିଧାୟକ ପ୍ରାର୍ଥୀ ଇରାସିସି ଆଚାର୍ଯ୍ୟ ସୋହେଲା ଓକିଲ ସଂଘ କାର୍ଯ୍ୟାଳୟକୁ ଯାଇ ନିଜ ସପକ୍ଷରେ ସମର୍ଥନ ଭିକ୍ଷା କରିଥିଲେ। ଉଭୟ ପ୍ରାର୍ଥୀଙ୍କ ବ୍ୟତିତ ଗିର୍ଜେଶ ଖାଡେଙ୍ଗା, ପୂର୍ବତନ ବିଧାୟକ ମହମ୍ମଦ ରଫିକ, ଦିବ୍ୟକିଶୋର ଭୋଇ ଉପସ୍ଥିତ ଥିଲେ। ଓକିଲ ସଂଘ ପକ୍ଷରୁ ସଂଘ ସଭାପତି ସୁନିଲ ଅଗ୍ରାଲ, ବରିଷ୍ଠ ସଦସ୍ୟ ସୁରେନ୍ଦ୍ର ପଣ୍ଡା, ପ୍ରେମରାଜ ଅଗ୍ରାଲ, କୁଞ୍ଜ ବିହାରୀ ସାହୁ, ରୋହିତ ଦେବତା, ରବୀନ୍ଦ୍ର ସାହୁ, ନିତୀଶ ଆଚାର୍ଯ ପ୍ରମୁଖ ଉପସ୍ଥିତ ରହି ଅଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# କୁଲତା ସମାଜ ପକ୍ଷରୁ ବାସନ୍ତିକ ଚୈତ୍ର ପର୍ବ ପାଳନ

**ଝାରବନ୍ଧ,୨୩।୪(ଦେବେନ୍ଦ୍ର ସାହୁ)**

ଝାରବନ୍ଧ ବ୍ଲକ କୁଲତା ସମାଜ ପକ୍ଷରୁ ବାସନ୍ତିକ ଚୈତ୍ରପର୍ବ ଝାରବନ୍ଧ ହାଟପଦାଠାରେ ପାଳିତ ହୋଇଯାଇଛି। ସ୍ଥାନୀୟ ପୋଖରୀରୁ ୧୦୮ ପୂର୍ଣ୍ଣକଳସ ଆଣି ପୂଜାସ୍ଥଳରେ ସ୍ଥାପନ କରାଯାଇଥିଲା। ପୂଜକ ଅଶୋକ କୁମାର ପ୍ରଧାନ ଓ ଗଣେଶ ଭୋଇ କୁଲତା ସମାଜର ଇଷ୍ଟଦେବୀ ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ଝାରବନ୍ଧ ବ୍ଲକର ଗୌଡ଼ମାଳ, କୋତନା,ଚଣ୍ଡୀଭଟା, ଭଣ୍ଡାରପୁରୀ, ଛୋଟ ଅନକି, କେନ୍ଦ୍ରରୁ ଶହ ଶହ ସଂଖ୍ୟାରେ ପୁରୁଷ ମହିଳା ଯୋଗଦାନ କରିଥିଲେ। ବ୍ଲକ ସଭାପତି ବାସୁଦେବ ପ୍ରଧାନଙ୍କ ସଭାପତିତ୍ୱରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ତୁଳସୀରାମ ପ୍ରଧାନ, ହେମସାଗର ସାହୁ, ତୁଲାରାମ ଭୋଇ, ଉପେନ୍ଦ୍ର ବାରିକ, ଗୋପବନ୍ଧୁ ସାହୁ, ହେମନ୍ତ ସାହୁ, ବିଜୟକେତନ ପ୍ରଧାନ ଯୋଗଦାନ କରି ସମାଜର ଶିକ୍ଷା ସଂସ୍କୃତି, ତଥା ସମାଜର ଯୁବପିଢ଼ିର ଉନ୍ନତି ନିମନ୍ତେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।ବ୍ଲକ ସମ୍ପାଦକ ଶ୍ୟାମସୁନ୍ଦର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଅମ୍ରିତା ବିଶ୍ୱାଳଙ୍କୁ ଜିଲା କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା



**ଝାରସୁଗୁଡ଼ା,୨୩।୪ (ସଞ୍ଜୟ ମାଲି)**

ଝାରସୁଗୁଡା ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ପୁରୁଣା ବସଷ୍ଟାଣ୍ଡ ପାଖ କଂଗ୍ରେସ କାର୍ଯ୍ୟାଳୟରେ ଝାରସୁଗୁଡା ବିଧାନସଭା କଂଗ୍ରେସ ପ୍ରାର୍ଥିନୀ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ଅମ୍ରିତା ବିଶ୍ୱାଳଙ୍କୁ ଜିଲା କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସଭାରେ ଜିଲା କଂଗ୍ରେସ ସଭାପତି ସୁବ୍ରତ ପ୍ରଧାନ ସହ ପୂର୍ବତନ ସଭାପତି ଭରତ ଅବସ୍ଥି, ଜୀବନ ସାର୍ଥକ ଦାସ, ଅଜୁ ବାରିକ ଏବଂ ସହରର ଅନେକ କଂଗ୍ରେସ କର୍ମୀ ଉପସ୍ଥିତ ରହି ଅମ୍ରିତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ଅମିତା ବିଶ୍ୱାଳ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି। ଗତ ଦୁଇଦିନ ତଳେ ଘୋଷଣା ହେବା ପରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟା ୩୦ରେ କଂଗ୍ରେସ ପ୍ରାର୍ଥିନୀ ଝାରସୁଗୁଡ଼ା ପହଞ୍ଚିଥିଲେ। ଝାରସୁଗୁଡ଼ା ପହଞ୍ଚିବା ପରେ ପ୍ରଥମେ ତାଙ୍କୁ ଦଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେ ନିକଟସ୍ଥ ଗାନ୍ଧି ମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ନିଜ ବକ୍ତବ୍ୟରେ ଏଆଇସିସି ଅଧକ୍ଷ ମଲ୍ଲୀକା ଅର୍ଜୁନ ଖଡ଼ଗେ, ପୂର୍ବତନ ସଭାପତି ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧି ଏବଂ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସମେତ ସମସ୍ତ କଂଗ୍ରେସ ନେତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଝାରସୁଗୁ ଥିବା ସମସ୍ୟା ଯେମିତିକି ସ୍ୱାସ୍ଥ୍ୟ, ଶିକ୍ଷା ଓ ବେକାରୀକୁ ମୁଦ୍ଦା କରି ନିର୍ବାଚନୀ ମଇଦାନକୁ ଓହ୍ଲେଇବେ ବୋଲି କହିଥିଲେ।

# ନୃସିଂହନାଥରେ ବୈଶାଖ ମେଳା ପାଇଁ ପୋଷ୍ଟର ଉନ୍ମୋଚନ



**ପାଇକମାଳ, ୨୩।୪(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳ ନୃସିଂହନାଥରେ ଆସନ୍ତା ମେ ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମୋତ୍ସବ ତଥା ପ୍ରସିଦ୍ଧ ବୈଶାଖ ମେଳା ଅନୁଷ୍ଠିତ ହେବାକୁ ଯାଉଛି। ଏଥି ପାଇଁ ମଙ୍ଗଳବାର ମନ୍ଦିର ମୁଖ୍ୟ ଦ୍ୱାର ସମ୍ମୁଖରେ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ନୃସିଂହନାଥ, ମାର୍ଜାର କେଶରୀ ବିଚାରାଳୟ ବିଚାରପତି ସୁବୋଧ ପଣ୍ଡା, ବୈଶାଖ ମେଳା କମିଟି ସଦସ୍ୟ ତଥା ପଦ୍ମପୁର ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ବଡ଼ ଶତପଥୀ ଓ ଗୌରାଙ୍ଗଚରଣ ଦାସ ପ୍ରମୁଖ ଉପସ୍ଥିତ ରହି ମହାପ୍ରଭୁଙ୍କ ଜନ୍ମୋତ୍ସବ ଓ ବୈଶାଖ ମେଳାର ପ୍ରଚାର ପ୍ରସାର ପାଇଁ ଏବଂ ଜନସାଧାରଣଙ୍କ ଅବଗତି ନିମନ୍ତେ ପୋଷ୍ଟର ଉନ୍ମୋଚନ କରିଛନ୍ତି। ଚଳିତ ବର୍ଷ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଆଖି ଆଗରେ ରଖି ନୃସିଂହନାଥରେ ପ୍ରସ୍ତୁତି ଯୋରସୋରରେ ଚାଲିଛି।

# ନିର୍ବାଚନ ପରିଚାଳନା ପାଇଁ ଜିଲାପାଳଙ୍କ ପରାମର୍ଶ

**ଝାରସୁଗୁଡ଼ା, ୨୩।୪ (ସଞ୍ଜୟ ମାଲି)**

ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଧିକାରୀମାନେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶିକା ଅନୁସାରେ ନିରପେକ୍ଷ, ଅବାଧ ତଥା ସ୍ୱଚ୍ଛତାର ସହ ନିର୍ବାଚନ ପରିଚାଳନା ପାଇଁ ଜିଲାପାଳ ଆବୋଲୀ ସୁନୀଲ ନରୱଣେ ପରାମର୍ଶ ଦେଇଛନ୍ତି। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ପ୍ରିଜାଇଡିଂ ଓ ପ୍ରଥମ ପୋଲିଂ ଅଧିକାରୀମାନଙ୍କ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଜିଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷ ଓ ପ୍ରେକ୍ଷାଳୟ, ଜିଲା ପରିଷଦ ସଭାବନା ଗୃହ, ସଂସ୍କୃତି ଭବନ, ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟ ଓ ଲଖନପୁରରେ ଚଳିତ ୨୨ରୁ ଆସନ୍ତା ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ବେଳେ ୩୧୯୦ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ପ୍ରଶିକ୍ଷଣ ନେଉଥିବା ଅଧିକାରୀମାନଙ୍କ ମଧ୍ୟରେ ନୂଆ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।



# ମଞ୍ଚସ୍ଥ ହେଲା ଗୟା ତୀର୍ଥ, ସୀତା ଚୋରି

**ଭଡେନ,୨୩।୪ (ସୁଦନ ମହାକୁର)**

**ଗଣ୍ଡତୁରୁମ ରାମଲୀଳା ଯାତ୍ରାର ପଞ୍ଚମ ଦିବସ**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଗଣ୍ଡତୁରୁମ ଗ୍ରାମର ଗଣପର୍ବ ରାମଲୀଳା ଯାତ୍ରା ମଙ୍ଗଳବାର ପଞ୍ଚମ ଦିବସରେ ପହଞ୍ଚିଛି। ପୌରାଣି କଥାବସ୍ତୁ ଆଧାରରେ ସୀତୀଚୋରି ନାଟକ ମଞ୍ଚସ୍ଥ ହୋଇଛି। ଭରତ ମିଳନ ପରେ ରାମ, ଲକ୍ଷ୍ମଣ, ସୀତା ଘୋର ଅରଣ୍ୟକୁ ଗମନ କରିଛନ୍ତି। ବାଟରେ ଗୟାତୀର୍ଥର ଇତିବୃତ ଜାଣିବା ପରେ ପୂର୍ବ ପୁରୁଷଙ୍କୁ ପିଣ୍ଡ ଦାନ କରି ବ୍ରାହ୍ମଣଙ୍କ ଦ୍ୱାରା ଦକ୍ଷିଣା ଦେଇ ନ ପାରି ଲାନଛିତ ହୋଇଛନ୍ତି। ସେଠାବରୁ ବିଭିନ୍ନ ତପସ୍ୱୀମାନଙ୍କ ପରାମର୍ଶ କ୍ରମେ ପଞ୍ଚବଟୀ ବଣରେ କୁଟୀର ନିର୍ମାଣ କରି ବସତି ସ୍ଥାପନ କରିଛନ୍ତି। ରାବଣର ଭଉଣୀ ସୂର୍ପଣଖା ପରିଭ୍ରମଣ ଉଦ୍ଦେଶ୍ୟରେ ବାହାରି ଗୋଦାବରୀ ନଦୀରେ ମାନବର ପାଦ ଚିହ୍ନ ଦେଖି ଆଶ୍ଚର୍ଯ୍ୟ ହୋଇଛି ଏବଂ ରାମ, ଲକ୍ଷ୍ମଣଙ୍କୁ ବିବାହର ପ୍ରସ୍ତାବ ଦେଇଛି। କିନ୍ତୁ ଏଥିରେ ସେମାନେ ରାଜି ନ ହେବାରୁ ସୂର୍ପଣଖା ରାଗିଯାଇ ସୀତାଙ୍କୁ ଆକ୍ରମଣ କରିବାର ପ୍ରୟାସ କରିଛି। ଏହା ଦେଖି ରାମ ରାକ୍ଷସୀର ନାସା, କର୍ଣ୍ଣ ଛେଦନ କରି ସୌନ୍ଦର୍ଯ୍ୟ ବିଗାଡ଼ି ଦେବାକୁ ଚିଟାଉ ମାଧ୍ୟମରେ ଲକ୍ଷ୍ମଣଙ୍କୁ ସୂଚିତ କରିଛନ୍ତି। ରାମଚନ୍ଦ୍ରଙ୍କ ଆଦେଶ ପାଇ ଲକ୍ଷ୍ମଣ ସୂର୍ପଣଖାର ନାସାକର୍ଣ୍ଣ ଛେଦନ କରିଛନ୍ତି। ନିଜର ସୌନ୍ଦର୍ଯ୍ୟତା ହରାଇ ରାକ୍ଷସୀ ରୋଦନ କରିବା ସହିତ ଖର,ଦୂଷଣ ଏବଂ ତ୍ରିଶିର ରାକ୍ଷସଙ୍କୁ ରାମ, ଲକ୍ଷ୍ମଣଙ୍କୁ ବିନାଶ କରିବା ପାଇଁ ପଠାଇଛି। ମାତ୍ର ସେମାନେ ରାମଙ୍କ ଶରାଘାତରେ ମୃତ୍ୟୁବରଣ କରିଛନ୍ତି। ସୂର୍ପଣଖା ଏହା ଦେଖି ଭୀତତ୍ରସ୍ତ ହୋଇ ପଳାୟନ କରିଛି। ଶେଷରେ ମହା ବଳଶାଳୀ ତ୍ରୀପୁର ବିଜୟୀ ଭାଇ ରାବଣ ନକଟକୁ ଯାଇ ସମସ୍ତ ବିଷୟ ପ୍ରକାଶ କରିଛି। ରାମ, ଲକ୍ଷ୍ମଣଙ୍କୁ କଳେବଳେ ଦୂରେଇ ଦେଇ ସୀତାଙ୍କୁ ଅପହରଣ ପାଇଁ ନିବେଦନ କରିଛି। ସେଠାରୁ ରାବଣ ନଜର ପୁଷ୍ପକ ବିମାନରେ ପଦର୍ପଣ କରି ସୀତାଚୋରୀରେ ନିଜର ମାତୁଳ ମାରୀଚର ସାହାଯ୍ୟ ଲୋଡ଼ିଛି। ରାମଙ୍କ କୁଟୀର ନିକଟରେ ମାୟା ମୃଗର ରୂପ ନେଇ ରାମ, ଲକ୍ଷ୍ମଣଙ୍କୁ ଘୋର ବନକୁ ଯିବାର ଷଡ଼ଯନ୍ତ୍ର କରିଛି। ତେବେ ରାବଣର ଯୋଜନା ଅନୁସାରେ ରାମ, ଲକ୍ଷ୍ମଣ ମୃଗର ଅନ୍ୱେଷଣରେ ଚାଲିଯିବା ପରେ ଏକାକୀ ପାଇ ରାବଣ ଭିକ୍ଷା ଗରିବା ଛଳରେ ସୀତାଙ୍କୁ ଚୋରି କରିବା ଆଦି ଦୃଶ୍ୟ ଅଭିନିତ ହୋଇଥିଲା। ଚଳିତବର୍ଷ ରାମଲୀଳା ନାଟକ ୧୨୩ ବର୍ଷରେ ପଦାର୍ପଣ କରିଥିବା ବେଳେ ନାଟ୍ୟକାର ମାଗୁଣି ମହଲଙ୍କ ରଚିତ ଓ ପରମେଶ୍ୱର ପଧାନଙ୍କ ନିର୍ଦ୍ଦେଶନାରେ ଶ୍ରୀ ରାମଶ୍ୱରୀ କଳା ପରିଷଦର କଳାକାରମାନେ ନିଖୁଣ ଭାବରେ ପୌରାଣିକ କଥାବସ୍ତୁ ଅନୁଯାୟୀ ଚରିତ୍ରଗୁଡ଼ିକ ପ୍ରଦର୍ଶନ କରିଥିଲେ।

